নିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ...


ଖୁବ୍ ଶୀଘ୍ର ଆସୁଛି

ସାଗରିକା

(ବିଷୁବ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ

ମଧ୍ୟ ଉପଲବ୍ଧ...

website : sagarika.in.net



ବାଲେଶ୍ୱର ❑ ରବିବାର ୧୯ ଏପ୍ରିଲ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 19 April 2026

Vol.No. 36 ■ No.103 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


# ହର୍ମୁଜ ପ୍ରଣାଳୀକୁ ପୁଣି ବନ୍ଦ କଲା ଇରାନ

## ଭାରତୀୟ ପତାକା ବହନକାରୀ ଟ୍ୟାଙ୍କର ସମେତ ୨ଟି ଜାହାଜ ଉପରେ ଗୁଳିଚାଳନା



ନୂଆଦିଲ୍ଲୀ, ୧୮/୪ : ଆମେରିକା-ଇରାନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ହର୍ମୁଜ ପ୍ରଣାଳୀ ବିବାଦର କେନ୍ଦ୍ର ହୋଇ ରହିଛି। ଇରାନ ଆନୁଷ୍ଠାନିକ ଭାବରେ ହର୍ମୁଜ ପ୍ରଣାଳୀକୁ ପୁନଃ ଖୋଲିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରିନେଇଛି। ଇରାନର ମିଳିତ ସାମରିକ କମାଣ୍ଡ ଘୋଷଣା କରିଛି ଯେ, ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତୈଳ ପଥରେ କଠୋର ପରିଚାଳନା ପୁନଃସ୍ଥାପନ କରାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଇରାନୀ ବନ୍ଦର ଉପରେ ଆମେରିକାର ନୌସେନା ଅବରୋଧ ଉଠାଇବାକୁ ମନା କରିବାର ପ୍ରତିଶୋଧ ସ୍ୱରୂପ ଏହି ପଦକ୍ଷେପ ନିଆଯାଇଛି। ଇରାନ ଶନିବାର ଅବରୋଧକୁ ପ୍ରଭାବଶାଳୀ ଭାବରେ ପୁନଃ ଆରମ୍ଭ କରିଛି। ଆମେରିକା ଯୁଦ୍ଧ ବିରତି ଉଲ୍ଲଂଘନ କରୁଥିବା ଇରାନ ଅଭିଯୋଗ କରିଛି। ନୂତନ ବ୍ୟବସ୍ଥା ଅନୁଯାୟୀ, କେବଳ ଇରାନର ଆଇଆରଜିସି ନୌସେନାରୁ ଅନୁମତି ପାଇଥିବା ବାଣିଜ୍ୟିକ ଜାହାଜଗୁଡ଼ିକୁ ଆବଶ୍ୟକୀୟ ଟୋଲ୍ ଦେୟ ଦେବା ପରେ ନିର୍ଦ୍ଦିଷ୍ଟ ମାର୍ଗ ଦେଇ ଯିବାକୁ ଅନୁମତି ଦିଆଯାଇଛି। ଇରାନର ମିଳିତ ସାମରିକ କମାଣ୍ଡ କହିଛି ଯେ, ଯେପର୍ଯ୍ୟନ୍ତ ଆମେରିକା ଇରାନ ବନ୍ଦର ଅବରୋଧ କରି ରଖିବ ସେପର୍ଯ୍ୟନ୍ତ ତେହେରାନ ହର୍ମୁଜ ପ୍ରଣାଳୀ ଦେଇ ପରିବହନକୁ ଅବରୋଧ କରିବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ, ଇରାନ ହର୍ମୁଜ ପ୍ରଣାଳୀ ବନ୍ଦ କରିବାକୁ ଘୋଷଣା କରିଥିଲେ ମଧ୍ୟ ତେହେରାନ ସହିତ ପରମାଣୁ କାର୍ଯ୍ୟକ୍ରମ ସମେତ କୌଣସି ଚୁକ୍ତି ନ ହେବା ପର୍ଯ୍ୟନ୍ତ ଆମେରିକାର ଅବରୋଧ ଜାରି ରହିବ। ହର୍ମୁଜ ପ୍ରଣାଳୀ ବନ୍ଦ ଯୋଗୁଁ ବିଶ୍ୱ ଶକ୍ତି ସଙ୍କଟ ଦେଇ ଗତି କରୁଛି। ଅନ୍ୟପକ୍ଷରେ ଶନିବାର ହର୍ମୁଜ ପ୍ରଣାଳୀ ପାର ହେବାକୁ ଚେଷ୍ଟା କରିବା ସମୟରେ ◆◆ପୃଷ୍ଠା ୭

## ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚା ଜିଲ୍ଲା ସଭାପତିଙ୍କ ନାମ ତାଲିକା ଘୋଷଣା

ଭୁବନେଶ୍ୱର, ୧୮/୪ (ନି.ପ୍ର): ବିଜେପି ସଂଖ୍ୟା ଲଘୁ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ଗୁରିନ୍ଦର ସିଂହ ଶନିବାର ସଂଖ୍ୟାଲଘୁ ମୋର୍ଚ୍ଚା ଜିଲ୍ଲା ସଭାପତିଙ୍କ ନାମ ତାଲିକା ଘୋଷଣା କରିଛନ୍ତି । ଭୁବନେଶ୍ୱର ପାଇଁ ସତବୀର ସିଂଙ୍କ ନାମ ଘୋଷଣା ହୋଇଥିବା ବେଳେ କଟକ- ମହମ୍ମଦ ସବୀର , ବୌଦ୍ଧ- ନିୟାଜ୍ ହୁସେନ୍, ଗଜପତି- ବିଦ୍ୟୁତ୍ କୁମାର ସିଂ , ଜଗତସିଂହପୁର- ସୟଦ୍ ମୁକତାର ଅଲ୍ଲୀ, ଝାରସୁଗୁଡ଼ା- ତପନ କାନ୍ତ ଜେନା , କଳାହାଣ୍ଡି- ପତଓ୍ୱନ୍ତ ସିଂ, କେନ୍ଦ୍ରାପଡ଼ା- ଶେଖ୍ ବରହାନ୍ ଅଲ୍ଲୀ , କେନ୍ଦୁଝର- ଏମ୍‌ଡି ମୋଜାହିଦ୍ ଆଲାମ୍, ମାଲକାନଗିରି- ଜୋସେଫ୍ ଦିଲୀପ, ନୂଆପଡ଼ା- ସଲମାନ୍ ସୁମାରା, ରାଉରକେଲା- ଇରସାଦ୍ ଉଦିନ୍ ଖାନ୍ , ସମ୍ବଲପୁର- ଗୁରୁଦୀପ ସିଂହ ଏବଂ ସୁନ୍ଦରଗଡ଼- ଫ୍ରାନସିସ୍ ମିଞ୍ଜ୍ ସଭାପତି ନିଯୁକ୍ତ ହୋଇଛନ୍ତି।

## ୪୦ ଡିଗ୍ରୀ ଉପରେ ୧୫ ସହର ତାପମାତ୍ରା

ଭୁବନେଶ୍ୱର, ୧୮/୪ (ନି.ପ୍ର): ରାଜ୍ୟରେ ଧୀରେ ଧୀରେ ବଢ଼ୁଛି ତାପମାତ୍ରା। ଆଜି ରାଜ୍ୟର ୧୫ଟି ସହରର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ବା ତା'ଠାରୁ ଅଧିକ ରେକର୍ଡ ହୋଇଛି। ଟିଟିଲାଗଡ଼ରେ ସବୁଠୁ ଅଧିକ ଖରା ହୋଇଛି। ଏଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ସର୍ବାଧିକ ୪୨.୭ ଡିଗ୍ରୀ ରେକର୍ଡ କରାଯାଇଛି। ଟିଟିଲାଗଡ଼ ତଳକୁ ରହିଥିଲା ଝାରସୁଗୁଡ଼ା। ଏଠାରେ ଆଜି ଦିନର ସର୍ବୋଚ୍ଚ ତାପମାତ୍ରା ୪୨.୬ ଡିଗ୍ରୀ ରହିଥିଲା। ଭବାନୀପାଟଣାର ତାପମାତ୍ରା ୪୨ ଡିଗ୍ରୀ ରହିଥିବା ବେଳେ ସମ୍ବଲପୁର ଓ ନୂଆପଡ଼ାରେ ୪୧.୬, ହୀରାକୁଦରେ ୪୧.୪, ତାଳଚେର ଓ ବଲାଙ୍ଗିରରେ ୪୧, ରାଉରକେଲାରେ ୪୦.୯, ବୌଦ୍ଧରେ ୪୦.୮, ସୋନପୁରରେ ୪୦.୬, ସୁନ୍ଦରଗଡ଼ରେ ୪୦.୨, ଅନୁଗୋଳ ରେ ୪୦.୧, ମାଲକାନଗିରି ଓ କେନ୍ଦୁଝରଗଡ଼ରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ରେକର୍ଡ କରାଯାଇଛି। ରାଜଧାନୀ ଭୁବନେଶ୍ୱରରେ ଆଜି ଦିନର ସର୍ବୋଚ୍ଚ ତାପମାତ୍ରା ୩୬.୭ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ କଟକରେ ୩୬.୮ ଡିଗ୍ରୀ ରେକର୍ଡ କରାଯାଇଥିଲା। ଆସନ୍ତାକାଲି (ଏପ୍ରିଲ ୧୯) ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୬ ଡିଗ୍ରୀ ରହିପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ସେହିପରି ଆସନ୍ତାକାଲି ବଲାଙ୍ଗିର, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ରାଉରକେଲାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀ ରହିପାରେ ବୋଲି ଏକ୍ସ ଜରିଆରେ ସୂଚନା ଦେଇଛି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଭବାନୀପାଟଣାରେ ୪୪ ଡିଗ୍ରୀ, ବରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ ଓ ନୂଆପଡ଼ାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ରହିପାରେ। ◆◆ପୃଷ୍ଠା ୭

## ଗ୍ୟାସ୍ ପରେ ତୈଳ ସଙ୍କଟ : ପେଟ୍ରୋଲ, ଡିଜେଲ୍ ପାଇଁ ହାହାକାର




ଭୁବନେଶ୍ୱର, ୧୮/୪ (ନି.ପ୍ର): ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ପଡ଼ିଛି ପେଟ୍ରୋଲ ପମ୍ପରେ। ଲୋକଙ୍କ ଚାହିଦା ଅନୁସାରେ ମିଳୁନି ପେଟ୍ରୋଲ ଓ ଡିଜେଲ୍ । ଝାରସୁଗୁଡ଼ା ଜିଲ୍ଲାର ଅଧିକାଂଶ ପେଟ୍ରୋଲ ପମ୍ପରେ ଏଭଳି ସ୍ଥିତି । ଲୋକମାନେ ୪୦ ଡିଗ୍ରି ପାରଦରେ ବୁଲୁଛନ୍ତି ଏ ଟାଙ୍କିରୁ ସେ ଟାଙ୍କି କିନ୍ତୁ ମିଳୁନି ପେଟ୍ରୋଲ। ସମ୍ବଲପୁର ଜିଲ୍ଲା କୁଚିଣ୍ଡାରେ ଥିବା ସବୁ ପେଟ୍ରୋଲ ପମ୍ପରେ ତୈଳ ସଙ୍କଟ। କିଏ ବାଇକ୍ ତ କିଏ କାରରେ ଆସୁଛନ୍ତି କିନ୍ତୁ ତେଲ ମିଳୁନଥିବାରୁ ନିରାଶ ହୋଇ ଫେରଥିବା ଦେଖିବାକୁ ମିଳୁଛି । ◆◆ପୃଷ୍ଠା ୭

## ହଟିଲା ଯୋଜନା ବୋର୍ଡ, ଆସିଲା ଏସଆଇଟିଆଇ : ନୀତି ଆୟୋଗ ଢାଞ୍ଚାରେ ପ୍ରସ୍ତୁତ ହେବ ବିକାଶର ବ୍ଲୁ ପ୍ରିଣ୍ଟ୍



ଭୁବନେଶ୍ୱର, ୧୮/୪ (ନି.ପ୍ର): ରାଜ୍ୟ ସରକାରଙ୍କ ନୂଆ ଥିଙ୍କ୍ ଟ୍ୟାଙ୍କ୍ ଏସଆଇଟିଆଇ । ଯୋଜନା ବୋର୍ଡ ବଦଳରେ ଆସିଲା ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଫର ଟ୍ରାନ୍ସଫରମେଟିଭ ଇନିସିଏଟିଭ୍ ବା ସିଟି । ସମୃଦ୍ଧ ଓଡ଼ିଶା ୨୦୩୬ର ଲକ୍ଷ ହାସଲ ଦିଗରେ ରାଜ୍ୟ ସରକାରଙ୍କୁ ମାର୍ଗ ଦର୍ଶନ କରିବ । ଏନେଇ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଏହି ସଂକଳ୍ପ ଆସିଛି । ତେବେ ଏହି ଏସଆଇଟିଆଇ କମିଟିରେ କିଏ କିଏ , ଆସନ୍ତୁ ଜାଣିବା ଗଭର୍ଣ୍ଣିଂ କାଉନସିଲର ମୁଖ୍ୟ ରହିବେ ନିଜେ ମୁଖ୍ୟମନ୍ତ୍ରୀ । ତାଙ୍କ ତଳକୁ କ୍ୟାବିନେଟ୍ ପାହ୍ୟାର ଜଣେ ଉପାଧ୍ୟକ୍ଷଙ୍କୁ ନିଯୁକ୍ତି କରାଯିବ । ଏଥିସହିତ ୪ ଜଣ ପୂର୍ଣ୍ଣ କାଳୀନ ସଦସ୍ୟ ଓ ୯ ଜଣ ବିଶେଷଜ୍ଞ, ଦୁଇ ଜଣ ସ୍ପେଶାଲ ଇନଭାଇଟି ରହିବେ । ଏହି ପରିଷଦ ବର୍ଷକୁ ଅତିକମରେ ଥରେ ବୈଠକ କରିବ । ବିଭିନ୍ନ କ୍ଷେତ୍ରରେ କାମ କରୁଥିବା ୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ପୂର୍ଣ୍ଣକାଳୀନ ସଦସ୍ୟ ଭାବେ ନିଯୁକ୍ତି କରିବେ । ଯେଉଁ ମାନେ ରାଷ୍ଟ୍ର ପାହ୍ୟାର ମାନ୍ୟତା ପାଇବେ । ଜଣେ ଆଇଏଏସଙ୍କୁ କମିଟିର ସିଇଓ ଭାବେ ନିଯୁକ୍ତି ଦିଆଯିବ । ଏସ୍ଆଇଟିଆଇ ଓଡିଶା ମୁଖ୍ୟତଃ ୬ ବିଷୟରେ ମୁଖ୍ୟତଃ ମାର୍ଗଦର୍ଶନ କରିବ । ଅର୍ଥନୀତି, ଗ୍ରାମୀଣ ଅର୍ଥନୀତି ଜୀବିକା, ନିଯୁକ୍ତି ଓ ସହରି ବିକାଶ, ଚିନ୍ତାଧାରା ଓ ଇନୋଭସନ, ଶକ୍ତି ପରିବର୍ତ୍ତନ, ପରିବେଶ ଓ ପ୍ରାକୃତିକ ସମ୍ପଦ ଉପରେ କାମ କରିବ । ଓଡିଶା ବିକାଶର ଲକ୍ଷ୍ୟ ହାସଲ କରିବା ପାଇଁ ନୀତି ପ୍ରସ୍ତୁତ କରିବା ସହ ଏହାର କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେବ । ୧୮ ଜୁଲାଇ ୨୦୨୪ ନୂଆ ସରକାର ଆସୁ ଆସୁ ଯୋଜନା ବୋର୍ଡକୁ ଭାଙ୍ଗି ଦେଇଥିଲେ । ନୀତି ଆୟୋଗ ଢାଞ୍ଚାରେ ଯୋଜନା ବୋର୍ଡକୁ କାର୍ଯ୍ୟକାରୀ କରିବା ପାଇଁ ପାଖାପାଖି ୨୨ ମାସ ସମୟ ଲାଗିଲା । ସରକାରଙ୍କ ବିକାଶର ପ୍ରମୁଖ ଅଙ୍ଗ ଯୋଜନା ବୋର୍ଡ । ଦୁଇ ବର୍ଷ ହେଲା ଏହା ଅକାମୀ ହୋଇ ପଡିଥିଲା । ତେବେ ନୂଆ ବ୍ୟବସ୍ଥାର ସଠିକ୍ କାର୍ଯ୍ୟଶୈଳୀକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି । ଏଥିସହ ନୂଆ କମିଟିରେ ନିଯୁକ୍ତିକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି ।

## ବିଭିନ୍ନ ପ୍ରସଙ୍ଗରେ ବିଜେଡି ଆମକୁ ସମର୍ଥନ ଦେଉଛି: ଭକ୍ତ ଦାସ

ଭୁବନେଶ୍ୱର, ୧୮/୪ (ନି.ପ୍ର): ଇଣ୍ଡି ମେଂଟର ବୈଠକରେ ବିଜେଡି ସାଂସଦ ଯୋଗ ଦେବା ନେଇ ପ୍ରତିକ୍ରିୟା ରଖିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । ସେ କହିଛନ୍ତି ଯେ ବିଭିନ୍ନ ପ୍ରସଙ୍ଗରେ ବିଜେଡି ଆମକୁ ସମର୍ଥନ ଦେଉଛି ।ତେଣୁ ମହିଳା ସଂରକ୍ଷଣ ବିଲ୍ ପ୍ରସଙ୍ଗରେ ବିଜେଡି ସମର୍ଥନ ଦେଲା। ୩ରୁ ୪ ଦିନ ହେବ ବିଜେଡି ସୁପ୍ରିମୋ ଏହା ଉପରେ ବିଭିନ୍ନ କଥା ଉଠାଇଥିଲେ। ତେଣୁ ମାନସ ମଙ୍ଗରାଜ ସଂସଦରେ ଇଣ୍ଡି ମେଂଟ ସହ ରହିଥିଲେ। ଏହା ବିଜେଡିର ପ୍ରସଙ୍ଗ ଭିତିକ ସମର୍ଥନ। ସୂଚନାଯୋଗ୍ୟ ଯେ ସଂସଦରେ ନାରୀ ବନ୍ଦନ ଅଧିନିୟମ ଓ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ଆଲୋଚନା ଭିତରେ ଇଣ୍ଡି ମେଂଟର ବୈଠକରେ ସାମିଲ ହୋଇଥିଲେ ବିଜେଡି ରାଜ୍ୟସଭା ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ।

## ସରକାରୀ କର୍ମଚାରୀଙ୍କ ପାଇଁ ଖୁସି ଖବର: ମହଙ୍ଗା ଭତ୍ତା ୨% ବଢ଼ିଲା

ନୂଆଦିଲ୍ଲୀ, ୧୮/୪ : କେନ୍ଦ୍ର ସରକାରଙ୍କ କର୍ମଚାରୀ ଓ ପେନସନଧାରୀଙ୍କ ପାଇଁ ଖୁସି ଖବର। କେନ୍ଦ୍ର କ୍ୟାବିନେଟ ଆଜି ସେମାନଙ୍କ ମହଙ୍ଗା ଭତ୍ତା ବା ଡିଏ ୨% ବୃଦ୍ଧି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତା ବସିଥିବା କ୍ୟାବିନେଟ ମହାଙ୍ଗା ଭତ୍ତା ବୃଦ୍ଧି ଉପରେ ମୋହର ମାରିଛି। ମୁଦ୍ରାସ୍ଫୀତି ଓ ବର୍ଷକୁ ଦୁଇ ଥର ଡିଏ ସାଧାରଣତଃ ବୃଦ୍ଧି ପାଇଥାଏ। କେନ୍ଦ୍ର ସରକାର ନିଜ କର୍ମଚାରୀଙ୍କ ମହଙ୍ଗା ଭତ୍ତା ଜାନୁଆରୀ ଓ ଜୁଲାଇରେ ବୃଦ୍ଧି କରନ୍ତି। ଶିଳ୍ପାଞ୍ଚଳ ଶ୍ରମିକଙ୍କ ଗ୍ରାହକ ଦର ସୂଚକାଙ୍କକୁ ଆକଳନ କରି ସରକାର ଏପରି ପଦକ୍ଷେପ ନିଅନ୍ତି। କିନ୍ତୁ ଚଳିତ ବର୍ଷ ମହଙ୍ଗା ଭତ୍ତା ବୃଦ୍ଧି ଘୋଷଣାରେ ବିଳମ୍ବ ହୋଇଛି। ମହାଙ୍ଗା ଭତ୍ତା ବୃଦ୍ଧି ଘୋଷଣା ହୋଇ ନଥିବାରୁ ଏହାକୁ ନେଇ ଶ୍ରମିକ ସଂଗଠନ ଚିନ୍ତା ପ୍ରକଟ କରିଥିଲେ। ହେଲେ ଏବେ କେନ୍ଦ୍ର ସରକାର ମହଙ୍ଗା ଭତ୍ତା ବୃଦ୍ଧି କରିଛନ୍ତି। ବିଳମ୍ବ ହେଲେ ମଧ୍ୟ ଆଜି କେନ୍ଦ୍ର କ୍ୟାବିନେଟ ମହଙ୍ଗା ଭତ୍ତା ୨% ବୃଦ୍ଧି କରିଛନ୍ତି। ଫଳରେ କେନ୍ଦ୍ରୀୟ କର୍ମଚାରୀମାନେ ସେମାନଙ୍କ ମୂଳ ଦରମାରେ ଅଧିକ ୨% ଟଙ୍କା ମହଙ୍ଗା ଭତ୍ତା ଆକାରରେ ପାଇବେ। ପୂର୍ବରୁ ସେମାନଙ୍କୁ ୫୮% ଡିଏ ମିଳୁଥିଲା। ଏହା ଏବେ ୬୦% ହୋଇଯାଇଛି। ସଂଶୋଧିତ ଡିଏ ପିଛିଲା ଭାବେ ଜାନୁଆରୀ ୨୦୨୬ରୁ ଲାଗୁ ହେବ।

## ଅଧିକ ଖରା ହେଉଥିବା ସ୍ଥାନରେ ନିର୍ମାଣ ହେବ ହିଟ୍ ୱେଭ୍ ଆଶ୍ରୟସ୍ଥଳୀ

ଭୁବନେଶ୍ୱର, ୧୮/୪ (ନି.ପ୍ର): ହିଟ୍ ୱେଭ୍‌ର ମୁକାବିଲା କରିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନୂଆ ଏସଓପି ପ୍ରସ୍ତୁତ କରିଛି। ଏନେଇ ଜିଲ୍ଲାପାଳଙ୍କ ସହ ଭିଡିଓ କନଫରସିଂ ରେ ବୈଠକ କରିଛନ୍ତି ରାଜସ୍ୱ ମନ୍ତ୍ରୀ । ଏନେଇ ସୂଚନା ଦେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ◆◆ପୃଷ୍ଠା ୭

## ତାମିଲନାଡୁରେ ରାହୁଲ ଗାନ୍ଧୀ : କେନ୍ଦ୍ର ସରକାରଙ୍କ ବିରୋଧରେ ଆଣିଲେ ଗମ୍ଭୀର ଅଭିଯୋଗ



ନୂଆଦିଲ୍ଲୀ, ୧୮/୪ : କଂଗ୍ରେସ ସାଂସଦ ତଥା ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶନିବାର ତାମିଲନାଡୁର ପୋନେରୀଠାରେ ଆୟୋଜିତ ଏକ ବିଶାଳ ନିର୍ବାଚନୀ ଜନସଭାରେ କେନ୍ଦ୍ର ସରକାର ଓ ବିଜେପି ବିରୋଧରେ ଗମ୍ଭୀର ଅଭିଯୋଗ ଆଣି ନିର୍ବାଚନୀ ପ୍ରଚାରକୁ ଅଧିକ ସରଗରମ କରିଛନ୍ତି। ସଂସଦରେ ଆଗତ ନୂତନ ବିଲକୁ ନେଇ ସରକାରଙ୍କୁ ଘେରିବା ସହ ସେ କହିଛନ୍ତି ଯେ, ମହିଳା ସଂରକ୍ଷଣର ଆଳ ଦେଖାଇ କେନ୍ଦ୍ର ସରକାର ପ୍ରକୃତରେ ସୀମା ନିର୍ଦ୍ଧାରଣ ମାଧ୍ୟମରେ ତାମିଲନାଡୁ ଭଳି ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ରାଜନୈତିକ ଶକ୍ତି ଓ ଲୋକସଭା ଆସନ ହ୍ରାସ କରିବାକୁ ଷଡ଼ଯନ୍ତ୍ର କରୁଛନ୍ତି। ତାମିଲନାଡୁର ଭାଷା, ସଂସ୍କୃତି ଓ ପରିଚୟକୁ ସୁରକ୍ଷା ଦେବା ପାଇଁ ଏହି ନିର୍ବାଚନ ଏକ ନିର୍ଣ୍ଣାୟକ ଯୁଦ୍ଧ ବୋଲି ସେ କହିଛନ୍ତି। ରାହୁଲ ଗାନ୍ଧୀ ନିଜ ଭାବପ୍ରବଣ ଅଭିଭାଷଣରେ କହିଛନ୍ତି ଯେ, ଆରଏସଏସ ଓ ବିଜେପି ଦିଲ୍ଲୀରୁ ତାମିଲନାଡୁକୁ ଶାସନ କରିବାକୁ ଚାହୁଁଛନ୍ତି ଏବଂ ଏଠାରେ ଏପରି ଜଣେ ମୁଖ୍ୟମନ୍ତ୍ରୀ ଚାହୁଁଛନ୍ତି ଯିଏ ସେମାନଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରିବେ। ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଯେ ଭାରତ ହେଉଛି ରାଜ୍ୟଗୁଡ଼ିକର ଏକ ସଂଘ, ଯେଉଁଠାରେ ପ୍ରତ୍ୟେକ ରାଜ୍ୟର ନିଜସ୍ୱ ଭାଷା ଓ ପରମ୍ପରା ବଜାୟ ରଖିବାର ସାମ୍ବିଧାନିକ ଅଧିକାର ରହିଛି। ପ୍ରଧାନମନ୍ତ୍ରୀଙ୍କ "ଗୋଟିଏ ଜାତି, ଗୋଟିଏ ନେତା ଓ ଗୋଟିଏ ଭାଷା" ନୀତିକୁ ସମ୍ବିଧାନ ଉପରେ ଆକ୍ରମଣ ବୋଲି ଦର୍ଶାଇ ସେ କହିଛନ୍ତି ଯେ ତାମିଲନାଡୁର ଭବିଷ୍ୟତ କେବଳ ଏହି ରାଜ୍ୟର ଜନସାଧାରଣ ହିଁ ସ୍ଥିର କରିବେ। ନିଜ ପରିବାର ଓ ରାଜ୍ୟ ମଧ୍ୟରେ ଥିବା ସମ୍ପର୍କକୁ ସ୍ମରଣ କରି ରାହୁଲ କହିଛନ୍ତି ଯେ, ତାଙ୍କ ପିତା ରାଜୀବ ଗାନ୍ଧୀ ତାମିଲନାଡୁ ପାଇଁ ନିଜର ସର୍ବସ୍ୱ ତ୍ୟାଗ କରିଥିଲେ ଏବଂ ସେ ନିଜେ ମଧ୍ୟ ଏହି ମାଟିର ଭାବନା ସହିତ ଗଭୀର ଭାବେ ଜଡ଼ିତ। ଆସନ୍ତା ଏପ୍ରିଲ ୨୩ରେ ଅନୁଷ୍ଠିତ ହେବାକୁ ଥିବା ଗୋଟିଏ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ 'ଇଣ୍ଡିଆ ମେଣ୍ଟର' ସପକ୍ଷରେ ସମର୍ଥନ ଲୋଡ଼ିବା ସହ ଏହି ମେଣ୍ଟ କେନ୍ଦ୍ରୀକୃତ ଶାସନ ଓ ତାମିଲ ଅସ୍ମିତା ଉପରେ ହେଉଥିବା ଆଘାତକୁ କଦାପି ସହ୍ୟ କରିବ ନାହିଁ ବୋଲି ସେ କହିଛନ୍ତି।

## ଶିଖରଚଣ୍ଡୀ ପାହାଡ଼ରେ ପୁଣି ଦନ୍ତା ହାତୀ ଆତଙ୍କ

ଭୁବନେଶ୍ୱର, ୧୮/୪ (ନି.ପ୍ର): ଶିଖରଚଣ୍ଡୀ ପାହାଡ଼ରେ ପୁଣି ଦନ୍ତା ହାତୀ ଆତଙ୍କ ଦେଖାଦେଇଛି । ୨ଟି ଦନ୍ତା ହାତୀ ପାହାଡ଼ରେ ଦୁଇ ଦିନ ହେଲା ଡେରା ପକାଇଛନ୍ତି । ଆମ୍ବ ଖାଇବା ଅନ୍ୱେଷଣରେ ଆସି ପାହାଡ଼ରେ ଅଛନ୍ତି ୨ ଦନ୍ତା । ଦୁଇ ଦନ୍ତାଙ୍କ ନାମ ବଡ଼ ଫେରେକଟା ଓ ସାନ ଫେରେକଟା । ଜନବସତି ମୁହାଁ ନହେବା ଲାଗି ବନ ବିଭାଗ ପାଟ୍ରୋଲିଂ କରୁଛି । ଭୁବନେଶ୍ୱର ୱାଇଲ୍ଡଲାଇଫ୍ ରେଞ୍ଜରଙ୍କ ନେତୃତ୍ୱରେ ୨ଟି ଟିମ୍ ନଜର ରଖିଛନ୍ତି ।

## ବିରୋଧୀ ଦଳ ମହିଳାମାନଙ୍କୁ ପରାସ୍ତ କରିଛନ୍ତି, ପରିଣାମ ଭୋଗିବାକୁ ପଡିବ: ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୧୮/୪ : ମହିଳା ସଂରକ୍ଷଣ ବିଲ୍ ଉପରେ ସଂସଦରେ ଚାଲିଥିବା ରାଜନୈତିକ ଲଢ଼େଇ ମଧ୍ୟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ୟାବିନେଟ ବୈଠକରେ ବିରୋଧୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ବିରୋଧୀ ଦଳ ବିଲ୍‌କୁ ସମର୍ଥନ ନକରି ଏକ ବଡ଼ ରାଜନୈତିକ ଭୁଲ୍ କରିଛନ୍ତି। ସେମାନେ ଭବିଷ୍ୟତରେ ଏହାର ପରିଣାମ ଭୋଗିବେ। ସଂସଦ ଭବନରେ ଅନୁଷ୍ଠିତ ଏକ ବୈଠକରେ ପ୍ରଧାନମନ୍ତ୍ରୀ ଲୋକସଭାରେ ସମ୍ବିଧାନର ୧୩୧ତମ ସଂଶୋଧନ ବିଲ୍ ପାସ୍ ନହେବା ନେଇ ନିରାଶା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ବିରୋଧୀ ଦଳଗୁଡ଼ିକ ଏହି ନିଷ୍ପତ୍ତି ପାଇଁ ପଶ୍ଚାତାପ କରିବେ ଏବଂ ଭବିଷ୍ୟତରେ ଏଥିପାଇଁ ମୂଲ୍ୟ ଦେବେ। ବୈଠକରେ ପ୍ରଧାନମନ୍ତ୍ରୀ ମନ୍ତ୍ରୀ ଏବଂ ଦଳୀୟ ନେତାମାନଙ୍କୁ ଏକ ନୂତନ ରାଜନୈତିକ କାର୍ଯ୍ୟର ଦାୟିତ୍ୱ ମଧ୍ୟ ଦେଇଛନ୍ତି। ସେ ଗୁରୁତ୍ୱାରୋପ କରିଛନ୍ତି, ମହିଳାଙ୍କ ପ୍ରତି ବିରୋଧୀଙ୍କ ମନୋଭାବ ନକାରାତ୍ମକ ◆◆ପୃଷ୍ଠା ୭

# ଏନ୍.ସି.ସି.ର ପ୍ରଶିକ୍ଷଣ ଆମେ ସାରା ଜୀବନ ଭୁଲିପାରିବୁ ନାହିଁ : ବିଦାୟ ନେଉଥିବା କ୍ୟାଡ଼େଟ୍




ଉଦଳା, ୧୮/୪ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ନୁଦଢ଼ିହା ଗ୍ରାମସ୍ଥିତ ମେଘାସନ ମହାବିଦ୍ୟାଳୟରେ ଥିବା ଜାତୀୟ ସମର ଶିକ୍ଷାର୍ଥି ବାହିନୀ (ଏନ୍.ସି.ସି) ୟୁନିଟର ଛାତ୍ର ଛାତ୍ରୀ ଯେଉଁମାନେକି ଏଠାରୁ ଶିକ୍ଷା ସମାପ୍ତ କରି ମହାବିଦ୍ୟାଳୟ ପରିତ୍ୟାଗ କରୁଛନ୍ତି, ଏହିସବୁ ଛାତ୍ର ଛାତ୍ରୀ ମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇବା ପାଇଁ ଏକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ଼. ନିରଂଜନ ପାଠୀ ଉକ୍ତ ଉତ୍ସବରେ ଅଧକ୍ଷତା କରି ଏନ୍.ସି.ସି. ପାଇଁ ଆମ ମହାବିଦ୍ୟାଳୟ ଆଜି କିପରି ସମଗ୍ର କପ୍ତିପଦା ଉପଖଣ୍ଡରେ ସୁନାମ ଅର୍ଜନ କରିଛି ବ୍ୟକ୍ତ କରିଥିଲେ । ଏହାପରେ ଏଠାରୁ ବିଦାୟ ନେଉଥିବା ଏନ୍.ସି.ସି. ଛାତ୍ର ଛାତ୍ରୀ ମାନେ ଜଣ ଜଣ କରି ନିଜ ନିଜର ଅନୁଭବ ବ୍ୟକ୍ତ କରିଥିଲେ । ଏନ୍.ସି.ସି.ର ପ୍ରଶିକ୍ଷଣ ଆମକୁ ନିର୍ଭିକତାର ସହ ଜୀବନ ବଂଚିବା ପାଇଁ ଯେଉଁ ରଣ କୌଶଳ ଶିଖାଇଛି ଏହାକୁ ଆମେ ସାରା ଜୀବନ ଭୁଲିପାରିବୁ ନାହିଁ ବୋଲି ବକ୍ତବ୍ୟ ମାଧ୍ୟମରେ କହିଥିଲେ । ଏନ୍.ସି.ସି. ଅଫିସର ଲାପ୍ଟନାଂଟ ଅରୁଣ କୁମାର ଜେନା ବିଦାୟ ନେଉଥିବା ଯେଉଁ ଛାତ୍ର ଛାତ୍ରୀ ମାନେ 'ସି' ସାର୍ଟିଫିକେଟ ପାସ କରିପାରି ନାହାଁନ୍ତି ସେମାନେ ପରେ ମଧ ଆସି ପରୀକ୍ଷା ଦେଇପାରିବେ, ଏଥିପାଇଁ ମହାବିଦ୍ୟାଳୟରେ ଥିବା ଏନ୍.ସି.ସି. ୟୁନିଟ ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ । ଏନ୍.ସି.ସି. 'ସି' ସାର୍ଟିଫିକେଟ ପାସ କରିଥିବା ଛାତ୍ର ଛାତ୍ରୀଙ୍କୁ ସରକାରୀ ଚାକିରି ପାଇବା ଓ ପଦନ୍ନୋତି କ୍ଷେତ୍ରରେ ଦରକାରରେ ଆସିଥାଏ ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ବୃନ୍ଦାବନ ମହାନ୍ତି, ସରୋଜ କୁମାର ମହାନ୍ତି, ଗୌରିଶଙ୍କର ସାହୁ, ଗଜେନ୍ଦ୍ର ପାତ୍ର, ଅଧ୍ୟାପିକା ଡ଼. ସାଗରିକା ପଣ୍ଡା ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗଦେଇ ଏନ୍.ସି.ସି. ଚାତ୍ର ଛାତ୍ରୀ ମାନଙ୍କ ଯୋଗୁଁ କିପରି ମହାବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ସୌନ୍ଦର୍ଯ୍ୟ ଫୁଟି ଉଠିଛି ବ୍ୟକ୍ତ କରିଥିଲେ । ଏହାପରେ ବିଦାୟ ନେଉଥିବା ଛାତ୍ର ଛାତ୍ରୀଙ୍କୁ ମାନପତ୍ର, ଉପହାର ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ରୀ ଯମୁନା ବାସ୍କେ ଓ ଛାତ୍ର ଶୁଭେନ୍ଦୁ ପଣ୍ଡା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶୁଭସନ୍ଧ୍ୟା ପ୍ରଧାନ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ବିଦାୟି କ୍ୟାଡ଼େଟ୍ ମାନଙ୍କ ସମ୍ମାନାର୍ଥେ ଏକ ଟି-ପାର୍ଟିର ଆୟୋଜନ କରାଯାଇଥିଲା ।

# ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ତରଫରୁ ୨୯ତମ ପ୍ରବାଦ ପୁରୁଷ ଦିବସ ପାଳିତ

ମାଲକାନଗିରି, ୧୮/୪ (ନି.ପ୍ର): ଏପ୍ରିଲ ୧୭ ତାରିଖ ଦିନ ଦେଶମାତୃକାର ମହାନ ବୀର ସନ୍ତାନ, ଅଗଷ୍ଟ ବିପ୍ଳବର ଉତ୍ତୁଙ୍ଗ ଯୋଦ୍ଧା, ସ୍ୱାଧୀନତା ସଂଗ୍ରାମୀ, ରାଷ୍ଟ୍ରନୀତିଜ୍ଞ, ସ୍ୱାଧୀନୋତ୍ତର ଓଡ଼ିଶା ବିକାଶର ଅନନ୍ୟ ସ୍ଥପତି ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ଅଟେ । ଏହି ଦିବସଟିକୁ " ପ୍ରବାଦ ପୁରୁଷ ଦିବସ" ରୂପେ ପାଳନ କରିବା ପାଇଁ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ତରଫରୁ ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀଙ୍କ ନେତୃତ୍ୱରେ ବିଜେଡି ଜିଲ୍ଲା କାର୍ଯ୍ୟାଳୟରେ ପ୍ରବାଦ ପୁରୁଷ ଦିବସ ପାଳନ କରାଯାଇଛି । ଏହି ମହତ୍ତ୍ୱପୂର୍ଣ୍ଣ ଦିବସରେ ମାଲକାନଗିରି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖ ବିଜୁ ବାବୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ସହ ମାଲକାନଗିରି ଜିଲ୍ଲା ବିଜେଡି ଜିଲ୍ଲା କାର୍ଯ୍ୟାଳୟ ଲାଠିଆଗୁଡା ଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତୀ ଓ ଫଟୋଚିତ୍ରରେ ତିଳତର୍ପଣ ଓ ମାଲ୍ୟାର୍ପଣ ସହିତ ଅଂଚଳରେ ଥିବା ଓଡ଼ିଶାର ଅନ୍ୟାନ୍ୟ ବରପୁତ୍ର ମାନଙ୍କର ପ୍ରତିମୂର୍ତିରେ ମଧ ମାଲ୍ୟାର୍ପଣ କରି ସମ୍ମାନ ଜଣାଯାଇଛି । ବିଜୁ ବାବୁଙ୍କ ଆଦର୍ଶରେ ଏକବିଂଶ ଶତାବ୍ଦୀର ପ୍ରଥମ ପାଦରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ବିକାଶର ଫଳପ୍ରସୂ ଅଧ୍ୟାୟରେ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ଓ ଏହାର ସଫଳ କାର୍ଯ୍ୟାନ୍ୱୟନ ହୋଇଛି । ଆଜି ଆମେ ବିରୋଧୀ ଦଳ ଭାବେ ଆସୀନ ହୋଇଥିଲେ ମଧ ଜନଗଣ ପାଇଁ ଓଡ଼ିଶାର ବିକାଶ ଯାତ୍ରାକୁ ଆଗକୁ ନେବା ସହିତ ବର୍ତମାନ ସରକାରର ଜନବିରୋଧୀ ନୀତି ବିରୁଦ୍ଧରେ ଗଣତାନ୍ତ୍ରିକ ସ୍ୱର ଉତୋଳନ କରୁଛୁ ଓ କରିଚାଲିବା ଏଥିପାଇଁ "ପ୍ରବାଦ ପୁରୁଷ ଦିବସ"ରେ ଏକ ସଶକ୍ତ, ସ୍ୱାଭିମାନୀ ଓ ସମୃଦ୍ଧ ଓଡିଶା ଗଠନ ପାଇଁ ସଂକଳ୍ପ ନେଲେ । ଆଜିର ଉକ୍ତ " ପ୍ରବାଦ ପୁରୁଷ ଦିବସ" କାର୍ଯ୍ୟକ୍ରମରେ ସମସ୍ତ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ମାନସ ମାଡକାମୀଙ୍କ ସହ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତଥା ଜିଲ୍ଲା ମହିଳା ନେତ୍ରୀ ସମାରି ତାଙ୍ଗୁଲ, ଜିଲ୍ଲା ଯୁବ ସଭାପତି ଶ୍ରୀନିବାସ ମୁଦୁଲି, ଜିଲ୍ଲା ଛାତ୍ର ସଭାପତି ସୁବ୍ରତ କୁମାର ଦାସ, ବରିଷ୍ଠ ବିଜେଡି ନେତା ଗୋପାଳକୃଷ୍ଣ ପଣ୍ଡା, ବରିଷ୍ଠ ନେତା ସି ଏଚ୍ ଏଙ୍ଗଲି, ବରିଷ୍ଠ ନେତା ଧନୁର୍ଜୟ ମାଡକାମୀ, ବରିଷ୍ଠ ନେତା ରାଜେନ୍ଦ୍ର କୂଳଦୀପ, ବିଜେଡି ଉପ ସଭାପତି ଉଦୟ ନାଥ ମାଦ୍ରୀ, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ନାକା ନକାଲ ରାଜୁ, ମାଲକାନଗିରି ପୌର ପରିଷଦ ଉପାଧ୍ୟକ୍ଷା କବିତା ମହନ୍ତ, ସମସ୍ତ ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା, ସମସ୍ତ ବ୍ଲକ /ପୌର ପରିଷଦ / ଏନଏସି ବିଜେଡି ସଭାପତି, ସମସ୍ତ ନିର୍ବାଚିତ ଜନ ପ୍ରତିନିଧି ପ୍ରମୁଖଙ୍କ ସହ ବିଜୁ ଜନତା ଦଳର ସମସ୍ତ କର୍ମକର୍ତା ଉପସ୍ଥିତ ଥିଲେ ।

# ଜୈବିକ ସାର ଉପରେ ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡା, ୧୮/୪ (ନି.ପ୍ର): କେନ୍ଦ୍ରାପଡା ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ଜୈବିକ ସାର ଉପରେ ଏକ ସଚେତନତା କାର୍ଯ୍ୟକ୍ରମ କୃପାଳୁ ଅର୍ଗାନିକ୍ସ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ସେଲ୍ସମ୍ୟାନେଜର ପଙ୍କଜ ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ଡି.ଆର୍ .ସି.ଏସ୍ ପ୍ରଭାକର ନାୟକ, ଏ.ଆର୍ .ସି.ଏ. ସ୍ୱଯୋ ଗେନ୍ଦ୍ର ବିଶ୍ୱାଳ, ସଂଗ୍ରାମ କର, ଅନୁଚରଣ ପାଲ୍ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର ଶତାଧିକ ପ୍ୟାକ୍ସ ସମ୍ପାଦକ ମାନଙ୍କୁ ଜୈବିକ ସାରର ବିଭିନ୍ନ ଉପକାରୀତା ସମ୍ପର୍କରେ ଆଲୋକପାତ କରିଥିଲେ ।ମାଟିର ଜଳ ଧାରଣ କ୍ଷମତା ବୃଦ୍ଧି କରିବା ସହ ମାଟିର ଗଠନ ବିପତନରେ ସାହାଯ୍ୟ କରେ ।

# ପାଟଣାରେ ଅଗ୍ନିସେବା ସପ୍ତାହରେ ସଚେତନତା କାର୍ଯ୍ୟକ୍ରମ ଓ ମକ ଡ୍ରିଲ

କେନ୍ଦୁଝର, ୧୮/୪ (ନି.ପ୍ର): ପାଟଣା ଅଗ୍ନିଶମ କେନ୍ଦ୍ର ପକ୍ଷରୁ ଏପ୍ରିଲ ୧୪ରୁ ୨୦ ତାରିଖ ଯାଏ ଅଗ୍ନିସେବା ସପ୍ତାହ ୨୦୨୬ ପାଳନ କରାଯାଉଛି । ଏହି ଅବସରରେ ୧୪ ତାରିଖରେ ପାଟଣାରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଆଜି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ବିଭାଗ ପକ୍ଷରୁ ମକ ଡ୍ରିଲ କରାଯାଇଥିଲା । ଆକସ୍ମିକ ଅଗ୍ନିକାଣ୍ଡ ଘଟିଲେ ଉଦ୍ଧାର ପ୍ରକ୍ରିୟାରେ ଅଗ୍ନିକାଣ୍ଡ ନିୟନ୍ତ୍ରଣ ଉପରେ ଅଗ୍ନିଶମ ବାହିନୀ ତରଫରୁ ପ୍ରଦର୍ଶନ କରାଯାଇଥିଲା । ଗୁରୁବାର ଡୁମୁରିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମକ ଡ୍ରିଲ ଜରିଆରେ ଅଗ୍ନିକାଣ୍ଡ ନିୟନ୍ତ୍ରଣ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟ, ପ୍ରାଥମିକ ଚିକିତ୍ସା ଆଦି ସମ୍ପର୍କରେ ପ୍ରଦର୍ଶନ ଗତ ଶିକ୍ଷା ଦିଆଯାଇଥିଲା । ଅଗ୍ନିଶମ ସେବା ସପ୍ତାହ କାର୍ଯ୍ୟକ୍ରମକୁ କେନ୍ଦ୍ରଧିକାରୀ ଗୌର ମୋହନ ହେମ୍ବ୍ରମଙ୍କ ନେତୃତ୍ୱରେ ଅଗ୍ନି କର୍ମଚାରୀ ହାବିଲଦାର ବିଜୟ କୁମାର ନାୟକ, ଫାୟାର ମ୍ୟାନ ତରୁଣ କୁମାର ନାୟକ, ଦୁର୍ଯ୍ୟୋଧନ କିଷାନ, ବିନାୟକ ବେହେରା, ଅନୀଲ କୁମାର ପାଣିଗ୍ରାହୀ ଓ ଐଶର୍ଯ୍ୟ ନାଏକ ପ୍ରମୁଖ ପରିଚାଳନା କରିଥିଲେ । ଆଗାମୀ ୨୦ ତାରିଖ ଯାଏ ବିଭିନ୍ନ ସ୍ଥାନରେ ମକ ଡ୍ରିଲ ଚାଲିବ ବୋଲି ସୂଚନା ମିଳିଛି ।

# ପଞ୍ଚଲିଙ୍ଗେଶ୍ୱର ବନମହୋତ୍ସବ ଉଦ୍‌ଘାଟିତ




ନୀଳଗିରି , ୧୮/୪ (ନି.ପ୍ର): ନୀଳଗିରି ଉପଖଣ୍ଡରେ ଅନେକଗୁଡ଼ିଏ ସାଂସ୍କୃତିକ ଅନୁଷ୍ଠାନ ପ୍ରତିବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମ କରିଆସୁଥିବା ବେଳେ ତନ୍ମଧ୍ୟରୁ ପଞ୍ଚଲିଙ୍ଗେଶ୍ୱର ବନମହୋତ୍ସବ କମିଟି ଅନ୍ୟତମ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଉକ୍ତକମିଟି ତିନିଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବାକୁଯାଇ ଗତ ୧୭ତାରିଖ ଶୁକ୍ରବାର ସନ୍ଧ୍ୟା ୭ଘଟିକାରେ ଏକ ଭବ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଉଦ୍ଘାଟିତ ହୋଇଯାଇଛି । ଉଦ୍ଘାଟନୀ ସନ୍ଧ୍ୟାରେ କମିଟିର ସ୍ଥାୟୀସଭାପତି ବରିଷ୍ଠଆଇନଜୀବି ତଥା ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲେଶ୍ୱର ପି.ଡି ସଞ୍ଜୟ କୁମାର ରାଉତ ମୁଖ୍ୟଅତିଥି, ସମ୍ମାନିତଅତିଥିରୂପେ ଆଇ.ଟି ଇଞ୍ଜିନିୟର ସୁଜିତ କୁମାର ମହାନ୍ତି ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। କମିଟିର ବୟୋଜ୍ୟେଷ୍ଠ ସଦସ୍ୟ କୈଳାସ ଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ଶନିଷ୍ଠର ବେହେରା ଅତିଥିପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ରୂପେ ସ୍ଥାନୀୟ ସମାଜପ୍ରତିନିଧି ଅଶେଷ କୁମାର ସ,ସମ୍ମାନିତଅତିଥି ଭାବେ ନିୟୁକ୍ତ ୭ପ୍ରତିନିଧି ବ୍ରଜକିଶୋର ପାଣି, ସମାଜସେବୀ ପ୍ରଶାନ୍ତ ବେହେରା, ଭାସ୍କର ବେହେରା ଉପସ୍ଥିତ ରହି ମଂଚର ଶୋଭାବର୍ଦ୍ଧନ କରିଥିଲେ। ପ୍ରଥମେ ହିମାଂଶୁ ଶେଖର କର ଓ ପିତାମ୍ବର ଓତା ବେଦପାଠ କରିଥିବା ବେଳେ କମିଟିର ସମ୍ପାଦକ ପୁରଷ୍ତମ ସେଠୀ ବାର୍ଷିକବିବରଣୀ ପଠନ କରିଥିଲେ। ପରେ ଉପସ୍ଥିତ ଅତିଥିମାନେ ବନମହୋତ୍ସବ କମିଟି ଗଠନର ମୂଳଲକ୍ଷ୍ୟ ବିଷୟରେ ଆଲୋକପାତ କରିଥିଲେ। ବିଶେଷକରି ଜଙ୍ଗଲସୁରକ୍ଷା ଏବଂ ନୂତନ ବନିକରଣ ସୃଷ୍ଟିକରି ପରିବେଶ ସନ୍ତୁଳନ ରକ୍ଷାକରିବା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତାର ବାର୍ତ୍ତାଦେବା ମୂଖ୍ୟଉଦ୍ଦେଶ୍ୟ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚଲିଙ୍ଗେଶ୍ୱର ଯାତ୍ରୀସୁରକ୍ଷା ଏବଂ ଦୋକାନୀ କମିଟି ସଭାପତି ସୁରେନ୍ଦ୍ର ଦାସ, ସମ୍ପାଦକ ସିଦ୍ଧାର୍ଥ ସେଠୀଙ୍କ ସମେତ ଲକ୍ଷ୍ମୀଧର ସ, ଗୋବିନ୍ଦ ଦାସ, ଅନୀଲ ସେଠୀ, ସରସ୍ୱତୀ ସେଠୀ, ପ୍ରଶାନ୍ତ ବିଶ୍ୱାଳ, ମାୟାଧର ପଣ୍ଡା, ମନୋରଞ୍ଜନ ଦାସ, ଗଜାନନ ପଣ୍ଡା, ଆକର୍ଷଣ ଜେନା, ବାସୁଦେବ ଜେନା ପ୍ରମୁଖ ବହୁ ସକ୍ରିୟ ସଦସ୍ୟ ଉପସ୍ଥିତରହି ସହଯୋଗ କରିଥିଲେ। ଉଲ୍ଲେଖନୀୟ ସମ୍ବାଦପରିବେଷଣ ପାଇଁ ବରିଷ୍ଠସାମ୍ବାଦିକ ତଥା ସମାଜ ପ୍ରତିନିଧି ଅଶେଷ କୁମାର ସ ଏବଂ ବ୍ରଜକିଶୋର ପାଣିଙ୍କୁ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପିତାମ୍ବର ଓତା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପୁରୁଣା ବଜାର ଅଂଚଳକୁ ଶୁଆକାଟି ଓଏମସି ଖଣି ପ୍ରଭାବିତ ଅଂଚଳରେ ସାମିଲ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

କେନ୍ଦୁଝର, ୧୮/୪ (ନି.ପ୍ର): ଓଡିଶା ଖଣି ନିଗମର ଶୁଆକାଟିରେ ଥିବା ଗନ୍ଧମାର୍ଦ୍ଦନ ଲୌହ ଖଣି କାର୍ଯ୍ୟ ଦ୍ୱାରା ପ୍ରଭାବିତ ହେଉଥିବା ପୁରୁଣା ସହର ବାସୀଙ୍କୁ ଓଡିଶା ଖଣି ନିଗମ ଦ୍ୱାରା କୌଣସି ସୁବିଧା ସୁଯୋଗ ଦିଆଯାଉ ନଥିବା ପ୍ରତିବାଦରେ କେନ୍ଦୁଝର ସଦର ମହକୁମାର କାଳୀ ପଡିଆଠାରୁ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହେବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି । ପୁରୁଣା ସହର ଅଂଚଳର ବରିଷ୍ଠ ନାଗରିକ ନବ କିଶୋର ସାହୁ ପ୍ରକାଶ କରିଛନ୍ତି ଯେ, ଗନ୍ଧମାର୍ଦ୍ଦନ ଖଣି ପ୍ରଭାବିତ ଅଂଚଳ ମଧ୍ୟରେ କେନ୍ଦୁଝଗଡ ପୁରୁଣା ସହରର ଅଧିକାଂଶ ଅଂଚଳ, ବିଶେଷକରି ୧,୨ ଓ ୩ ନମ୍ବର ୱାର୍ଡ ର ଅଧିବାସୀମାନେ ପ୍ରଭାବିତ କ୍ଷତିଗ୍ରସ୍ତ ହେଉଥିଲେ ମଧ, ଅଧିବାସୀଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାଇ ଦିଆଯାଇଥିବା ସୁବିଧା ସୁଯୋଗ ପ୍ରଦାନ କରାଯାଇ ନାହିଁ ଓ ଏ ସମ୍ବନ୍ଧରେ ଗତ ୦୩.୧୧.୨୦୨୫ ରିଖ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ କ୍ଷତିଗ୍ରସ୍ତ ଅଧିବାସୀମାନେ ଏକ ମିଳିତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ କିନ୍ତୁ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇ ନାହିଁ । ଏପରିକି କେନ୍ଦୁଝଗଡ ପୌରପାଳିକାର ନିର୍ବାହୀ ଅଧିକାରୀଙ୍କୁ ତୁରନ୍ତ ଆଶୁ ପଦକ୍ଷେପ ନେବାପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ନିର୍ବାହୀ ଅଧିକାରୀ ଏ ବିଷୟରେ ଗୁରୁତ୍ୱ ନଦେଇ କୌଣସି ପଦକ୍ଷେପ ନେଇନାହାନ୍ତି । କ୍ଷତିଗ୍ରସ୍ତ ଅଧିବାସୀ ମାନଙ୍କର ଏହାମଧ୍ୟରେ ବାରମ୍ବାର ବୈଠକ ଆହୁତ ହୋଇ, କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଆଜି କାଳୀ ପଡିଆଠାରୁ ଜିଲ୍ଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଏକ ଶାନ୍ତିପୂର୍ଣ୍ଣ ପଦଯାତ୍ରା କରି କେନ୍ଦୁଝର ସଦର ବିଧାୟକ ତଥା ଓଡିଶାର ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବି ପତ୍ର ପ୍ରଦାନ କରିବାକୁ ନିଷ୍ପତି ନିଆଯାଇଛି ବୋଲି ପ୍ରକାଶ କରିଛନ୍ତି । ପୁରୁଣା ସହର ବାସୀଙ୍କ ସାମୁହିକ ସ୍ୱାର୍ଥ ଦୃଷ୍ଟିରୁ ଦାବିମାନ ଲୋକଙ୍କ ମୁଖ୍ୟମନ୍ତ୍ରୀ ଅବିଳମ୍ବେ ପୂରଣ କରିବା ଗନ୍ଧମାର୍ଦ୍ଦନ ଖଣି ପ୍ରଭାବିତ ଅଂଚଳ ଭାବରେ ପୁରୁଣା ସହରର ୧, ୨ ଓ ୩ ନମ୍ବର ୱାର୍ଡ କୁ ସାମିଲ କରାଯାଉ ଓ ଖଣି କ୍ଷତିଗ୍ରସ୍ତ ଅନ୍ୟ ଅଂଚଳ ବାସୀମାନେ ଯେପରି ଓଏମସି ଖଣି ଓ ସରକାରଙ୍କ ଠାରୁ ଯେଉଁ ସୁବିଧାମାନ ପାଉଛନ୍ତି ତାହା ଏହି ଅଂଚବାସୀଙ୍କୁ ଅବିଳମ୍ବେ ପ୍ରଦାନ କରାଯାଉ ବୋଲି ଦାବୀ କରିଛନ୍ତି ।

# ବୋଲେରୋ ଚଢ଼ାଇ ହତ୍ୟା ମାମଲା : ରାମସିଂ ମୁଣ୍ଡାକୁ ଆଜୀବନ କାରାଦଣ୍ଡ

କେନ୍ଦୁଝର, ୧୮/୪ (ନି.ପ୍ର): କେନ୍ଦୁଝରରେ ବୋଲେରୋ ଚଢ଼ାଇ ହତ୍ୟା ମାମଲାରେ ଅଭିଯୁକ୍ତ ରାମସିଂ ମୁଣ୍ଡାକୁ ଆଜୀବନ କାରାଦଣ୍ଡ ସଜା ଶୁଣାଇଲେ ଜିଲ୍ଲା ଦୌରାଜଜ୍ କୋର୍ଟ । ଏହାସହ ୧୦ ହଜାର ଟଙ୍କା ଜୋରିମାନା କଲେ । ଜୋରିମାନା ଅନାଦେୟ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଶୁଣାଇଲେ କୋର୍ଟ । ବାଂଶପାଳ ବ୍ଲକ ନୟାକୋଟ ଥାନା ଲୁହାକଳା ଗାଁରେ ଗତ ୭-୧-୨୦୨୫ ଦିନ ଘଟିଥିଲା ଏହି ଘଟଣା। ବାଇକ୍ ର ଇଏମଆଇ ଆଦାୟ ପାଇଁ ଲୁହାକଳା ଗାଁର ରାସସିଂ ମୁଣ୍ଡା ଘରକୁ ଯାଇଥିଲେ ମନୋଜ କୁମାର ମହାନ୍ତ ଏବଂ ତାରିଣୀ ପ୍ରସାଦ ମହାନ୍ତ। ହେଲେ ସେମାନଙ୍କୁ ଏଟିଏମରୁ ଟଙ୍କା ଉଠାଇ ଦେବ କହି ସେମାନଙ୍କୁ କାଦକଳା ଯିବାକୁ କହିଥିଲା ରାମସିଂ ମୁଣ୍ଡା । ମନୋଜ କୁମାର ମହାନ୍ତ ଏବଂ ତାରିଣୀ ପ୍ରସାଦ ମହାନ୍ତ ବାଇକ୍ ରେ ଆଗରେ ଯାଉଥିବା ବେଳେ ପଛରେ ଏକ ବୋଲେରୋ ଚଳାଇ ଆସୁଥିବା ରାମସିଂ ମୁଣ୍ଡା ପଛରୁ ତାଙ୍କ ଉପରେ ବୋଲେରୋ ଚଢ଼ାଇ ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାରିଣୀ ପ୍ରସାଦଙ୍କର ମୃତ୍ୟୁ ଘଟିଥିବା ବେଳେ ମନୋଜ ଗୁରୁତର ଆହତ ହୋଇଥିଲେ । ଘଟଣାର ସାକ୍ଷୀ ମନୋଜ କୁମାର ମହାନ୍ତଙ୍କର ଅଭିଯୋଗ କ୍ରମେ, ନୟାକୋଟ ପୋଲିସ ଅଭିଯୁକ୍ତ ରାସସିଂ ମୁଣ୍ଡାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଆଜି ଏହି ମାମଲାରେ ୧୧ ଜଣ ସାକ୍ଷୀଙ୍କର ବୟାନକୁ ଭିତି କରି କୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି ।

# ଜୁଙ୍ଗା ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ

କେନ୍ଦୁଝର, ୧୮/୪ (ନି.ପ୍ର): ହରିଚନ୍ଦନପୁର ବ୍ଲକ ଜୁଙ୍ଗା ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି । ଅଧିବାସ ଦିବସରେ ଗ୍ରାମ ପାଖ କାନ୍ଝିର ନଦୀରୁ ପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ କଳସ ସ୍ଥାପନ କରିଥିବା ବେଳେ ପୂଜକ ନରେନ୍ଦ୍ର ନନ୍ଦ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ । ଗ୍ରାମର ଗଦାଧର ନାଏକ ସଂକଳ୍ପରେ ବସିଥିବା ବେଳେ ବିଦ୍ୟାଧର ନାଏକ ତାଙ୍କୁ ସହଯୋଗ କରିଥିଲେ । ବହୁ ଦୂର ଦୁରାନ୍ତରୁ ତଥା (୧) ବାଲିତୋଟା (ମୟୁରଭଞ୍ଜ ) (୨) ମତା (ଝିଅ ଦଳ ) (୩) ବେଗନା (ଝିଅ ଦଳ )(୪) ବାରକୋଟ (ଅନୁଗୁଳ ) (୫)ଜୁଙ୍ଗା ଗ୍ରାମର କୀର୍ତନ ଦଳ ଏଥିରେ ଯୋଗ ଦେଇଥିଲେ । ଏହି ଚବିଶ ପ୍ରହର ନାମ ଯଜ୍ଞରେ ରାମ ନାମ ଶ୍ରବଣ କରିବା ପାଇଁ ନିତ୍ୟାନନ୍ଦପୁର, ଧାନବେଣୀ, ବକ୍ସିବାରିଗାଁ, ଓସ୍ତପଙ୍ଗା, ବଲାଣି ପଶି, କାଳିମାଟି, ଜୁଙ୍ଗା, କାବେରୀପସୀ, ଭଗମୁଣ୍ଡା, ନଇଗୋଡା, ଦୁଆରସୁଣୀ ପ୍ରଭୃତି ଗ୍ରାମର ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି ।

# ଜିଲ୍ଲା ସ୍ତରୀୟ କ୍ରୀଡା ପ୍ରତିଭା ଚୟନ ପ୍ରକ୍ରିୟା ସଫଳ ଆୟୋଜିତ

ନୂଆପଡ଼ା, ୧୮/୪ (ନି.ପ୍ର): ନୂଆପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ସ୍ଥାନୀୟ ପୋଲିସ ପଡିଆରେ ଆଜି ଜିଲ୍ଲା ସ୍ତରୀୟ କ୍ରୀଡା ପ୍ରତିଭା ଚୟନ ପ୍ରକ୍ରିୟା ସଫଳ ଭାବରେ ଆୟୋଜିତ ହୋଇଯାଇଛି । ଏହି ପ୍ରକ୍ରିୟା ଭଲିବଲ ଖେଳ ପାଇଁ ବିଶେଷ ଭାବେ ଆୟୋଜିତ ହୋଇଥିଲା । ଜିଲ୍ଲାରେ ଅନଲାଇନ ମାଧ୍ୟମରେ ନାମ ପଞ୍ଜୀକରଣ କରିଥିବା ବାଳକ ଓ ବାଳିକାମାନଙ୍କ ପାଇଁ ପୂର୍ବରୁ ବ୍ଲକ୍ ସ୍ତରରେ ଖେଳକୁଦ, ଖୋ-ଖୋ ଓ ଭଲିବଲ ଖେଳରେ ଚୟନ ପ୍ରକ୍ରିୟା ଆୟୋଜିତ ହୋଇଥିଲା । ସେଠାରେ ଚୟନିତ ପ୍ରତିଭାମାନଙ୍କର ପାରଦର୍ଶିତା ପ୍ରମାଣପତ୍ର ରାଜ୍ୟ କ୍ରୀଡା ବିଭାଗକୁ ପ୍ରେରଣ କରାଯାଇଥିଲା । ରାଜ୍ୟ ସ୍ତରରେ ପ୍ରମାଣପତ୍ର ଗୁଡିକର ଯାଂଚ୍ ପରେ ଚୟନିତ ପ୍ରତିଭାମାନଙ୍କର ତାଲିକା ଜିଲ୍ଲାକୁ ପ୍ରେରଣ କରାଯାଇଥିଲା । ରାଜ୍ୟ କାର୍ଯ୍ୟାଳୟ ନିର୍ଦ୍ଦେଶ ଅନୁସାରେ ଖେଳକୁଦ, ଖୋ-ଖୋ ଓ ଭଲିବଲ ଖେଳ ପାଇଁ ଜିଲ୍ଲା ସ୍ତରରେ ଏହି ଚୟନ ପ୍ରକ୍ରିୟା ଆୟୋଜିତ ହୋଇଥିଲା । ଏହାର ପରେ ଜିଲ୍ଲାସ୍ତରର ପାରଦର୍ଶିତା ପ୍ରମାଣପତ୍ର ପୁନର୍ବାର ରାଜ୍ୟ କାର୍ଯ୍ୟାଳୟକୁ ପ୍ରେରଣ କରାଯାଇଛି । ପରବର୍ତୀ ପର୍ଯ୍ୟାୟରେ ରାଜ୍ୟ ସ୍ତରରେ ଚୟନିତ ପ୍ରତିଭାମାନଙ୍କୁ ରାଜ୍ୟ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ପାଇଁ ଆମନ୍ତ୍ରଣ କରାଯିବ । ସେଠାରେ ସଫଳ ହେବାକୁ ସମର୍ଥ ପ୍ରତିଭାମାନଙ୍କୁ ଓଡ଼ିଶାର ବିଭିନ୍ନ କ୍ରୀଡା ଛାତ୍ରାବାସରେ ଭର୍ତି କରାଯିବ । ଏହି ଅଭିନବ ପ୍ରୟାସ ମାଧ୍ୟମରେ ରାଜ୍ୟ ସରକାର ଆଗାମୀ ଦିନରେ ରାଜ୍ୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ କ୍ରୀଡାବିତ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ସୂଚନା ମିଳିଛି ।

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶାନୁସରେ ଝାରସୁଗୁଡ଼ା ସହରରେ ଭାରୀ ଯାନ ଚଳାଚଳ ଉପରେ କଟକଣା

ଝାରସୁଗୁଡ଼ା, ୧୮/୪ (ନି.ପ୍ର): ସହରର କେତେକ ମୁଖ୍ୟ ରାସ୍ତାରେ ବଢୁଥିବା ଦୁର୍ଘଟଣାକୁ ରୋକିବା ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଭାରୀ ।ନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି । ଝାରସୁଗୁଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ କୁଣାଲ ମୋତିରାମ ଚହ୍ୱାଣ ମୋଟର ଯାନ ଅଧିନିୟମ, ୧୯୮୮ର ଧାରା ୧୧୫ ଅନୁଯାୟୀ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରିଛନ୍ତି । ସରକାରୀ ନିର୍ଦ୍ଦେଶ ଅନୁଯାୟୀ, ଅର୍ଡା ଛକ ରୁ ସର୍କିଟ ହାଉସ ଛକ ମଧ୍ୟରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନୂତନ ବସଷ୍ଟାଣ୍ଡ, ଡିପିଓ ଛକ ଏବଂ ଓଏମପି ଛକ ଦେଇ ଯାଉଥିବା ରାସ୍ତାରେ ଭାରୀ ଯାନ ଚଳାଚଳକୁ ସୀମିତ କରାଯାଇଛି । ଏହି ରାସ୍ତାଟି ଅତ୍ୟଧିକ ଦୁର୍ଘଟଣା ପ୍ରବଣ ହୋଇପଡ଼ିଥିବାରୁ ଏବଂ ନୂତନ ବସଷ୍ଟାଣ୍ଡର ସୁପରିଚାଳନା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଯାତାୟାତରେ ପେରି କୌଣସି ବାଧା ସୃଷ୍ଟି ନହୁଏ, ସେଥିପାଇଁ ଏହି ନିଷ୍ପତ୍ତି ନିଆଯାଇଛି । ଏହି ନିୟମ ଅନୁସାରେ, ୧୬,୨୦୦ କିଲୋଗ୍ରାମ କିମ୍ବା ତା'ଠାରୁ ଅଧିକ ଓଜନ ବିଶିଷ୍ଟ ସମସ୍ତ ଭାରୀ ଯାନ (ଭର୍ତ୍ତି କିମ୍ବା ଖାଲି) ଉପରୋକ୍ତ ରାସ୍ତାରେ ଚଳାଚଳ କରିପାରିବେ ନାହିଁ । ଏହି କଟକଣା ୧ ଏପ୍ରିଲ ୨୦୨୬ ରୁ ୩୦ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ବଳବତ୍ତର ରହିବ । ବିକଳ୍ପ ବ୍ୟବସ୍ଥା ସ୍ୱରୂ, ଏହି ସମସ୍ତ ଭାରୀ ଯାନଗୁଡ଼ିକ ଅର୍ଡା ଛକରୁ ସର୍କିଟ ହାଉସ ଛକ ର୍ଯ୍ୟନ୍ତ ରାଜ୍ୟ ରାଜଥ-୧୦ ଏବଂ ନୂତନ ଷ୍ଟାଡିୟମ ଦେଇ ଯାତାୟାତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ସମ୍ପର୍କରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରକ୍ଷୀ ଅଧୀକ୍ଷକ ଏବଂ ପରିବହନ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅବଗତ କରାଯାଇଛି । ଟ୍ରାଫିକ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ଜନସାଧାରଣ ଓ ଯାନବାହନ ମାଲିକମାନେ ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି ।


**OFFICE OF THE REGULATED MARKET COMMITTEE, JALESWAR.**
**AT-NANDIKA, PO-JALESWAR, DIST-BALASORE, ODISHA, PIN-756032**
e-mail-rmcjaleswar@gmail.com

***SITE DEVELOPMENT WITH FILLING EARTH AND MORRUM AT CHALANTI MARKET YARD UNDER RMC, JALESWAR.***

**Notice No. 292 // Date. 18/04/2026 //**

The Sub-Collector, Baleshwar-cum- Chairman, RMC, Jaleswar invites Sealed Tenders from Registered 'D' & 'C' Class Contractors having valid license as Civil Contractor, under Govt. of Odisha for "**SITE DEVELOPMENT WITH FILLING EARTH AND MORRUM AT CHALANTI MARKET YARD UNDER RMC, JALESWAR**", At/Po-Chalanti, Dist- Baleshwar. The estimated cost of the project is Rs. 4,70,886/-(Rupees Four Lakhs Seventy thousand Eight hundred & Eighty Six) only including GST, Contingency & Supervision Charges. The EMD amount is @1% of the estimated project cost i.e. Rs. 5000/-(Rupees Five thousand) only which will be deposited in the shape of Demand Draft in favour of the Secretary, Regulated Market Committee, Jaleswar. The details of the estimate may be procure by depositing requisite fee i.e. Rs. 600/-(Rupees Six hundred) only from the office during office hour i.e. 7.00 A.M. to 1.00 P.M. from date-20-04-2026 to on Dt. 04-05-2026. The sealed tender must reach at Office of the Regulated Market Committee, Jaleswar on or before 1.00 PM dated.04-05-2026(through Speed post/By hand).The sealed Tenders will be opened at 10.00 A.M. on Dt. 05-05-2026 at O/o the RMC, Jaleswar. The work completion period is 01 (One) month from the date of issue of work order.

The Authority reserves the right to reject any or all the Tenders at any time without assigning any reason thereof.

**Sd/-**
**Sub-Collector, Baleshwar**
**-cum-**
**Chairman, RMC, Jaleswar.**

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୯ ଏପ୍ରିଲ ୨୦୨୬
email :
rabibarachayan2015@gmail.com





# ବୁଦ୍ଧ କାହାଣୀ

ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ **'ବୁଦ୍ଧ କାହାଣୀ'** ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**



## ୩୦ ଦସ୍ୟୁ ଅଙ୍ଗୁଳିମାଳା (ଖ)

ଗ୍ରାମବାସୀମାନେ ତାଙ୍କୁ ଦେଖି କହିଲେ, "ଭିକ୍ଷୁ, ସେ ବାଟ ଦେଇ ଯାଅନାହିଁ, ଭିକ୍ଷୁ, ଯାଅନାହିଁ। ଏହି ଜଙ୍ଗଲରେ ଜଣେ ହତ୍ୟାକାରୀ ଅଛି। ତା'ର ନାମ ଅଙ୍ଗୁଳିମାଳ। ସେ ଶହଶହ ଲୋକଙ୍କୁ ହତ୍ୟା କରିଛି। ସେ ନିଷ୍ଠୁର, ଦୁଷ୍ଟ ଏବଂ ନିର୍ଦ୍ଦୟ। ତୁମକୁ ମଧ ସେ ହତ୍ୟା କରିପାରେ। ସେ କାହାକୁ ବି ସମ୍ମାନ ଦିଏନାହିଁ। ଏହି ଗାଁର ଅନେକ ଲୋକ ଘରଛାଡ଼ି ଚାଲିଯାଇଛନ୍ତି ଏବଂ ଆମେ ମଧ ଆଜି ଆମର ଘର ଛାଡ଼ିଯାଉଛୁ। ସେ ଆଜି ମଧ ଏହି ଗାଁକୁ ଆସିପାରେ। ଦୟାକରି, ଯଦି ଆପଣ ବଞ୍ଚିବାକୁ ଚାହାନ୍ତି, ତେବେ ସେଠାକୁ ଯାଆନ୍ତୁ ନାହିଁ। ତୁରନ୍ତ ଘରକୁ ଫେରିଯାଆନ୍ତୁ।" ସେମାନେ ତିନିଥର ବୁଦ୍ଧଙ୍କୁ ଏହିପରି ପରାମର୍ଶ ଦେଲେ ଏବଂ ଫେରିଯିବାକୁ କହିଲେ। ମାତ୍ର ବୁଦ୍ଧ ଏପରି ଦୟାପୂର୍ଣ୍ଣ ପରାମର୍ଶ ପାଇଁ ସେମାନଙ୍କୁ ଧନ୍ୟବାଦ ଦେଇ ଚାଲିବା ଜାରି ରଖିଲେ।

ଏବେ ଅଙ୍ଗୁଳିମାଳଙ୍କ ମାଆ ଜଙ୍ଗଲରେ ପ୍ରବେଶ କଲେ। ଅଙ୍ଗୁଳିମାଳ ତାଙ୍କୁ ଆସୁଥିବାର ଦେଖି ଭାବିଲେ, "ଆହା! ବିଚରା ମହିଳା ଜଣକ ଏକୁଟିଆ ଆସୁଛନ୍ତି। ମୋର ତାଙ୍କ ପ୍ରତି ଦୟା ଜାତ ହେଉଛି, ମାତ୍ର ମୁଁ ତାଙ୍କୁ ସାହାଯ୍ୟ କରିପାରିବି ନାହିଁ। ମୁଁ ମୋ ପ୍ରତିଜ୍ଞାକୁ ନିଶ୍ଚୟ ରକ୍ଷା କରିବି। ମୁଁ ତାଙ୍କୁ ନିଶ୍ଚିତ ମାରିବି।" ତେଣୁ ସେ ଖଣ୍ଡା ଧରି ତାଙ୍କ ନିକଟକୁ ଦୌଡ଼ିଲେ। ଅଚାନକ ବୁଦ୍ଧ ଅଙ୍ଗୁଳିମାଳ ଓ ତାଙ୍କ ମା'ଙ୍କ ମଝିରେ ପ୍ରକଟ ହୋଇଗଲେ। ତତ୍ପରେ ଅଙ୍ଗୁଳିମାଳ ଭାବିଲେ, "ଏହା ଖୁବ୍ ଭଲ ଯେ ଏହି ଭିକ୍ଷୁ ମୋ ମା'ଙ୍କ ସମ୍ମୁଖକୁ ଆସିଯାଇଛନ୍ତି। ମୁଁ ମୋ ମାଆଙ୍କୁ ଆଉ କାହିଁକି ମାରିବି? ମୁଁ ତାଙ୍କୁ ଏକା ଛାଡ଼ିଦେବି ଓ ଏହି ଭିକ୍ଷୁଙ୍କୁ ମାରି ତାଙ୍କର ଏକ ଆଙ୍ଗୁଠିକୁ କାଟିଦେବି।" ତତ୍ପରେ ଏକ ଖଣ୍ଡା ଧରି ସେ ବୁଦ୍ଧଙ୍କ ଆଡ଼କୁ ଦୌଡ଼ି ଆସିଲେ। ବୁଦ୍ଧ ସବୁଥର ପରି ତାଙ୍କ ଆଡ଼କୁ ଧୀରେଧୀରେ ଚାଲିଲେ ଏବଂ ଭାବୁଥିଲେ, "ହେ ଯୁବକ, ମୋ ଆଡ଼କୁ ଦୌଡ଼ି ଆସ।" ଅଙ୍ଗୁଳିମାଳ ବୁଦ୍ଧଙ୍କ ଆଡ଼କୁ ଦୌଡ଼ିଦୌଡ଼ି ଆସିଲେ, ମାତ୍ର ତାଙ୍କୁ ଧରିପାରିଲେ ନାହିଁ। ସେ ଜୋର୍‌ରେ ନିଶ୍ୱାସ ନେଉଥିଲେ ଏବଂ ତାଙ୍କ ଶରୀର ଝାଳରେ ସଂପୂର୍ଣ୍ଣ ଭିଜିଯାଇଥିଲା। ସେ ଏତେ କ୍ଳାନ୍ତ ହୋଇଯାଇଥିଲେ ଯେ ତାଙ୍କ ପାଦର ସବୁ ଗଣ୍ଠିରେ ଯନ୍ତ୍ରଣା ହେବାକୁ ଲାଗିଲା। ସେ ଏତେ ଦୁର୍ବଳ ହୋଇଯାଇଥିଲେ ଯେ ଆଉ ଦୌଡ଼ିପାରିଲେ ନାହିଁ। ତତ୍ପରେ ସେ ଭାବିଲେ, "ପୂର୍ବରୁ ମୁଁ ବହୁତ ଦ୍ରୁତଗତିରେ ଦୌଡ଼ୁଥିବା ହାତୀ, ଘୋଡ଼ା, ରଥ, ହରିଣ କିମ୍ବା ଅନ୍ୟ କୌଣସି ପ୍ରାଣୀଙ୍କୁ ଧରିପାରୁଥିଲି ଏବଂ ମୁଁ କେବେ ଏପରି କ୍ଳାନ୍ତ ଅନୁଭବ କରିନଥିଲି। ମାତ୍ର ଆଜି କେତେ ଆଶ୍ଚର୍ଯ୍ୟ! କେତେ ଅଦ୍ଭୁତ! ମୁଁ ଏହି ଭିକ୍ଷୁଙ୍କୁ ଧରିପାରୁନାହିଁ।" ତା'ପରେ ସେ ଚିତ୍କାର କରି ବୁଦ୍ଧଙ୍କୁ କହିଲେ, "ରୁହ, ଠିଆ ହୁଅ, ଠିଆ ହୁଅ ଭିକ୍ଷୁ।"

"ମୁଁ ସ୍ଥିର ହୋଇ ଠିଆ ହୋଇଛି ଅଙ୍ଗୁଳିମାଳ! ତୁମେ କ'ଣ ସ୍ଥିର ହୋଇ ଠିଆ ହୋଇଛ?" ପଚାରିଲେ ବୁଦ୍ଧ।

ଅଙ୍ଗୁଳିମାଳ ବୁଦ୍ଧଙ୍କ କଥାର ଅର୍ଥ ବୁଝିପାରିଲେ ନାହିଁ ଏବଂ ଭାବିଲେ, "ବୌଦ୍ଧଭିକ୍ଷୁମାନେ ମିଛ କୁହନ୍ତି ନାହିଁ। ଏହି ଭିକ୍ଷୁ ମୋ ଅପେକ୍ଷା ଦ୍ରୁତଗତିରେ ଦୌଡ଼ୁଥିବା ସମୟରେ କହୁଛନ୍ତି ଯେ ସେ ସ୍ଥିର ଭାବରେ ଠିଆ ହୋଇଛନ୍ତି। ମୁଁ ମଧ ଅସାଧାରଣ ଭାବରେ ଦୁର୍ବଳ ଅନୁଭବ କରୁଛି, ତାଙ୍କ କଥାରେ ନିଶ୍ଚୟ କିଛି ଅର୍ଥ ଥିବ।" ତା'ପରେ ସେ ବୁଦ୍ଧଙ୍କୁ ପଚାରିଲେ, "ତୁମେ ମୋ ଅପେକ୍ଷା ଦ୍ରୁତଗତିରେ ଦୌଡ଼ୁଥିବା ସତ୍ତ୍ୱେ ସ୍ଥିର ଭାବରେ ଠିଆ ହୋଇଛ ବୋଲି କିପରି କହୁଛ?"

"ମୁଁ ସ୍ଥିର ଭାବରେ ଠିଆହୋଇଛି ଅଙ୍ଗୁଳିମାଳ, ସବୁବେଳ ପରି।

କାରଣ ମୁଁ ସମସ୍ତ ଜୀବଜନ୍ତୁଙ୍କ ପ୍ରତି ଦୟାଳୁ।

କିନ୍ତୁ ତୁମେ ଜୀବଜନ୍ତୁଙ୍କ ପ୍ରତି ନିର୍ଦ୍ଦୟ।

ତେଣୁ ମୁଁ ସ୍ଥିର ହୋଇ ଠିଆ ହୁଏ ଏବଂ ତୁମେ ଅସ୍ଥିର ହୁଅ।"

ଅଙ୍ଗୁଳିମାଳ ବୁଦ୍ଧଙ୍କ ଉପରେ ବହୁତ ଖୁସି ହେଲେ ଏବଂ ତାଙ୍କର ଖଣ୍ଡା ଫୋପାଡ଼ି ବୁଦ୍ଧଙ୍କ ସମ୍ମୁଖରେ ଆଣ୍ଠୁମାଡ଼ି ବସି ପଡ଼ିଲେ। ବୁଦ୍ଧ ତାଙ୍କୁ ଆଶୀର୍ବାଦ କଲେ ଏବଂ ମନ୍ଦିରକୁ ନେଇଗଲେ। ତା'ପରେ ସେ ସେଠାରେ ତାଙ୍କୁ ଦୀକ୍ଷା ଦେଲେ। ତାଙ୍କ ମାଆ ମଧ ବହୁତ ଆଶ୍ଚର୍ଯ୍ୟ ହେଲେ ଯେ ବୁଦ୍ଧ ତାଙ୍କୁ ଏକ ମିନିଟ୍ ମଧରେ ଜଣେ ଭଲ ମଣିଷ କରିଦେଲେ।

ଅଙ୍ଗୁଳିମାଳକୁ ଧରିବା ପାଇଁ ଜଙ୍ଗଲକୁ ଯିବା ପୂର୍ବରୁ ରାଜା ବୁଦ୍ଧଙ୍କ ଆଶୀର୍ବାଦ ପାଇବାକୁ ଚାହୁଁଥିଲେ। ତେଣୁ ସେ ପାଞ୍ଚଶହ ଘୋଡ଼ା ଏବଂ ପାଞ୍ଚଶହ ସୈନ୍ୟ ସହିତ ତାଙ୍କୁ ଭେଟିବା ପାଇଁ ମନ୍ଦିରକୁ ଗଲେ। ତା'ପରେ ବୁଦ୍ଧ ତାଙ୍କୁ ପଚାରିଲେ, "ମହାନ୍ ରାଜା, ତୁମର କ'ଣ ଅସୁବିଧା ହେଇଛି? ରାଜା ବିମ୍ବିସାର ତୁମ ସହିତ ଯୁଦ୍ଧ କରିବାକୁ ଆସୁଛନ୍ତି କିମ୍ବା ଲିଚ୍ଛାବିର ରାଜକୁମାର ଅଥବା ଅନ୍ୟ କୌଣସି ବଡ଼ ସମସ୍ୟା?"

"ନା, ମହାଶୟ, ମୋ ରାଜ୍ୟରେ ଅଙ୍ଗୁଳିମାଳ ନାମକ ଜଣେ ସବୁଠାରୁ ଭୟଙ୍କର ଡକାୟତ ଅଛି, ମୁଁ ତାକୁ ଧରିବାକୁ ଯାଉଛି," ରାଜା କହିଲେ।

"କିନ୍ତୁ ମହାରାଜା, ଧରନ୍ତୁ ଆପଣ ଅଙ୍ଗୁଳିମାଳଙ୍କୁ ମୁଣ୍ଡନ ହୋଇଥିବା, ଗୈରିକ ବସ୍ତ୍ର ପିନ୍ଧିଥିବା, ସେହି ଦସ୍ୟୁର ଜୀବନ ତ୍ୟାଗ କରି ହତ୍ୟାକରିବା ବନ୍ଦ କରିଦେଇଥିବାର ଦେଖିବେ, ତେବେ ତାଙ୍କୁ କ'ଣ କରିବେ?"

"ତେବେ ମୁଁ ତାଙ୍କୁ ପୂଜା କରିବି," ରାଜା କହିଲେ।

ତା'ପରେ ବୁଦ୍ଧ ଅଙ୍ଗୁଳିମାଳଙ୍କୁ ଡାକିଲେ। ସେ ଘରୁ ବାହାରକୁ ଆସିବା ମାତ୍ରେ ରାଜାଙ୍କ ବ୍ୟତୀତ ସମସ୍ତ ସୈନ୍ୟ ଦୌଡ଼ି ପଳାଇଗଲେ। ବୁଦ୍ଧ ସମସ୍ତଙ୍କୁ ଅଟକାଇଲେ ଏବଂ ସମସ୍ତଙ୍କୁ ଧର୍ମ ଉପଦେଶ ପ୍ରଦାନ କଲେ। (କ୍ରମଶଃ)

♥ ଅଧାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

# ମିନିଗଳ୍ପ-୨

## ମାମଲା (ଖ)

**ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ**



ପଡୋଶୀ ସାନଭାଇ ପାଖାପାଖି ପୁଅ ବୟସର। ନେତା। ତିନିଥର ସରପଞ୍ଚ ପଦବୀରେ ଜିତୁଜିତୁ ହାରି ଯାଇଛନ୍ତି। ବଡ଼ଭାଇ ସ୍କୁଲ ମାଷ୍ଟର। ପଲେ ଝିଅର ସଂସାର। ଭାରି ନିୟଣ୍ଟିଆ। ବହୁକଷ୍ଟରେ କିଛି ଜମିବାଡ଼ି କମେଇଛନ୍ତି। ସାନଭାଇ ବିଲ ଦେଇ ହଳ ଗଲେ ସାନଭାଇ ଅଟକାଏ। ବାରିଆଡ଼ ଝାଉଁଗଛ ମୂଳେ ଟଙ୍କା ଦଶହଜାର ଥୋଇଦେବାକୁ ଯଉଁ ବେନାମୀଚିଠି ମିଳିଥିଲା, ତାହା ତାଙ୍କର ଅକ୍ଷର ବୋଲି ଚିହ୍ନଟ ହୋଇଗଲା ଏକପ୍ରକାର। ଭାଷା ଧଣ୍ଡଚଣ୍ଡ। ପରିବାର କଥା ମୁଣ୍ଡକୁ ନିଏନା। ନ୍ୟାୟ ନିଶାପ ଅଧାରୁ ଉଠିଆସେ। ଜବରଦସ୍ତ ଚଷିଲା ବଡ଼ଭାଇର ନାଳବନ୍ଧ କୂଳିଆ ତିନିକୋଣିଆ ଜମି। ପୋଟଳ ଖୁରୁସେଇଲା। ପାଖରେ ହାତପଟା ରଖିଚି ବୋଲି କହିଲା। କଚିରୀ ଦୁଆର ମାଡିନଥିବା ବଡ଼ଭାଇ ନିଜର ନିପାରିଲାପଣକୁ ଆଉ ବଢିବାକୁ ନଦେଇ କଚିରୀ ଗଲେ। ଜମି ଦୁଇ ଡିସିମିଲି। ଦାମ ଚାରିହଜାର ଅତିବେଶିରେ। ଖର୍ଚ୍ଚ ହେଲା ଦଶହଜାର। ଡିଗ୍ରୀ ପାଇଲେ ବଡ଼ଭାଇ। ହାଣ୍ଡି ମୁହଁ କରି ଫେରିଲେ ସାନଭାଇ।

ବଡ଼ଭାଇ ତା ପରଦିନ ସକାଳୁ ଦାଣ୍ଡପିଣ୍ଡାରେ ପିଉଥିଲେ ଚା। ସାନଭାଇକୁ ପାଖକୁ ଡାକିଲେ। ଫଁ ଫଁ ହୋଇ ଆସିଲା ସାନଭାଇ।

ବଡ଼ଭାଇ କହିଲେ ଚଷୁଚୁ ତ ଚଷ। ଟିକେ ହସ !

ବଡ଼ଭାଇର ଦେହାନ୍ତକୁ ଶୁଦ୍ଧକ୍ରିୟାରେ ଅଣ୍ଟା ଭିଡି ଦେଇଥିଲା ସାନଭାଇ।

♥ ରମାଦେବୀ ମହିଳା ମହାବିଦ୍ୟାଳୟ, ଭୁବନେଶ୍ୱର,
(ମୋ) ୯୭୭୬୫୪୬୧୩୦

## ପାଉଁଜିର ପାଣ୍ଡୁଲିପି-୧୬

**ବିପିନ ମହାନ୍ତି**



### ତୁମ ଗାଆଁ ଜହ୍ନ

ତୁମରି ଗାଆଁର ମହୁମାଛି ମୋତେ ମହୁର ଠିକଣା ଦେଲା
ମଧୁମାଳତୀର ମହକରେ ଭରା ଫୁଲବନ ଦେଖାଇଲା
ତୁମରି ଗାଆଁର ମଳୟ ପବନ ମୋ' ଚିତ୍ତ ଚୋରେଇ ନେଲା
ତୁମରି ପ୍ରେମର ପାରିଜାତ ଫୁଲେ ଏ ମନ ଫେରାର ହେଲା।

ତୁମରି ଗାଆଁର ଫୁଲ ସଞ୍ଜବେଳେ ଖଞ୍ଜେ ମୁଁ ତୁମକୁ ଡାକେ
ତୁମ ଆଖିତଳ କଜଳେ ସଜଳ ଅନ୍ଧାର ତୁମଠି ମାଖେ
ତୁମ ଗାଆଁ ଜହ୍ନ ଅନ୍ଧାର ଆଡ଼େଇ ଆମ ଆଡ଼େ ଯେବେ ଚାହେଁ
ଆମ ଗାଆଁ ବଉଦ ଭାରି କଦରିଆ ଜହ୍ନକୁ ଲୁଚେଇ ଦିଏ।

ସଞ୍ଜ ଗଲେ ବିତି ଫେରିଆସେ ରାତି ଫେରିଆସେ ମଲାଜହ୍ନ
ଆମ ଗାଆଁ ବର୍ଷା ସରାଗରେ ତୁମ ଭିଜିଥାଏ ତନୁମନ
ତୁମ ପିନ୍ଧାଶାଢ଼ି ଫିଟିପଡୁଥାଏ ସଜାଡ଼ଉ ସଜାଡୁ କେଶ
ପାଦ ଚିପିଚିପି ଆମ ଗାଆଁ ଫେରେ ଧରି ମେଞ୍ଚେ ଅବସୋସ।

ତୁମ ଗାଆଁ ଆମ ଗାଆଁ ମଝି ସରହଦ ଦିନେ ଉଠିଯିବ ବଳେ
ତୁମେ ଜାଳୁଥିବ ସଞ୍ଜ ଦୀପଟିଏ ଆମ ଗାଆଁ ଚଉରା ମୂଳେ।

♥ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

# କବିତା



## ପଛରୁ ଜଣେ ଡାକେ

**ପୂର୍ଣ୍ଣଚନ୍ଦ୍ର ମହାରଣା**

ଯେତେବେଳେ
ଘରୁ ମୁଁ ପଦାକୁ ବାହାରେ
ସେତେବେଳେ ବୋଉ ପଛରୁ ଡାକେ
ଆରେ କ'ଣ ଖାଇଚୁ ଟି,
ସବୁ ବେଳେ ପଛରୁ ଡାକିବା
ତା'ର ଗୋଟେ ଖୋଇ
ମତେ ରାଗ ଲାଗେ
ମୁଁ କ'ଣ ଛୋଟପିଲା !!

ବାହାତୋଳା ହେଇ ସାରିଲାଣି
ପିଲାଛୁଆ ହେଇ ଗଲେଣି
ସବୁବେଳେ ପଛରୁ ଡାକିବ
କାମରେ ବାହାରିଲା ବେଳେ !!

ଆଉ ତ କିଛି ଜାଣିନି
ସେଇ ପାନ ଗୁଆ ଗୁଣ୍ଡି
ତାରି ପାଇଁ ପଛରୁ ଡାକି
ମନେ ପକେଇ ଦିଏ !!

ଏବେ ବୋଉ କତରା ଲଗା
ଦେହ ଭଲ ନାହିଁ
ଆଉ ପଛରୁ ଡାକି ପାରୁନି !!
କାହିଁ କେଜାଣି ମୋ ମନ ବି
ଗୋଳେଇ ଘାଣ୍ଟି
ପଛରୁ ବୋଉର ଡାକ ଶୁଣିବା ପାଇଁ !!

କଥା ପଡୁପଡୁ
ପଡିଶା ଘରର ଜେଜେ
ମତେ କହିଲେ ଆରେ
ପଛରୁ ବୋଉ ଡାକିଲେ ଶୁଭ
ଭାରିଜା ଡାକିଲେ ଅଶୁଭ
କାନ୍ଦି ପକେଇବି କି
ନା ତା ବି କରି ପାରୁନି !!

♥ ବାଲକାଟୀ, ଖୋର୍ଦ୍ଧା
ମୋ:-୯୯୩୭୭୭୭୬୫୨

## ॥ ସଂଦିଗ୍ଧ ସମୟ ॥

**ରକ୍ଷକ ନାୟକ**



ସେ କାଲି ମଧ ଆସିଥିଲା;
ଏମିତି ମଝିରେ ମଝିରେ
ମତେ ଏକୁଟିଆ ଦେଖି ଆସେ
ଫେରିଯାଏ।

ମୁଁ କ'ଣ କେବେ
ସତରେ ଏକୁଟିଆ ଥାଏ!
ହୁଏତ ଦିଶୁଥାଇପାରେ
ଭିତରେ କିନ୍ତୁ ମୁହାଣ ହଜାରେ।

କିଛି ନ ଥିବ
ନା ଶବ୍ଦ ନା ଭାବ
ନା ରଙ୍ଗ ନା ଆକୃତି
ନା କାଳ ନା କଳା
ମୁଁ ଥିବି
ଏଭଳି ସ୍ଥିତି ପାଇଁ
କେତେ ସ୍ଥାନ ଆଉ ସମୟ
ବଦଳାଇ ସାରିଲିଣି।

ମହରଗରୁ କାନ୍ତାରେ ପଡ଼ିବା ସାର
ଗଣ୍ଠିଫିଟା ସରୁନାହିଁ।
ଯାହାକୁ କଣ୍ଟା ଭାବି କାଢ଼ିଲି
ସେ ଭିତରେ ଗଜୁରେଇଲାଣି
ଯାହାକୁ ଅଳିଆ ଭାବି ଫିଙ୍ଗିଦେଲି
ସେ ଢେଉ ପିଠିରେ ଗର୍ଜନ ତର୍ଜନ କରି
ଫେରି ଆସିଲାଣି।
ଯେତେ ଉଝାଳିଲେ ବି
ଝର ଶୁଖୁନି
ଫୁଲକୁ ଦଳି ମକଚି ଦେଲେ ବି
ବାସ୍ନା ଯାଉନି।

ମୁଁ ପ୍ରାୟ କୋଳାହଳରେ
କୂଳରେ କୋଳାହଳ, ନଈ ଭିତରେ
ବି କୋଳାହଳ
ନିରବତାର ପାଦୁକ ପାଇଁ
ପାହାଚ ତଳେ,
ମନ୍ଦିରରେ ଘଣ୍ଟା ଘଣ୍ଟା ଆଳତି
ମନ୍ତ୍ର ଉଚ୍ଚାରଣ
ସରିବାର ନାଁ ନେଉନାହିଁ।

ମୁଁ ନିରବି ଗଲେ ସିନା
ଶୁଣିପାରନ୍ତି ତା' କଥା,
ସେ ତ ସ୍ୱୟଂ ନିରବତା
ତାକୁ ଶୁଣିବା ପାଇଁ
ମୁଁ ପ୍ରସ୍ତୁତ ହୋଇପାରୁନି
ଏ ମୋର ଚରମ ଦୁର୍ଭାଗ୍ୟ
ତେବେ ବି ସେ ବାରବାର ଆସିବା
ଅହୋଭାଗ୍ୟ;
ତେବେ ମୁଁ ପାଲଟିବି କେବେ
ଶବର ସମୟ ନା ସମୟର ଶବ!

♥ ଭୁବନେଶ୍ୱର
ମୋ: ୯୪୩୭୧୭୧୪୪୦

## ॥ ଓଡ଼ିଆ ଥାଳି ॥

**ବାବାଜୀ ଚରଣ ଜେନା**



ଚୁଡ଼ା ଘଷା ସାଥେ କୋରା ନଡ଼ିଆ ଲୋ
ମରିଚ ଗୁଣ୍ଡକୁ ଘିଅ
ହାଣ୍ଡି ଗୁଡ଼ ସାଥେ ଘଷି ଦେଲେ ହାତେ
ବାସୁ ଥିବ ମହମହ ....

କଞ୍ଚା ଲଙ୍କା ଗୋଟେ ଲୁଣ ସାଥେ ଦଳି
ତୋରାଣୀରେ କର ପାଗ
ସଜ ପଖାଳକୁ ଦେଶୀ ପିଆଜ ଲୋ
ଆଳୁ ଚଟଣୀ କୁ ଶାଗ ....

ଖମ୍ବ ଆଳୁ ସାରୁ କୁମୁଡ଼ା ସାଥିରେ
ଗୋଟା ବୁଟ ମୁଗ ଗଜା
ନଡ଼ିଆ ଖଣ୍ଡକୁ ଓଉ ଖଡ଼ା ପୋଇ
ମିଶିଲେ ଘାଣ୍ଟର ମଜା ....

ମୂଳା ବାଇଗଣ ପାତଲଘଣ୍ଟା ରେ
ଅରୁଆ ଖୁଦର କାଞ୍ଜି
ରଶୁଣ ଫୁଟଣ ଛୁଙ୍କ କରି ମିତ
ମନଭରି ଖାଅ ଆଜି ....

ମାଛ ବେସରକୁ ଆମ୍ବୁଲ ଫଡାଲୋ
ପୋଇ ଚୁଙ୍ଗୁଡ଼ିର ରାଇ
ବଡ଼ି ମଦରଙ୍ଗା ଶାଗ ମିଶାଣଲୋ
ପାଖେ ଥିବ ସଜ ଦହି ....

ଚିତଉ ଆରିସା ଗଇଁଠା କାକରା
ଅରୁଆ ତରଣ ଜାଉ
ବୁଢା ଚକୁଳିକୁ ନଡ଼ିଆ ପୁରଲୋ
ମଣ୍ଡା ଖାଇ ଦିନ ଯାଉ ....

♥ ଅହଲ୍ୟା ନିବାସ, ପୋପରଡ଼ା, ନୂଆବଜାର କଟକ-୪
(ମୋ) ୯୪୩୭୮୩୪୭୧୯

## ତମଠି ହଜିବାର ଖେଳ

**ନୀଳମାଧବ କର**



ନିଜକୁ ଖୋଜି ପାଇବି ତମଠି, ବା ହଜିଯିବି
ତମ ତାରାଭରା ଆକାଶର ଦିଗବଳୟରେ,
ତମ ବ୍ୟାପ୍ତିର ସରହଦ ପରେ
ଆଉ ଖୋଜି ପାଇବିନି ନିଜକୁ, ତମ ସଙ୍ଗେ
ଜଣାଜଣା ଦିଶୁଥିବା ଅଜଣା ରାଇଜେ ।

ସେ ଇଚ୍ଛା ମୋର, ତମ ସଙ୍ଗେ
ଖେଳିବା ପାଇଁ ଚିରଦିନ, ନିଜକୁ ଭୁଲି
ଓଲ୍‌ହେଇ ଦେଇ ମୋ ଆବରଣ
ଲୁଚିଯିବି ତମ ଅଙ୍ଗନରେ, ଦର୍ପଣ ସାମ୍ନାରେ,
ଆଉ କେବେବି ଧରା ପଡ଼ିବିନି ବୋଲି
ମୋ ଇଚ୍ଛା, ଆଉ ନ'ଖୋଜିବାକୁ ନିଜକୁ
ଜଙ୍ଗଲରେ, ତମକୁ ପାଇବା ପରେ ।

ଏତିକି ଚାହୁଁଛି, ତମେ ଆରମ୍ଭ କର
ପାଇବା, ହାରିବା, ଖୋଜିବାର ଏ ଖେଳ
ଆଉ ଜିତ ତମେ, ନିଧଡ଼କ
ଯାହା ତମ ଇଚ୍ଛା, ତମ ନିୟମରେ
ତମ ଜିତିବାରେ, ମୋ ଜିତିବା
ଜଡେଇହେଇ ରହିଛି, ଲତାପରି
ଅଭିନ୍ନ, ଅଚ୍ଛେଦ୍ୟ ଅଙ୍ଗ ପରି
ମୋ ହୃଦୟର, ଅଳିନ୍ଦ ନିଳୟରେ ।

ତମ ଭିତରେ ହଜିଯିବା ପରେ
ମୋତେ ଆଉ କିଛି ପାଇବାର ନାହିଁ
ଖୋଜିବାର ନାହିଁ, ଭୟ ନାହିଁ ହାରିବାର
ନିଜକୁ ନ ପାଇବାର ଅସୀମିତ ଖୁସି
ତମ ସଂଲଗ୍ନରେ, ଆଉ ନିଜକୁ
ଚିହ୍ନି ନ ପାରିବାର ଫଳାଫଳ ପାଇଁ
ମୋ ଅପେକ୍ଷା କେବଳ ।

♥ ଓଲଭରହାମ୍ପଟନ, ୟୁକେ

## ॥ ଅନ୍ତର୍ଦ୍ୱନ୍ଦ୍ୱ ॥

**ସୁଚିତ୍ରା ପଟ୍ଟନାୟକ**



ପ୍ରତିଦିନ ପ୍ରତି ମୁହୂର୍ତ୍ତରେ,
ଏ ଜୀବନ ପ୍ରତିଟି କ୍ଷଣରେ
ଅବିରାମ ଯୁଦ୍ଧ ଏଠି ହଁ ଆଉ ନାଁ ର,
ସଂଘର୍ଷ ଧର୍ମ ଅଧର୍ମର
ଅହରହ ପାପ ଓ ପୁଣ୍ୟର
ଶୁନ୍ୟତାର ପରିଭାଷା
ପୂର୍ଣ୍ଣତାର ବର୍ଣ୍ଣାଳିରେ ଲେଖି,
ଅକୁହା କୁହୁକ ଭରି
ପୁଣି କେବେ ସବୁକିଛି ଲିଭାଇ ହଜେଇ
ଅଚାନକ ପୋଛିନିଏ ରଂଗ ଯେତେ,
ନିଷ୍ପ୍ରଭ ସମୟ ହୁଏ ।

ଆହ୍ଲାଦିତ ମନ
ପୂର୍ଣ୍ଣିମାର ଜହ୍ନ ଜୋଛନା ବିଛାଏ,
ସପନର ଗାଲିଚାରେ
ଦୂରେ ନେଇଯାଏ କେଉଁ
ଅଜଣାପୁରୀରେ ନୂଆ ଉନ୍ମାଦନା ଭରି,
ରୋମାଂଚ ଭରା ମୁହୂର୍ତ୍ତମାନେ ପୁଣି ଧୂଆଁଳିଆ,
ଫିକା ହୁଏ ଆକସ୍ମିକ କୁହୁଡ଼ି ଘେରରେ ।
ଆଉ ଉଜ୍ଜ୍ୱଳ ଆଲୋକ କ୍ଷୟ ହୋଇ
ଧୀରେ ଧୀରେ ଅମାବାସ୍ୟା
ଅନ୍ଧାର ପାଲଟେ ।

ସାଗରର ପ୍ରତିଟି ଜୁଆର
ଲମ୍ଫ ମାରି ମାଡି ଆସେ କୂଳେ,
ଉଦ୍ୟତ ଓ ଆଗୁସାର ହୋଇ
ସ୍ୱପ୍ନିଳ ଆଭା ନେଇ ସବୁ
ଢେଉ ଆସେ ତଟେ,
ଫେରେ ମୁକୁଟବିହୀନ ନିରବେ ନିଶବ୍ଦେ
ପୁଣି ସେଇ ସାଗରକୁ,
ପ୍ରତିଟି ତରଙ୍ଗ
ଦେଖେ ତା'ର ଅନିବାର୍ଯ୍ୟ ଭଙ୍ଗା ।

ମନର ଏ ଇନ୍ଦ୍ରଧନୁ, ରୂପ ବଦଳାଇ ନିଏ
ପ୍ରତି ପ୍ରଭାତରେ, ଉଚିତ ଆଉ
ଅନୁଚିତର ପରିଧି ଭିତରେ,
କେବେ ରଂଗରେ ବିଭୋର କରେ
ପୁଣି କେବେ
ମେଘ ଆଡୁଆଳେ ଢାଙ୍କି ହୋଇ
ରଂଗ ଯେତେ ଲୁଚାଇ ଛପାଇ,
ଅବିରତ ଢାଳେ ସରାଗ ଶ୍ରାବଣ
ଭାବକୁ ଅସ୍ପଷ୍ଟ ରଖି ନୂଆ ସବୁଜିମା ଆଣେ
।
ଆଉ ଏକ ଆଶା ଆଣେ,
ସଜାଇ ସେ ସୃଜନୀର ନୂଆ ପରିଭାଷା ।
ନିରବରେ, ନିଃଶବ୍ଦରେ ।
ଶବ୍ଦ ଆଉ ଭାଷା,
ଭାବକୁ କେବେ ପ୍ରସ୍ଫୁଟିତ କରେ,
କେବେ ପୁଣି ତାହା
ଅବୋଧ, ଅଭେଦ୍ୟ ହୁଏ ।

ଆଜି ଯାହା ସତ, କାଲି ପୁଣି ମିଛ ହୁଏ
ସକାଳ ଆଲୁଅ ପୁଣି
ରାତି ଅନ୍ଧାରରେ ହଜେ,
ସୁନ୍ଦର ସୁନେଲି ସପନ ଯେତେ
ମୁହୂର୍ତ୍ତରେ ହଜି ଉପହାସ କରେ,
ମୁଁ ବିଭ୍ରାନ୍ତ,
ସତ କଣ ମିଛ କଣ ଏମିତି ପ୍ରଶ୍ନରେ ।
ନିରବ ଓ ନିରୁତ୍ତର ରୁହେ ।

♥ ଭୁବନେଶ୍ୱର
(ମୋ) ୯୯୩୭୦୯୨୮୧୧

୧୧୭ ସୃଜନ ଆଳାପ ● ସୃଜନ ଆଳାପ ● ସୃଜନ ଆଳାପ ● ସୃଜନ ଆଳାପ

# ପୁରସ୍କାର ସାହିତ୍ୟକୁ ବଞ୍ଚାଇ ରଖିପାରେନା, ସାହିତ୍ୟକୁ ବଞ୍ଚାଇ ରଖନ୍ତି ପାଠକ : ପରେଶ କୁମାର ପଟ୍ଟନାୟକ

ପରେଶ କୁମାର ପଟ୍ଟନାୟକ ଓଡିଆ ସାହିତ୍ୟ ଜଗତର ଗୋଟେ ସ୍ୱର୍ଦ୍ଧିତ ଉଚ୍ଚାରଣ । ତିନି ଦଶନ୍ଧିରୁ ଉର୍ଦ୍ଧ୍ୱ କାଳ ଧରି ଓଡ଼ିଆ ଗଳ୍ପରେ ପରୀକ୍ଷା ନିରୀକ୍ଷା ଜାରି ରଖିବା ସହ ନିଜର ସ୍ୱତନ୍ତ୍ର ରଚନା ଶୈଳୀ ପାଇଁ ସେ ଚର୍ଚ୍ଚିତ ଓ ସ୍ୱୀକୃତ । ଗାଁଠୁ ସହର ପର୍ଯ୍ୟନ୍ତ ବିସ୍ତାରିତ ତାଙ୍କର ଗଳ୍ପଭୂମି । ପିଲାଦିନର ସରଳ ବିଶ୍ୱାସଠୁ ବୟସ୍କର ସ୍ୱପ୍ନଭଙ୍ଗ ପର୍ଯ୍ୟନ୍ତ ପ୍ରଲମ୍ବିତ ତାଙ୍କର ଭାବଭୂମି । ତାଙ୍କ ରୋମାଣ୍ଟିକ ଭାବଧାରା ସହିତ କେବେ ଫେଣ୍ଟି ହୋଇଯାଏ ଫାଣ୍ଟାସି ତ କେବେ ଧାର୍ମିକ ଅନ୍ଧବିଶ୍ୱାସ ମୂଳରେ ହୁଏ କୁଠାରାଘାତ । ମଣିଷର ପ୍ରତାରଣାପୂର୍ଣ୍ଣ ଅଭିନୟ, ମୂଲ୍ୟବୋଧର ଅବକ୍ଷୟ ଓ ବୌଦ୍ଧିକ ଶଠତା ତାଙ୍କ ରାଜନୈତିକ ଗଳ୍ପର ବିସ୍ତୃତ ସରହଦ । ଜୀବନର ବୈଚିତ୍ର୍ୟ ସାମ୍ନାରେ ବାରୟାର ଚମତ୍କୃତ, ଉଲ୍ଲସିତ, ପୀଡ଼ିତ, ବିଡ଼ମ୍ବିତ, ଅସହାୟ ମଣିଷର ଆତ୍ମଲିପି ତାଙ୍କର ଗଳ୍ପ । ତାଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ସାହିତ୍ୟ ପ୍ରତି ମୋର ଅନୁରାଗ ପିଲାଟି ଦିନରୁ । ପିଲାଦିନେ ସ୍ୱପ୍ନ ଥିଲା ଯେ, ବଡ଼ ହେଲେ ଲେଖକଟିଏ ହେବି । ସେହି ସ୍ୱପ୍ନକୁ ସାକାର କରିବାକୁ, ଚେଷ୍ଟା ଜାରି ରହିଲା ସାରା ଜୀବନ । ସେ ଚେଷ୍ଟା ଏବେ ବି ଅବ୍ୟାହତ ଅଛି । ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମୁଁ ଯେତେବେଳେ ଜନ୍ମ ହୋଇଥିଲି ବା ବଡ଼ ହେଉଥିଲି ବା ଗଢ଼ି ହେଉଥିଲି, ସେତେବେଳେ ଲେଖକ ହେବା ଥିଲା ସବୁଠୁ ସମ୍ମାନଜନକ ପଦବୀ । ବହି ପଢ଼ିବାର ନିଶା ବଢୁଥିଲା । ମୁଁ ବି ଦିନେ ଏହିପରି ବହି ଲେଖିବି, ଏମିତି ଜାଗିଥିଲା ଆଶା । ସେତେବେଳେ ମୁଁ ଥିଲି ଲାଜକୁଳା, ଡରକୁଳା, ଅର୍ନ୍ତମୁଖୀ, ଅନ୍ୟମାନଙ୍କ ସହିତ ମିଶାମିଶି କରିବାରେ ବିଫଳ । ସେଇଭଳି ଚରିତ୍ରର ପିଲା ପାଇଁ ଲେଖକ ହେବାର ସ୍ୱପ୍ନ ଦେଖିବା ଏକମାତ୍ର ବାଟ ଥିଲା । ଏବେ ଦେଖୁଛି, ଜୀବନ ଖୁବ ଦ୍ରୁତ, ବ୍ୟସ୍ତ ଓ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇପଡ଼ିଛି । ଅର୍ନ୍ତମୁଖୀପିଲାମାନଙ୍କ ପାଇଁ ସଫଳହେବାର ପଥ ସଂକୁଚିତ । କିନ୍ତୁ ଲେଖକ ହେବାରେ ବାଧା ନାହିଁ । କିନ୍ତୁ ଆଧୁନିକ କାଳର ଲେଖକ, ଯେଉଁମାନେ ପ୍ରଚାର, ପ୍ରତିଷ୍ଠା, ପୁରସ୍କାର ଓ ପ୍ରତିଯୋଗିତାରେ ବିଶ୍ୱାସ କରନ୍ତି, ସେମାନଙ୍କୁ ସ୍ମାର୍ଟ ହେବାକୁ ପଡ଼ିବ । ତେବେ ମୁଁ ବିଶ୍ୱାସ କରେ ଯେ, ସାହିତ୍ୟ ଗୋଟାଏ ପ୍ରତିଯୋଗିତା ନୁହେଁ । ତେଣୁ କିଏ ଆଗରେ ବା କିଏ ପଛରେ ତା'ର କିଛି ଅର୍ଥ ନାହିଁ ।

■ ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ମୋର ପ୍ରେରଣା, ମୋର ବାଲ୍ୟକାଳର ପରିବେଶ ଓ ସେହି ସମୟ । ବାଲ୍ୟକାଳର ସ୍କୁଲ, ସ୍କୁଲର ଲାଇବ୍ରେରୀ, ବହି ପଢ଼ିବାର ନିଶା ଓ ଗୋଟିଏ ପ୍ରକୃତଶୋଭିତ ଗାଁରେ ବଡ଼ ହେବାର ଅନୁଭୂତି ମୋତେ ଲେଖକ ହେବାର ଉପାଦାନ ଯୋଗାଇ ଦେଇଥିଲା । ସର୍ବୋପରି ସେହି ଦିନଗୁଡ଼ିକରେ ମୋର ପରିବାର, ଯଥା- ବାପା, ମାଆ, ଭାଇଭଉଣୀ ସମସ୍ତେ ଥିଲେ ମୋ ପାଇଁ ପ୍ରେରଣାର ଉତ୍ସ ।

■ ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?

■■ ସାହିତ୍ୟ ମାଧ୍ୟମରେ ସମାଜରେ ପରିବର୍ତ୍ତନ ଆସିବାର ରାଶିରାଶି ଉଦାହରଣ ଇତିହାସରେ ଅଛି । କିନ୍ତୁ ଏବେ ମୋର ମନେହୁଏ, ସେ ସମୟ ପରିବର୍ତ୍ତିତ ହୋଇ ଯାଇଛି, ଯେଉଁ ସମୟରେ ସାହିତ୍ୟ ସମାଜର ସବୁ ବର୍ଗକୁ ଛୁଇଁ ପାରିବାର ସୁଯୋଗ ରଖୁଥିଲା, ସେତିକିବେଳେ ପରିବର୍ତ୍ତନ ଆଣିବାର ସାମର୍ଥ୍ୟ ରଖୁଥିଲା । ଏବେ ସମାଜର ସବୁ କୋଣକୁ ସ୍ପର୍ଶ କରିବାର କ୍ଷମତା ଅନେକ ନୂତନ ମାଧ୍ୟମ ହାତକୁ ଚାଲିଗଲାଣି । ଏଇ ଯେମିତି ବିଭିନ୍ନ ଗଣମାଧ୍ୟମ, ଟେଲିଭିଜନ, ଖବରକାଗଜ ଓ ମୋବାଇଲ ଫୋନ୍ । ସେମାନେ ସାଧାରଣ ଲୋକଙ୍କ ପାଖରେ ଯେପରି ଭାବରେ ପହଞ୍ଚି ପାରୁଛନ୍ତି ବହି ସେପରି ପହଞ୍ଚି ପାରୁନାହିଁ ।

ଯଦି ପୁସ୍ତକକୁ ସାହିତ୍ୟର ପ୍ରମୁଖ ବାହକ ବୋଲି ବିଚାର କରାଯାଏ, ତେବେ ଆଜିର ତାରିଖରେ ପୁସ୍ତକର ପ୍ରସାରଣ ସୀମିତ ହୋଇ ଆସୁଛି । ଅନ୍ୟାନ୍ୟ ମାଧ୍ୟମଗୁଡ଼ିକ ଯଦି ସାହିତ୍ୟର ବାହକ ହେବେ, ତେବେ ସାହିତ୍ୟ ଜନଗଣଙ୍କର ନିକଟତର ହୋଇପାରିବ ଓ ସାମାଜିକ ପରିବର୍ତ୍ତନର ସୂତ୍ରଧର ହୋଇ ପାରିବ । କିନ୍ତୁ ତାହା ଅସମ୍ଭବ ମନେହୁଏ । କାରଣ ଏଇ ସବୁ ନୂତନ ମାଧ୍ୟମ ଖୁବ ମନୋରଞ୍ଜନଧର୍ମୀ, ଶସ୍ତା, ଉଦ୍ଦେଶ୍ୟ ପ୍ରଣୋଦିତ ତଥା କୌଳିନ୍ୟବିବର୍ଜିତ । ଏମାନେ ରାଜନୀତି, ସିନେମା ଓ ରୁଚିହୀନ ସଙ୍ଗୀତର ପ୍ରଚାରରେ ଲିପ୍ତ । ଏମିତିକି ସାମାଜିକ ଗଣମାଧ୍ୟମରେ କିଛି ଲୋକ କେବଳ ଅଶ୍ଳୀଳ ଗାଳି ଦେଇ ଲକ୍ଷାଧିକ ଟଙ୍କା ରୋଜଗାର କରନ୍ତି । ସତ୍‌ସାହିତ୍ୟର ଏମାନେ କିପରି ବାହକ ହେବେ ? ତେବେ ସାହିତ୍ୟର ସାମାଜିକ ପ୍ରତିବଦ୍ଧତାକୁ ଅସ୍ୱୀକାର କରାଯାଇ ପାରେନା । ସେହି ଅଙ୍ଗୀକାର ନ ରହିଲେ ସାହିତ୍ୟ ତା'ର ଗୁଣବତ୍ତା ହରାଇ ବସିବ ।

■ ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖା ଯାଉଥିଲେ ମଧ୍ୟ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉନଥିବା ଅଭିଯୋଗ ହୁଏ, ଏ ବାବଦରେ କଣ କହିବେ ? କଣ କଲେ ସେ ସମସ୍ୟାର ସମାଧାନ କରିହେବ ?

■■ ଏବେ ଯଦି ଅଧିକ ପରିମାଣରେ ଲେଖକ ଲେଖିକା ଆସୁଛନ୍ତି, ଅଧିକ ପରିମାଣରେ ଗଳ୍ପ କବିତା ଇତ୍ୟାଦି ସାହିତ୍ୟ ରଚନା କରାଯାଉଛି, ତେବେ ତାକୁ ସ୍ୱାଗତ କରାଯାଉ ।

ପାଠକ ସଂଖ୍ୟା ସେହି ଅନୁସାରେ ବୃଦ୍ଧି ପାଉନାହିଁ ବୋଲି ଅଭିଯୋଗ ହେଉଛି । ଏଥିରେ ହତୋତ୍ସିତ ହେବାର କୌଣସି କାରଣ ନାହିଁ । କାରଣ ସାହିତ୍ୟର ଉପଭୋକ୍ତା ନିର୍ଦ୍ଦିଷ୍ଟ କାଳଖଣ୍ଡରେ ବାସ କରନ୍ତି ନାହିଁ । ଚିହ୍ନରା ଗ୍ରାହକମାନେ ଭବିଷ୍ୟତରେ ଆସିବେ ଓ ସତ୍‌ସାହିତ୍ୟକୁ ଆଦରି ନେବେ । ଏଥିରେ କୌଣସି ସନ୍ଦେହ ରହିବା ଉଚିତ ନୁହେଁ । ଆମେ ଏବେ ଶହେବର୍ଷ ତଳର ଲେଖା ପଢୁଛୁ ଓ ଆମୋଦିତ ହେଉଛୁ । ଠିକ୍ ସେମିତି ବର୍ତ୍ତମାନ କାଳର ବିପୁଳ ସାହିତ୍ୟ ସୃଷ୍ଟି ଆଗାମୀ ଦିନର ପାଠକମାନଙ୍କୁ ଆହ୍ଲାଦିତ କରିବ ।

ଗୋଟିଏ ଭୁଲ ବୁଝାମଣା ପାଇଁ ଆମେ ଏପରି ଅଭିଯୋଗ ବାଢୁଛୁ । ତାହା ହେଲା ତାତ୍‌କାଳିକ ସଫଳତା । ସାହିତ୍ୟିକମାନେ ତତ୍‌କାଳ ସଫଳତା ଆଶା କରୁଛନ୍ତି । କିନ୍ତୁ ବିଶ୍ୱ ସାହିତ୍ୟରେ ବହୁ ଉଦାହରଣ ମିଳିବ, ଯେବେ ଲେଖକଙ୍କୁ ମୃତ୍ୟୁର ଅନେକ ବର୍ଷ ପରେ ସଫଳତା ବା ସ୍ୱୀକୃତି ମିଳିଛି । ତାତ୍‌କାଳିକତା ସତ୍‌ସାହିତ୍ୟର ଗୁଣ ନୁହେଁ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ମାତୃଭାଷା ସଙ୍କଟରେ ପଡ଼ିବାର ଅଭିଯୋଗ କିଛି ମାତ୍ରାରେ ସତ୍ୟ ମନେହୁଏ । ଆମର ମାତୃଭାଷା ଓଡ଼ିଆ ପ୍ରତି ନୂତନ ପିଢ଼ିର ଅଧିକ ଆଗ୍ରହ ନାହିଁ । ତା'ର କାରଣ ଓଡ଼ିଆ ଏକ ବୃତ୍ତିପ୍ରଦାୟକ ଭାଷା ନୁହେଁ । ଇଂରାଜୀରେ ବ୍ୟୁତ୍ପତ୍ତି ଥିବା ଛାତ୍ରଛାତ୍ରୀ ସର୍ବଭାରତୀୟ ସ୍ତରରେ ଚାକିରି ପାଇବାର ସମ୍ଭାବନା ଅଧିକ । ବିଦେଶ ଯିବାର ସମ୍ଭାବନା ଅଧିକ । ସମାଜରେ ମଧ ସେମାନଙ୍କୁ ଉଚ୍ଚ ସମ୍ମାନ ଦିଆଯାଏ । ତେଣୁ ଜଣେ ଇଂରାଜୀ ପ୍ରତି ଆକର୍ଷିତ ହେବା ସ୍ୱାଭାବିକ । ସମୟ କ୍ରମେ ଏହି ଇଂରାଜୀ ଆଗ୍ରହୀ ଲୋକମାନଙ୍କ ପାଇଁ ଓଡ଼ିଆ ଏକ ମିଶ୍ରିତ ଭାଷାରେ ପରିଣତ ହୋଇ ଆସୁଛି । ଏତେ ଇଂରାଜୀ ଶବ୍ଦ ବ୍ୟବହାର କରି ଆମେ ଓଡ଼ିଆ କହୁଛୁ ଓ ଲେଖୁଛୁ ଯେ ସନ୍ଦେହ ହେଉଛି ଓଡ଼ିଆ ଶବ୍ଦ ବିଲୁପ୍ତ ହୋଇଯିବ । ବିଜ୍ଞ ଆଲୋଚକମାନେ କହୁଛନ୍ତି ଯେ ଅଧିକରୁ ଅଧିକ ବିଦେଶୀ ଶବ୍ଦ ଆମ ଅଭିଧାନକୁ ପ୍ରବେଶ କଲେ ଆମ ଅଭିଧାନ ପରିପୁଷ୍ଟ ହେବ, ଭାଷାର ବିକାଶ ହେବ । ଅତୀତରେ ଅନେକ ଇଂରାଜୀ ଶବ୍ଦ ଆମ ଭାଷାକୁ ପ୍ରବେଶ କରିଛି । କିଛି ଶବ୍ଦକୁ ଆମେ ଅଧିକ ଓଡ଼ିଆ ବି କରି ଦେଇଛୁ । ଯେମିତି ମାଷ୍ଟରାଣୀ ଓ ଡାକ୍ତରାଣୀ । କଣ୍ଡାକ୍ଟରକୁ କରି ଦେଇଛୁ କାନତରାଟି । କିନ୍ତୁ ସବୁ ଇଂରାଜୀ ଶବ୍ଦ ଯଦି ଆମ ଅଭିଧାନକୁ ଆସିଯାଏ ତେବେ ଏହା ଇଂରାଜୀ ଅଭିଧାନରେ ପରିଣତ ହୋଇଯିବ, ଅକ୍ଷରଟା ଯାହା ଓଡ଼ିଆ ରହିଥିବ । ଆମେ ଓଡ଼ିଆ ଶବ୍ଦ ଖୋଜିବା କୋଉଠୁ ?

ଏହାର କୌଣସି ସମାଧାନ ମୋତେ ଦେଖା ଯାଉନାହିଁ । ଯଦି ନୂତନ ପିଢ଼ି ଦୁଇଟି ଭାଷାକୁ ଆଦରି ନିଅନ୍ତେ ତେବେ କିଛିଟା ସମାଧାନ ହୁଅନ୍ତା । ଇଂରାଜୀ ଭାଷା ହୁଅନ୍ତା ବୃତ୍ତି ପାଇଁ, ବିଶ୍ୱ ବଜାରରେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଅବା ବିଶ୍ୱକୁ ବୁଝିବା ପାଇଁ । ଓଡ଼ିଆ ଭାଷା ହୁଅନ୍ତା ଆତ୍ମପରିଚୟର ଭାଷା, ନିଜର ମୂଳ ପରିଚୟ ପ୍ରତି ଭଲ ପାଇବାର ଭାଷା, ଓଡ଼ିଆ ଅସ୍ମିତାର ଭାଷା । ଏହି ଦ୍ୱିଭାଷୀ ପ୍ରୟୋଗ କଣ ସଫଳ ହୋଇ ପାରିବ ? ଏବେ ସରକାର ବିଚାର କରୁଛନ୍ତି ଯେ ଓଡ଼ିଆକୁ ବୃତ୍ତିଭିତ୍ତିକ ଭାଷା କରିବେ । ଓଡ଼ିଆରେ ସବୁ ଲେଖାପଢ଼ା ହେବ, ଇଞ୍ଜିନିୟରିଂ ଓ ମେଡ଼ିକାଲ ପାଠ ଓଗେର । କିନ୍ତୁ ଓଡ଼ିଆ ପିଲା ଓଡ଼ିଆ ଭାଷାକୁ ନେଇ ଓଡ଼ିଶା ବାହାରେ କି ବୃତ୍ତି ଆପଣେଇବ ? ବିଶ୍ୱ ବଜାରରେ କେଉଁ ଭାଷା ନେଇ ପ୍ରତିଦ୍ୱନ୍ଦିତା କରିବ ? ଏବେ ତ ଓଡ଼ିଆ ପିଲାମାନେ ଓଡ଼ିଶା ବାହାରେ ଅଧିକ ଚାକିରୀ କରୁଛନ୍ତି । ସେମାନଙ୍କ ପାଇଁ ଓଡ଼ିଆ ଭାଷାର ପାରଦର୍ଶିତା କାମରେ ଆସି ପାରିବ କି ? ନୂତନ ପିଢ଼ି ବା ଯୁବ ପିଢ଼ି ଏହି ଦ୍ୱନ୍ଦ ଭିତରେ ଅଛନ୍ତି । ଯେଉଁ ଯୁବକମାନେ ଏବେ ଓଡ଼ିଆ ଭାଷାକୁ ଆପଣାର କରିଛନ୍ତି ବା କରୁଛନ୍ତି ତାହା କେବଳ ସେମାନଙ୍କ ଭାଷାପ୍ରୀତି ପାଇଁ । ମୋର ଆଶା, ଏ ଭାଷାପ୍ରୀତି ବଞ୍ଚି ରହୁ । ପିଢ଼ି ପରେ ପିଢ଼ି ବଞ୍ଚିରହୁ ।

■ ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖା ଯାଉଛି, ଲେଖକଟିଏ ଚାହିଁଲେ ତା' ଲେଖାରେ ସେ ସବୁର ପରିବର୍ତ୍ତନ କରିପାରିବ ବୋଲି ଆପଣ କେତେ ଆଶାବାଦୀ ?

■■ ସମାଜରେ ଯେବେ ଅବ୍ୟବସ୍ଥା ମୁଣ୍ଡଟେକେ ଲେଖକ ତାର ବିରୋଧ କରେ । ଏମିତିକି ସାହିତ୍ୟର ଅନ୍ୟ ଏକ ସଂଜ୍ଞା ହେଉଛି ସାମାଜିକ ବିଧି ବ୍ୟବସ୍ଥା ପ୍ରତି ଲେଖକର ପ୍ରତିକ୍ରିୟା ହେଉଛି ସାହିତ୍ୟ । ଏବେ କିନ୍ତୁ ସମୟ ବହୁତ ବଦଳି ଯାଇଛି । ଲେଖକମାନେ ବିଭିନ୍ନ ରାଜନୈତିକ, ଧାର୍ମିକ ମତବାଦରେ ଦିକ୍ଷୀତ ହୋଇଯାଉଛନ୍ତି । ତେଣୁ ସେମାନଙ୍କ ପ୍ରତିକ୍ରିୟା ନିଜ ମତବାଦ ଅନୁସାରେ ନିୟନ୍ତ୍ରିତ ହେଉଛି । ସାମାଜିକ ଅବ୍ୟବସ୍ଥା ବିରୋଧରେ କିଛି ପ୍ରତିକ୍ରିୟା ଦେବାବେଳେ ତାକୁ ବେଶି ଦେଖା ଯାଉଛି ନିଜର ରାଜନୈତିକ ଆନୁଗତ୍ୟ କିମ୍ୱା ଧାର୍ମିକ ବିଶ୍ୱାସ । ଦିନ ଥିଲା ଲେଖକର ଧର୍ମ ଥିଲା ମାନବବାଦ । ଏପରିକି ଲେଖକ ସମଗ୍ର ପୃଥିବୀକୁ ନିଜର ବୋଲି କହୁଥିଲା । 'ବସୁଧୈବ କୁଟୁମ୍ବକମ୍'ର ନାରା ସେଇ ମାନବଧର୍ମର ପ୍ରତିଧ୍ୱନି । କିନ୍ତୁ ଏବେ ଅନ୍ୟ ଦେଶ ବା ସାରାବିଶ୍ୱର କଥା କହିଲେ ଲୋକ ତାକୁ ସନ୍ଦେହର ଦୃଷ୍ଟିରେ ଦେଖୁଛନ୍ତି । ନିରପେକ୍ଷ ମନ୍ତବ୍ୟ ଦେଲେ, ବେଳେବେଳେ ତାକୁ ଦେଶଦ୍ରୋହୀ ବୋଲି କୁହାଯାଉଛି । ଧାର୍ମିକ କୁସଂସ୍କାର ବିରୋଧରେ କହିଲେ ମୌଳବାଦୀମାନେ ତାକୁ ହତ୍ୟା କରିବାକୁ ଆଗେଇ ଆସୁଛନ୍ତି ।

ତଥାପି ସତ୍‌ଲେଖକ ତାର କର୍ତ୍ତବ୍ୟ ପକ୍ଷରୁ ବିଚ୍ୟୁତ ହୋଇ ନାହିଁ । କେହି ସମର୍ଥନ କରୁ ବା ନକରୁ ଅନ୍ୟାୟ, ଅବିଚାର, ଅବ୍ୟବସ୍ଥା ବିରୋଧରେ ସେ କଲମ ଚଲାଇ ଆସୁଛି । ଯଦିଓ ତାକୁ ଏଥିପାଇଁ ବହୁ ମୂଲ୍ୟ ଦେବାକୁ ପଡ଼ିଛି ।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତା ସମ୍ପର୍କରେ କଣ କହିବେ ?

■■ ଓଡ଼ିଆ ସାହିତ୍ୟର ସାମ୍ପ୍ରତିକ ସ୍ଥିତି ଉପରେ କଣ କୁହାଯାଇପାରେ ? କାରଣ ସାହିତ୍ୟ ସ୍ଥିର ନୁହେଁ, ଏକ ପ୍ରବହମାନ ଧାରା । ସେଇ ଧାରାରେ ସ୍ୱଳ୍ପ ସମୟ ପାଇଁ ଯୋଗ ଦେଇଥିବା ମୁଁ ଗୋଟାଏ ଅକିଞ୍ଚନ । ଏ ଧାରାରେ ପ୍ରତିଦିନ ନୂଆନୂଆ ଲେଖକ ଯୋଗ ଦେଉଥାନ୍ତି, ନୂତନ ସୃଜନଶୀଳ ରଚନାରେ ସାହିତ୍ୟ ଭଣ୍ଡାର ପୁଷ୍ଟ ହେଉଥାଏ । ନୂଆନୂଆ ପାଠକ ବି ଆସୁଥାଆନ୍ତି । କେହି ଏଠାରେ ସବୁଦିନ ପାଇଁ ରହିବ ନାହିଁ କିମ୍ୱା ସୃଜନଶୀଳତା କାହାରି ପୈତୃକ ସମ୍ପତ୍ତି ନୁହେଁ । ଯାହା ରହିବ ତାହା ହେଉଛି ଲେଖକର ସର୍ଜନା । ସେହି ସର୍ଜନା ଆପଣାର ପରାକାଷ୍ଠାରେ ବର୍ଷବର୍ଷ ଧରି ଉଜ୍ଜଳ ରହିବ । ମୁଁ ଆଶା କରେ, ଆମଓଡ଼ିଆ ଲେଖକର ସେହି ଉଜ୍ଜଳତା କାୟମ ରହୁ । ଓଡ଼ିଶାର ଭୌଗୋଳିକ ସୀମା ଅତିକ୍ରମ କରି ତାହା ଦିଗ୍‌ବିଦିଗକୁ ଆଲୋକିତ କରୁ । ଅନ୍ୟ ଭାଷାକୁ ଆମର ବହୁ ପୁସ୍ତକ ଅନୁଦିତ ହେଉଛି, କିନ୍ତୁ ତା'ର ପ୍ରସାରଣ ସୀମିତ । ସେସବୁ ପୁସ୍ତକ ସର୍ବଭାରତୀୟ ଖ୍ୟାତି ଅର୍ଜନ କରୁଥିବାର ସୂଚନା ନାହିଁ ।

ଓଡ଼ିଆ ଲେଖକମାନେ ସର୍ବଭାରତୀୟ ସ୍ତରରେ ବହୁ ପୁରସ୍କାର ଲାଭ କରୁଛନ୍ତି । କିନ୍ତୁ ସର୍ବଭାରତୀୟ ସ୍ତରରେ ପୁରସ୍କାର ବ୍ୟତିରେକ ଅନ୍ୟାନ୍ୟ ସ୍ୱୀକୃତି, ଯଥା ଆଲୋଚନା, ପଠନୀୟତା ବଢ଼ିବାର ସୂଚନା ବି ନାହିଁ ।

ସେଥିପାଇଁ କୁହାଯାଏ ଓଡ଼ିଶାର ଲେଖକମାନେ ବହୁତ ସଫଳ । କିନ୍ତୁ ସେମାନଙ୍କ ସର୍ଜନା ବିଫଳ ।

ତେବେ ଗୋଟିଏ ନିଷ୍ଠୁର ସତ୍ୟ ହେଉଛି, ପୁରସ୍କାର ସାହିତ୍ୟକୁ ବଞ୍ଚାଇ ରଖିପାରେନା । ସାହିତ୍ୟକୁ ବଞ୍ଚାଇ ରଖନ୍ତି ପାଠକ । ଏମିତି କି ଲେଖକକୁ ଲେଖକ କରନ୍ତି ପାଠକ । ପାଠକୀୟ ସ୍ୱୀକୃତି ନ ମିଳିଲେ ଆଧୁନିକକାଳର ଲେଖକ ପୁରସ୍କାର ପାଗଳ ହୋଇଯାଏ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ପ୍ରତ୍ୟେକ ସୃଜନଶୀଳ ବ୍ୟକ୍ତି ସ୍ୱୀକୃତି ଚାହେଁ । ପୁରସ୍କାର ଏକ ପ୍ରକାର ସ୍ୱୀକୃତି ଯାହା ଲେଖକକୁ ଉତ୍ସାହିତ କରିଥାଏ । କିନ୍ତୁ ବିଶ୍ୱ ଇତିହାସରେ ଆମେ ଏଭଳି ଲେଖକମାନଙ୍କୁ ଭେଟୁ ଯେଉଁମାନେ ସେମାନଙ୍କ ଜୀବନକାଳରେ କୌଣସି ବଡ଼ ପୁରସ୍କାର ପାଇ ପାରିନଥାନ୍ତି । କାହାରି କାହାରି ପୁସ୍ତକ ମଧ ତାଙ୍କ ଜୀବନକାଳ ଭିତରେ ପ୍ରକାଶିତ ହୋଇ ପାରି ନଥିଲା, ପାଠକୀୟ ଆଦର ତ ଦୂରର କଥା । ଏକଥା ମଧ କୁହାଯାଏ ଯେ, ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଲେଖକ ଲିଓ ଟଲ୍‌ଷ୍ଟୟ ନୋବେଲ ପୁରସ୍କାର ପାଇ ପାରି ନଥିଲେ, ଯଦିଓ ସେତେବେଳକୁ ନୋବେଲ ପୁରସ୍କାର ଆରମ୍ଭ ହୋଇଗଲାଣି । ଯେଉଁ ଲେଖକର ନାମକୁ ପୁରସ୍କାର ପାଇଁ ମନୋନୟନ କରାଯାଇଥିଲା, ସେ ଏବେ କୁଆଡ଼େ ହଜିଗଲେଣି । ବିଶ୍ୱ ଦୃଷ୍ଟିରେ ସେ ଅଜ୍ଞାତ, ଅଚିହ୍ନା, କିନ୍ତୁ ଟଲ୍‌ଷ୍ଟୟ ଏବେ ବି ଶ୍ରେଷ୍ଠ ଲେଖକ ଭାବରେ ପରିଚିତ ଓ ପାଠକାଦୃତ ।

ଆଜିକାଲି ମନ୍ଦ କବି ଯଶପ୍ରାର୍ଥୀ ନ୍ୟାୟରେ ପୁରସ୍କାର ପାଇଁ ପ୍ରତିଯୋଗିତା ଆରମ୍ଭ ହୋଇ ଯାଇଛି । ପୁରସ୍କାର ସବୁ ନିଜର ଔଜଲ୍ୟ ହରାଇ ତାମସାରେ ପରିଣତ ହେଉଛି । ଆମ ଓଡ଼ିଶାରେ ଯେତେବେଳେ କିଛି ବଡ଼ ପୁରସ୍କାର ଘୋଷିତ ହୁଏ, ତତକ୍ଷଣାତ୍ ବିରୋଧ ଓ ବିତର୍କ ଆରମ୍ଭ ହୋଇଯାଏ । ଅର୍ଥାତ ସେଇ ପୁରସ୍କାର ପ୍ରାପକକୁ ଆମେ କେହି ଯୋଗ୍ୟ ବୋଲି ସ୍ୱୀକାର କରୁନା ।

ଆଜିକାଲି ତ ପୁରସ୍କାର ଗ୍ରାମେଗ୍ରାମେ ସହରେସହରେ ଘୋଷଣା ହେଉଛି । ଲେଖକମାନେ ଖଣ୍ଡେ ଗାମୁଛା ଓ ମାନପତ୍ର ପାଇଁ ଧାଡ଼ିରେ ଠିଆ ହେଉଯାଉଛନ୍ତି । ମନେହୁଏ ପୁରସ୍କାର ଯେମିତି ପ୍ରୋତ୍ସାହନ ନୁହେଁ, ପରୋକ୍ଷରେ ଏକ ନିଶା । ସେଇ ନିଶାରେ ମସଗୁଲ ଲେଖକମାନେ ପୁରସ୍କାର ପଛରେ ଧାଇଁଥାନ୍ତି । ଏକଥା ବି ଦେଖାଯାଏ ଯେ ଜାତୀୟ ପୁରସ୍କାର ପାଇଥିବା ଲେଖକ ମଧ ଗାଉଁଲି ପୁରସ୍କାର ଖଣ୍ଡେ ପାଇଁ ଲବି କରୁଥାଏ । ପୁରସ୍କାର ପାଇଁ ଟଙ୍କା ପଇସା ଖର୍ଚ୍ଚ କରିବା, ଧରାଧରି କରିବା, ଗୋଷ୍ଠୀ ତିଆରି କରିବା ପ୍ରଭୃତି କଥା ଶୁଣିଶୁଣି ମନରେ ସନ୍ଦେହ ଆସେ, ପ୍ରକୃତରେ ପୁରସ୍କାରଟା କଣ ?

■ ଅଳ୍ପରେ ପରେଶ କୁମାର ପଟ୍ଟନାୟକ



ନାମ : ପରେଶ କୁମାର ପଟ୍ଟନାୟକ
ଜନ୍ମ ମସିହା : ୧୯୬୦
ପିତା : ଶ୍ରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ
ମାତା : ଶ୍ରୀମତୀ ସରୋଜିନୀ ପଟ୍ଟନାୟକ
ପତ୍ନୀ- ତାପସୀ ପଟ୍ଟନାୟକ
ପୁତ୍ର- ପ୍ରିୟମ୍ ପଟ୍ଟନାୟକ
ସ୍ଥାୟୀ ଠିକଣା :
ଗ୍ରାମ- ଖଜୁରିଆ, ପୋ :-ଗମ୍ଭାରୀମୁଣ୍ଡା
ଜିଲ୍ଲା :-ଖୋର୍ଦ୍ଧା
ବର୍ତ୍ତମାନର ଠିକଣା-ପୂର୍ଣ୍ଣ ସରୋଜ
ପ୍ଲଟ ନଂ-୩୮/୧୨, ଲେନ୍ - ୧
ଜଗନ୍ନାଥ ବିହାର, ବରମୁଣ୍ଡା
ଭୁବନେଶ୍ୱର-୭୫୧୦୦୭
(ମୋ) ୯୪୩୭୦ ୦୦୩୪୫

ପ୍ରକାଶିତ ପୁସ୍ତକ :
୧- ଛାୟା ପୁରୁଷ
୨- କଥାଥିଲା
୩- ଶେଷର ଆରମ୍ଭ
୪- ଚରିତ୍ର ଚରିତ୍ର
୫- ଶୋକ ଦିବସ
୬- ଅଳ୍ପ ବୟସ
୭- ସ୍ୱପ୍ନ ସନ୍ତପ୍ତ
୮- ନବ ଗୁଞ୍ଜର
୯- ପ୍ରେମ ମନସ୍କ
୧୦- ଦ୍ରୋହକାଳ
୧୧- ମାୟା ମୁକୁର
୧୨- ମାୟାବର୍ତ୍ତ
୧୩ -ଚରିତ୍ରାୟନ
୧୪- ଶ୍ୱାନ ଚରିତ୍ର
୧୫- ଅଗତାନୁଗତିକ
୧୬- ଶ୍ରୀରାଧା ଓ ଅନ୍ୟମାନେ
୧୭- ହୃଦୟହୀନ
୧୮- **Childhood Days**
୧୯- ଶ୍ରୀରାଧା ଔର ଅନ୍ୟ କାହାନିୟା
୨୦- ଭାସି ଯା ମୋର କାଗଜ ଡଙ୍ଗା
୨୧- ଈଶ୍ୱର ଅନୀଶ୍ୱର
୨୨- ଅବଶିଷ୍ଟାଂଶ
୨୩- ଶ୍ୱାନ ବୃତ୍ତାନ୍ତ
୨୪-ଉତ୍ତରାର୍ଦ୍ଧ
୨୫-ନଡ଼ିଆ ବାରି ଭୁତ
୨୬- ଭୂତର ଭେଟ
୨୭- ଗୋଇନ୍ଦାଗିରି
୨୮- ଚୋରି ବହିର ରହସ୍ୟ
୨୯- ଚୋର ପୋଲିସ
୩୦-ମୂଷା ଓ ମୂଷି
୩୧- କିଶୋର କଥା ପଞ୍ଚକ
୩୨-କଳା ଆଲୁଅ ଧଳା ଅନ୍ଧାର
୩୩-ସ୍କୁଲରେ ଚୋରି
୩୪-ଜଖଭୂତର ସନ୍ଧାନ
୩୫-ବେଙ୍ଗ ଆଉ ମୂଷା
୩୬-ଭୋଳାବାବାଙ୍କ ଆବିର୍ଭାବ
୩୭-ରହସ୍ୟମୟ ଝରକା
୩୮-ଗୀତ ଅନାବନା
୩୯-କେହି ଜଣେ ମିଛ କହୁଛି
୪୦- ଶ୍ରେଷ୍ଠ ଗଳ୍ପ
୪୧-ପ୍ରଶ୍ନ : ଏକ ଆତତାୟୀ
୪୨-ଚୁମ୍ବକ ଚୋରିର ରହସ୍ୟ
୪୩- ପରେଶ ପଚାଶ
୪୪-ଆଧୁନିକ ସାହିତ୍ୟ ଚାଷ
୪୪-କରୋନା କାଳ
୪୫-ହୃଦୟ ପ୍ରଦୀପ
୪୬- ନୀଳ ସାର୍ଟର ରହସ୍ୟ
୪୭- ଜଙ୍ଗଲ କାହାଣୀ
୪୮- **Sriradha and other stories**



ସୁଖୀ ପରିବାର : ପତ୍ନୀ ଓ ପୁତ୍ରଙ୍କ ସହ ଲେଖକ ପରେଶ କୁମାର ପଟ୍ଟନାୟକ

ଧାରାବାହିକ ଉପନ୍ୟାସ

# ଭିନ୍ନ ଏକ ବିଦେଶିନୀ

ଡ.ରତିକାନ୍ତ ବେହେରା



**ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରକୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଚ୍ଛରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।**

**ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଭାଗ-୨୦

ମା' ଚାଲିଗଲା ପରେ ପରେ ସଂସାରରେ ସେ ଏକା। ସକାଳେ ଘର ଛବିପକାଇ ସର୍ପଦଂଶନ ଜ୍ୱାଳାରେ ଜର୍ଜରିତା ମାଆକୁ ଘରୁ ଆଣିଥିଲା ସେ। ମା' ବିନା ଏକୁଟିଆ ସେ ଘର ଏବେ ଖାଁ ଖାଁ ଲାଗିବ। ଜ୍ଞାତି ପରିଜନ ତାକୁ ପ୍ରତୀକ୍ଷା କରୁଥିବେ ଗାଁରେ। ତେରଦିନ କାଳ ମା'ଙ୍କର ଶୁଦ୍ଧକ୍ରିୟା ସଂପନ୍ନ ହେବା ପର୍ଯ୍ୟନ୍ତ ଅନ୍ତତଃ ପ୍ରଶାନ୍ତି ତା'ର ସହାୟିକା ଭାବେ ଘରେ ରହିଯିବାରେ ଅସୁବିଧା ନାହିଁ। ଶୁଦ୍ଧିକ୍ରିୟା ପରେ ପ୍ରଶାନ୍ତି ସମସ୍ୟାର ସମାଧାନ କରାଯାଇ ପାରିବ। ହୋଟେଲ୍ ସାଗରିକା'ରେ ନ ହେଲେ ଅନ୍ୟ କେଉଁଠି !

ଆନନ୍ଦ ବାବୁ ଏତେ ସମୟ ସ୍ଥାଣୁବତ୍ ଛିଡ଼ା ହୋଇଥିବା ଦେଖି ପ୍ରଶାନ୍ତି ଖୁବ୍ ଅଧୀର ହୋଇ ପଡ଼ିଲା। ବିକଳ ହୋଇ କହିଲା, "ଟିକେ ଚାଲନ୍ତୁ ଗାଇଡ୍ ବାବୁ। ମୋତେ ଟିକେ ସାହାଯ୍ୟ କରନ୍ତୁ। ମୁଁ ଆପଣଙ୍କ ପାଖରେ କୃତଜ୍ଞ ହୋଇ ରହିବି ସବୁଦିନ।"

ନିଷ୍କପଟ ନିବେଦନ ପ୍ରଶାନ୍ତିର।

"ଆସ, ଗାଡ଼ିରେ ବସ" - କହିଲା ଆନନ୍ଦ ଏବଂ ବାଇକ୍ ଷ୍ଟାର୍ଟ୍ କଲା। ପଛରେ ପ୍ରଶାନ୍ତି।

॥ ପ୍ରଶାନ୍ତି ॥

ସେଦିନ କୌଣସି ସୂଚନା ନ ଦେଇ, ସ୍ୱର୍ଗଦ୍ୱାର ନିକଟରୁ ପ୍ରଶାନ୍ତିକୁ ଗାଡ଼ି ପଛରେ ବସେଇ ଆନନ୍ଦ ହୋଟେଲ୍ ଯାଇ ନ ଥିଲା, ବରଂ ସିଧା ଚାଲି ଆସିଥିଲା ନିଜ ଘରକୁ, ମଧୁସୂଦନପୁର। କିନ୍ତୁ ପ୍ରଶାନ୍ତି ଭିନ୍ନ କଥା ଭାବି ଖୁସି ହେଉଥିଲା। ତା'ର ସମସ୍ତ ଭାବନା ପରିଚାଳିତ ହେଉଥିଲା ଭିନ୍ନ ମାର୍ଗରେ। ପ୍ରଭୁ ଅନ୍ତର୍ଯ୍ୟାମୀ ତା' ସଂକଟକୁ ବୁଝିଲେ ଏବଂ ଭେଟ କରିଦେଲେ ଗାଇଡ୍ ବାବୁଙ୍କ ସହ। ଏଣୁ ସଂକଟ ଟଳିଗଲା। କ୍ୟାମେରା ଚୋରି ମାମଲାରେ ତା'ର ନିର୍ଦ୍ଦୋଷତା ପ୍ରମାଣ କରିବା ପାଇଁ ନିଜେ ଆନନ୍ଦବାବୁ ଯାଉଛନ୍ତି। ଲାଭ ହେବ ଏଇଆ ଯେ, ହୋଟେଲ୍‌ରେ ସେ ତା' ବିଶ୍ୱାସନୀୟତା ଫେରିପାଇବ ଏବଂ ତା' ସହିତ ଚାକିରି ବି। କିନ୍ତୁ ପୁରୀ ସହର ଅତିକ୍ରମ କରି ଭିନ୍ନ ଏକ ରାସ୍ତାରେ ଗାଡ଼ି ମୋଡ଼ ବଦଳେଇଲା ପରେ ତା' ମନ ସନ୍ଦେହରେ ଘାରି ହେଲା। ଏଣୁ ସେ ଶଂକିତ ଗଳାରେ ପଚାରିଲା, "ମୋତେ କେଉଁଆଡ଼େ ନେଇ ଯାଉଛନ୍ତି ଆନନ୍ଦ ବାବୁ?"

"ତୁମ ସଚ୍ଚୋଟ ପଣିଆକୁ ପ୍ରମାଣିତ କରିବାକୁ। ଆଉ ଅଧିକ କିଛି ଏ ସଂପର୍କରେ ପ୍ରଶ୍ନ ପଚାରି ମୋତେ ଅନ୍ୟମନସ୍କ କରନାହିଁ।"ଖୁବ୍ ଦୃଢ଼ କଣ୍ଠରେ କହିଲା ଆନନ୍ଦ।

ଭୟ, ଆଶଂଙ୍କା ଓ ବିଶ୍ୱାସର ଘୂର୍ଣ୍ଣି ଭିତରେ ତଥାପି ଆନ୍ଦୋଳିତ ହେଉଥିଲା ପ୍ରଶାନ୍ତି। ପରିସ୍ଥିତିକୁ ଠିକ୍ ଭାବେ କଳନା କରିପାରୁ ନଥିଲା ସେ।

ଆଉ ଯେତେବେଳେ ଦୀର୍ଘ ପଥ ଅତିକ୍ରମ କରି, ମୁହଁ ସଞ୍ଜବେଳେ ଗୋଟେ ଏକ ମହଲାବିଶିଷ୍ଟ ପକ୍କାଘର ସାମ୍ନାରେ ଗାଡ଼ି ଅଟକିଲା, ସେତେବେଳେ ଯାଇ ପ୍ରଶାନ୍ତି ବୁଝିଲା ଯେ, ଏ ହେଉଛି ନିଶ୍ଚିତ ଆନନ୍ଦବାବୁଙ୍କର ଘର। ଏଥିପୂର୍ବେ ଆନନ୍ଦବାବୁଙ୍କ ସଂପର୍କରେ ଏକ ପରିଚ୍ଛନ୍ନ ସ୍ୱାଭାବିକ ଧାରଣା ଥିଲା ପ୍ରଶାନ୍ତିର। ତାଙ୍କ ବୟସ ଯାହା କହୁଛି, ସେ ନିଶ୍ଚିତ ବିବାହିତ ଏବଂ ଗୋଟେ ଯୋଡ଼େ ପିଲାପିଲିଙ୍କର ଜନକ ହୋଇଥିବେ ! କିନ୍ତୁ ଘରର ଚାବି ଖୋଲିଲା ପରେ, ତା' ଭିତରେ ତରଳି ଯାଇଥିବା ସନ୍ଦେହ ହଠାତ୍ ପୁଣି ଦାନାବାନ୍ଧି ପ୍ରକାଣ୍ଡ ଏକ ବରଫ ଖଣ୍ଡରେ ପରିଣତ ହୋଇଗଲା।

"ଆସ, ଭିତରକୁ ଆସ"।- ଭିତରେ ଲାଇଟ୍ ଜଳଉ ଜଳଉ କହିଲା ଆନନ୍ଦ।

କିନ୍ତୁ ଦୁଆର ମୁହଁରେ ସେମିତି ଛିଡ଼ା ହୋଇଥିଲା ପ୍ରଶାନ୍ତି। ଆଦୌ ଘର ଭିତରକୁ ପଶୁ ନଥିଲା । ନିର୍ଜନ ଗୋଟେ ଘର ଭିତରକୁ ଡାକିବାର ଅର୍ଥ କ'ଣ ହୋଇପାରେ ? ନିଶ୍ଚିତ ମନ୍ଦ। ଏମିତି ଏକ ଦୃଢ଼ ଧାରଣା ନେଇ ଛିଡ଼ା ହୋଇଥିଲା ପ୍ରଶାନ୍ତି।

"ପୁରୀ ସହରରେ ବିଲୁଆ କୁକୁରଙ୍କ ଗହଣରେ ଏକୁଟିଆ ରାତ୍ରି ଯାପନର ବିପଦ ଅନ୍ତତଃ ଏଠି ନାହିଁ। ମା'ଙ୍କର ନିଧନ ପରେ ଆଜିଠୁଁ ଏ ଘରର ମାଲିକ ମୁଁ। ତୁମେ ସନ୍ଦେହ ମୁକ୍ତ ରୁହ। ତୁମର କେହି କିଛି ବିଗାଡ଼ିବେ ନାହିଁ। ଚାହିଁଲେ ତୁମେ ବି ଏଠି ହୋଟେଲ ଭଳି ଚାକିରି କରି ପାରିବ। ତାହା ଯଦି ତୁମର ପସନ୍ଦ ନୁହେଁ, ତାହାଲେ କାଲି ସକାଳେ ତୁମେ ସ୍ଥାନାନ୍ତରରେ ଯାଇପାର।"- ସ୍ପଷ୍ଟ କରିଦେଲା ଆନନ୍ଦ।

ସାମାନ୍ୟ ତରଳିଗଲା ପ୍ରଶାନ୍ତି। ନିଜେ ଛିଡ଼ାହୋଇଥିବା ସ୍ଥାନରୁ ଇଞ୍ଚେ ଘୁଞ୍ଚିବ ନାହିଁ ବୋଲି ଯେଉଁ ସଂକଳ୍ପ କରିଥିଲା, ତାହା କ୍ରମେ ଭାଙ୍ଗି ଯାଉଥିଲା । ସ୍ୱର୍ଗଦ୍ୱାରରେ ଯାହାଙ୍କର ଶବ ସତ୍କାର କରାଗଲା,ସେ ତାହାଲେ ଆନନ୍ଦବାବୁଙ୍କର ମା' ?

ଖୁବ୍ ଧୀର ଏବଂ ସନ୍ତର୍ପଣରେ ପାଦଥାପି ଘର ଭିତରକୁ ପ୍ରବେଶ କଲା ପ୍ରଶାନ୍ତି।

ଉଭୟେ ସ୍ନାନ ଶୌଚ୍ ହୋଇଥିଲେ। ରାତିରେ ଚୁଡ଼ା ମୁଢ଼ି ପରି କଛି ଜଳଖିଆ ଖାଇ ଶୋଇ ପଡ଼ିଥିଲେ ଦୁଇଟି ଭିନ୍ନ ଭିନ୍ନ କୋଠରୀରେ। ପରଦିନ ସକାଳେ ବ୍ରାହ୍ମଣ ଆସି ପ୍ରେତାତ୍ମା ପାଇଁ ପ୍ରଥମକର୍ମ କଲା ପରେ ପ୍ରଶାନ୍ତି ଚୁଲି ଲଗେଇ ପିତାଭାତ ରନ୍ଧନ କରିଥିଲା ଏବଂ କ୍ରମେ ବୁଝିପାରିଥିଲା ସମଗ୍ର ପରିସ୍ଥିତିକୁ। ଦେଖିଥିଲା ଗୋଟେ ସ୍ୱଚ୍ଛଳ ପରିବାରର ରୂପରେଖ। ଘର ପଛପାଖରେ ଥିବା ବାଡ଼ି ବଗିଚା ଓ ପୋଖରୀ ତୁଠ। ଆମ୍ବ, ନଡ଼ିଆର ବାଗନା । ବିପୁଳ ଧନସଂପତ୍ତି । ଏତେ ସବୁର ଏକାକୀ ମାଲିକ ହେଉଛନ୍ତି ଆନନ୍ଦ ବାବୁ।

ମା'ଙ୍କର ଏକାଦଶାହ କର୍ମରେ ଖୁବ୍ ବେଶି ସହାୟତା କରିଥିଲା ପ୍ରଶାନ୍ତି। ଦଶଦିନ ଭିତରେ ସେ ହୋଇଯାଇଥିଲା ଘରର ଜଣେ ସଦସ୍ୟ। ବନ୍ଧୁବାନ୍ଧବ ଓ ସାଇପଡ଼ିଶା ଭାବୁଥିଲେ ପ୍ରଶାନ୍ତି ହେଉଛି ଆନନ୍ଦର କୌଣସି ଦୂର ସଂପର୍କୀୟା। ପିଲାମାନଙ୍କର ସ୍କୁଲ ଓ ପାଠ ପଢ଼ାର ଆଳକରି ଭାଉଜ ଓ ପିଲାମାନେ କେହି ଆସି ନଥିଲେ। ଦୁଇଦିନ ପାଇଁ ଭାଇ ଆସି ଫେରିଯାଇଥିଲେ ଦିଲ୍ଲୀ, ଦୁର୍ଗାପୂଜା ବେଳକୁ ଆସିଲେ ଜମିବାଡ଼ି ଓ ଘରଦ୍ୱାରର ଭାଗ ବଣ୍ଟୁରା ହେବାର ସୂଚନା ଦେଇ।

କାର୍ଯ୍ୟ ସରିଗଲା ପରେ ଜଣ ଜଣ କରି ସମସ୍ତ ସଂପର୍କୀୟ,ବନ୍ଧୁ ବାନ୍ଧବ ଓ ଆତ୍ମୀୟସ୍ୱଜନ ଫେରିଯାଇଥିଲେ। ହେଲେ ଏକୁଟିଆ ରହିଯାଇଥିଲା ପ୍ରଶାନ୍ତି।

ଦିନେ ନିରୋଳା ଅପରାହ୍ଣରେ ଘର ସାମ୍ନା ପୋର୍ଟିକୋରେ ଖୁବ୍ ଉଦାସ ଭାବେ ବସିଥିଲା ଆନନ୍ଦ। ପ୍ରାୟ ମଧ୍ୟାହ୍ନରୁ ବର୍ଷା ଲାଗି ରହି ଏବେ ଏବେ ଛାଡ଼ି ଯାଇଛି। ତଥାପି ସମଗ୍ର ଆକାଶକୁ ଢାଙ୍କି ରଖିଛି ଇସତ୍ କଳାହାଣ୍ଡିଆ ମେଘ। ଅନ୍ତର ଭିତରେ ପ୍ରତିଫଳିତ ହେଉଛନ୍ତି ମା' ସୁଭଦ୍ରା ଦେବୀ। ଗୁଣ୍ଡିଚା ଦିନଠାରୁ ଏ ପର୍ଯ୍ୟନ୍ତ ଘଟଣାକ୍ରମଗୁଡ଼ିକ ମନେପଡୁଛି ଗୋଟିଗୋଟି ହୋଇ। ଏଇ ସମୟରେ ପ୍ରଶାନ୍ତି ଆସି ଛିଡ଼ାହେଲା ସେଠି। ହାସ୍ୟ ଉଜ୍ଜ୍ୱଳ ମୁଖ। କୌଣସି ପ୍ରସାଧନ ସାମଗ୍ରୀର ମିଠା ବାସ୍ନା ଆସି ବାଜୁଛି ଆନନ୍ଦର ନାକପୁଡ଼ାରେ।

ଦୃଷ୍ଟିତୋଳି ଚାହିଁଲା ଆନନ୍ଦ, ପ୍ରଶାନ୍ତି ଆଡ଼େ।

"କାହିଁ କେତେବର୍ଷ ତଳୁ ତୁମର ସ୍ତ୍ରୀ ତୁମକୁ ଛାଡ଼ି ଚାଲିଯାଇଛନ୍ତି ସବୁଦିନ ପାଇଁ, ଏହା କ'ଣ ସତ୍ୟ?" - ପଚାରିଲା ପ୍ରଶାନ୍ତି।

"ତୁମେ କେମିତି ଜାଣିଲ?"

"ଧରିନିଅନ୍ତୁ କୌଣସି ଗୋଟିଏ ବିଶ୍ୱସ୍ତ ସୂତ୍ରରୁ।"

"ଶୁଣିଥିବା କଥାଟି ସତ୍ୟ । ଆଜିକୁ ସାତବର୍ଷ ତଳେ ମୋର ମିନାକ୍ଷୀଙ୍କ ସହିତ ବିବାହ ହୋଇଥିଲା । ଆଉ ବିବାହର ଛ'ମାସ ପରେ ସେ ମୋତେ ଛାଡ଼ି ଚାଲିଗଲେ ଏବଂ ପରେ ପରେ, କୋର୍ଟ୍‌ରେ ଡିଭୋର୍ସ ମଧ୍ୟ ହୋଇ ସାରିଛି।"- କହିଲା ଆନନ୍ଦ ।

ଟିକେ ପରେ ପୁଣି କହିଲା, "ଏଥିପାଇଁ କାହାରି ସମବେଦନା ଅନାବଶ୍ୟକ।"

"ମୋର ସମବେଦନାରେ ଆପଣଙ୍କର ଯାଏ ଆସେ ବା କେତେ? ଏମିତି ପଚାରିଦେଲି। କଷ୍ଟ ପାଇଥିବେ ନିଶ୍ଚୟ। ଏଥିପାଇଁ କ୍ଷମା କରିଦିଅନ୍ତୁ। ଏମିତିରେ ତ ଦେଖିବାକୁ ଗଲେ ପ୍ରତ୍ୟେକ ନାରୀ କଷ୍ଟସହିଷ୍ଣୁ। ଅପରନ୍ତୁ ପୁରୁଷଙ୍କୁ କଷ୍ଟ ଦେବାରେ ମାହିର୍।"

"ପୁରୁଷଙ୍କୁ କଷ୍ଟ ଦେବାରେ ଲାଭ କ'ଣ ମିଳେ ନାରୀଙ୍କୁ?"- ଅଧିକ ଜିଜ୍ଞାସୁ ହୋଇପଡ଼ିଲା ଆନନ୍ଦ । ମିନାକ୍ଷୀ ବି ତାକୁ ଅହେତୁକ ଅନେକ କଷ୍ଟ ଦେଇଛି, ଯେଉଁଥିପାଇଁ ଏମିତି ପରିସ୍ଥିତିଟିଏ ଉପୁଜିଲା ଉଭୟଙ୍କ ଭିତରେ। ଆଜି ସେହି କଥାକୁ ପ୍ରକାରାନ୍ତରେ ସ୍ମରଣ କରେଇ ଦେଉଛି ପ୍ରଶାନ୍ତି। ସବୁ ନାରୀ କ'ଣ ଏକାପ୍ରକାର? ମନେ ମନେ ଭାବି ହେଉଥିଲା ଆନନ୍ଦ।

ମୁଖରେ ହସ ଫୁଟେଇ ପ୍ରଶାନ୍ତି କହିଲା, "ଏ କଥା ଆପଣ ହୁଏତ ଜାଣିଥିବେ, ସବୁ ସମୟରେ ଓ ସବୁ କ୍ଷେତ୍ରରେ ନାରୀର ହିଁ ଲାଭ। କିନ୍ତୁ ନାରୀର ପୁରୁଷଙ୍କୁ କଷ୍ଟ ପ୍ରଦାନ ଶୀତଳ ଓ ଅପ୍ରକାଶ୍ୟ କିମ୍ବା ପରୋକ୍ଷ। ସୁରଦାସ ତ ନାରୀ ସଂପର୍କରେ ଶ୍ରେଷ୍ଠ ଓ ନିଷ୍ଠୁର ମନ୍ତବ୍ୟଟିଏ ଦେଇସାରିଛନ୍ତି ତାଙ୍କ କବିତାରେ।

ରାତମେଁ ମୋହିନୀ, ଦୀନମେଁ ବାଘିନୀ,
ପଲକ ପଲକ ଲହୁ ଶୋଷେ।
ତଭି ଆଦ୍‌ମୀ ମସ୍ତ ହୋକର
ଘର୍ ଘର୍ ବାଘିନୀ ପୋଷେ।"

ପ୍ରଶାନ୍ତିର ବିଜ୍ଞଜନୋଚିତ କଥାରେ ସ୍ତବଧ୍ ହୋଇଯାଇଥିଲା ଆନନ୍ଦ। ବୟସର ଯଥେଷ୍ଟ ବ୍ୟବଧାନ ସତ୍ତ୍ୱେ ପ୍ରଶାନ୍ତି ଯେ ବୌଦ୍ଧିକ ସ୍ତରରେ ତା' ଠାରୁ ଆଗୁଆ, ଏକଥା ପ୍ରଥମେ ଅନୁଭବ ହେଲା ଆନନ୍ଦକୁ। କିଛି ସମୟର ନୀରବତା ପରେ ପ୍ରଶାନ୍ତି ପଚାରିଲା ଆନନ୍ଦକୁ, "ଆପଣଙ୍କର ସ୍ତ୍ରୀ ସହିତ ଆପଣଙ୍କର ଡିଭୋର୍ସ୍ ହେବାର ଏମିତି କିଛି ସ୍ପଷ୍ଟ କାରଣ ନାହିଁ ?"

ପ୍ରଶାନ୍ତିର ଚାତୁର୍ଯ୍ୟପୂର୍ଣ୍ଣ କଥାରେ ପାଟି ଖୋଲିଲା ଆନନ୍ଦ। କହିଲା, "ଅଛି। କିଛି ସ୍ପଷ୍ଟ ଆଉ କିଛି ଅସ୍ପଷ୍ଟ । ସଂଭ୍ରାନ୍ତ - ମଧ୍ୟବିତ୍ତ, କର୍ମଜୀବୀ- କର୍ମହୀନ ବେକାର ମଧ୍ୟରେ ଅହଂର ଲଢ଼େଇ ହେଲେ ସ୍ୱାମୀ ସ୍ତ୍ରୀ ଭିତରେ ପରିଣାମ ଯେ ଭୟାବହ ହୁଏ, ଏକଥା ମୁଁ ସେତେବେଳେ ଅନୁଭବ କରିପାରୁ ନଥିଲି।"

"ଆଉ ଯେତେବେଳେ ଅନୁଭବ କଲେ, ସେତେବେଳକୁ କଥା ସରିଥିଲା, ଏଇଆ ନା? ତେବେ ସେ ଅନୁଭବକୁ ଉପଯୋଗ କରି ଆପଣ ଆଉ କୌଣସି ଝିଅକୁ, ଆପଣଙ୍କ ପସନ୍ଦ ଅନୁସାରେ ବିବାହ କରିପାରିଥାନ୍ତେ?" ଆନନ୍ଦକୁ ତୀବ୍ର କଟାକ୍ଷ କଲା ପ୍ରଶାନ୍ତି।

"ପାରିଥାନ୍ତି । ମିନାକ୍ଷୀ ଯେଉଁ ଅନୁଭବ ମୋତେ ଦେଇଗଲା, ସେଥିରୁ ଉତ୍ପନ୍ନ ହେଲା ନାରୀ ପ୍ରତି ଅବିଶ୍ୱାସ, ସନ୍ଦେହ ଓ ବୀତସ୍ପୃହତା। ତା'ଛଡ଼ା ସ୍ତ୍ରୀ ପରିତ୍ୟକ୍ତ ପୁରୁଷକୁ କିଏ ବା କାହିଁକି ବିବାହ କରନ୍ତା ?"- ନିଜ ଆୟତ୍ତର ବାହାରକୁ ଚାଲିଯାଇଥିଲା ଆନନ୍ଦ।

ପ୍ରଶାନ୍ତି ବୁଝିପାରୁଥିଲା, ମଣିଷର ଦୁର୍ବଳ ସ୍ଥାନରେ ଆଘାତ କଲେ ସେ ଯନ୍ତ୍ରଣା, ଲୁହ କିମ୍ବା ଆବେଗରେ ଜର୍ଜରିତ ହୋଇଯାଏ। ଆନନ୍ଦ ବାବୁଙ୍କ କଟା ଘା'ରେ ହାତ ମାରିଦେଇ ଗୋଟେ ଅନୁଚିତ କାମ କରିଛି ସେ ।

(କ୍ରମଶଃ)

♥ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
ମୋ : ୯୪୩୯୪୪୨୯୪୨

# 'କଠିନ ଅଭ୍ୟାସ, ଶକ୍ତିଶାଳୀ ଯକୃତ'

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ପ୍ରତିବର୍ଷ ଅପ୍ରେଲ ୧୯ ତାରିଖରେ ପାଳିତ ହୁଏ ବିଶ୍ୱ ଯକୃତ ଦିବସ। ପ୍ରତିବର୍ଷ ପରି ଚଳିତ ବର୍ଷ ବାର୍ତ୍ତା। ରହିଛି 'କଠିନ ଅଭ୍ୟାସ, ଶକ୍ତିଶାଳୀ ଯକୃତ' (ସଲିଡ୍ ହାବିଟ୍ ଷ୍ଟ୍ରଙ୍ଗ ଲିଭର)। ଏକ ସୁସ୍ଥ ଶରୀର ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ ମଣିଷ ଶରୀରର ଯକୃତ ବା ଲିଭର। ଶରୀର ଭିତରର ସବୁଠାରୁ ବଡ଼ ଗ୍ରନ୍ଥୀ ବୁଝାଉଥିବା ପେଟ ଭିତରର ଏହି ସମ୍ବେଦନଶୀଳ କ୍ଷେତ୍ରର ଉପାଦେୟ ଭୂମିକା ହେଉଛି ଏହା ପାଚନ ବା ହଜମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ସଂପ୍ରତି ଅସ୍ତବ୍ୟସ୍ତ ଜୀବନ, ଉଦ୍‌ବେଗଜନକ ଭାବେ ନିଶାଦ୍ରବ୍ୟ ସେବନ, ବିଶ୍ରାମର ଅଭାବ ଓ ଖାଦ୍ୟପେୟର ଅସଠିକତା ଏହି ସମ୍ବେଦନଶୀଳ କ୍ଷେତ୍ରକୁ ପ୍ରଭାବିତ କରି ଏହା ମୃତ୍ୟୁର ଦିଗକୁ ଟାଣିନେଇଥାଏ।




ଲିଭର ବା ଯକୃତ (କଳିଜା) ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଶରୀରର ସବୁଠାରୁ ବଡ଼ଗ୍ରନ୍ଥି। ପେଟଭିତର ମଧ୍ୟ ଭାଗର ଡାହାଣ ପଟକୁ ମଧ୍ୟଛଦାର ଠିକ୍ ତଳକୁ ଯକୃତ ରହିଥାଏ। ପଞ୍ଜରାହାଡ଼ ଭିତରେ ଏହା ସୁରକ୍ଷିତ ଅବସ୍ଥାରେ ରହିଥାଏ। ଏହାର ଲମ୍ୱ ୨୦ସେ.ମି., ଓସାର ୧୬ ସେ.ମି. ଓ ଉଚ୍ଚତା ପ୍ରାୟ ୧୨ ସେ.ମି., ଓଜନ ପ୍ରାୟ ଦେଢ଼ରୁ ଦୁଇ କି.ଗ୍ରା। କଳିଜା ହେଉଛି ଶରୀରର ଏକ ରାସାୟନିକ ବିଜ୍ଞାନାଗାର। ଏକ ସମୟରେ ଏହା ବହୁତ ପ୍ରକାରର ରାସାୟନିକ କାର୍ଯ୍ୟ କରିଥାଏ। ଶରୀରରେ ନଷ୍ଟ ହେଉଥିବା ଲୋହିତ ରକ୍ତକଣିକାରୁ ହିମୋଗ୍ଲୋବିନ (ଲୋହିତ ରକ୍ତ କଣିକା ମଧ୍ୟରେ ଥିବା ଲୌହ ଓ ପୁଷ୍ଟିସାର ଅଂଶ) ବାହାର କରି ତାକୁ ଭାଙ୍ଗି ପୁଣି ନୂଆ ହିମୋଗ୍ଲୋବିନ ହେବା ପାଇଁ ଉପାଦାନ ସୃଷ୍ଟି କରିଥାଏ। ରକ୍ତ ଜମାଟ ବାନ୍ଧିବା ପାଇଁ ଯେଉଁ ଉପାଦାନର ଆବଶ୍ୟକତା ରହିଛି ଯଥା ପ୍ରୋଥ୍ରୋମ୍ବିନ ଓ ଫିବ୍ରିନୋଜେନ୍ ତାହା ଯକୃତରେ ହିଁ ତିଆରି ହୁଏ। ପିତ୍ତ କ୍ଷରଣ ହେଉଛି ଯକୃତର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଖାଦ୍ୟ ପାକସ୍ଥଳୀରୁ ଗ୍ରହଣୀ ମଧ୍ୟକୁ ପ୍ରବେଶ କରିବା ସମୟରେ ପିତ୍ତନଳୀ ଭିତରୁ ପିତ୍ତ ଆସି ଖାଦ୍ୟ ସହିତ ମିଶି ପାଚନ କ୍ରିୟାରେ ସାହାଯ୍ୟ କରେ। ରକ୍ତରେ ଗ୍ଲୁକୋଜର ପରିମାଣ ଅଧିକ ହେଲେ ଯକୃତ ଏହାକୁ ଗ୍ଲାଇକୋଜେନ୍‌ରେ ପରିଣତ କରି ନିଜ ଭିତରେ ସଞ୍ଚୟ କରି ରଖେ। ଉପବାସ ସମୟରେ ରକ୍ତରୁ ଗ୍ଲୁକୋଜର ପରିମାଣ କମିଗଲେ ଯକୃତ ଗ୍ଲାଇକୋଜେନ୍‌କୁ ଗ୍ଲୁକୋଜରେ ପରିଣତ କରି ଶର୍କରାର ଭାରସାମ୍ୟ ରକ୍ଷା କରେ।

ଯକୃତ ବା କଳିଜାରେ ତନ୍ତୁ ଜମିଗଲେ ପ୍ରଦାହ ବା କ୍ଷତ ହୋଇ ସଂଯୋଜକ ତନ୍ତୁରେ ମୋଟାଦାଗ ଜମିଗଲେ ଏହା ଯକୃତର କାର୍ଯ୍ୟକ୍ଷମତାକୁ କମାଇ ଦିଏ। ଅତ୍ୟଧିକ ମଦ୍ୟପାନ, ଚର୍ବି ଜାତୀୟ ଖାଦ୍ୟ, ହେପାଟାଇଟିସ୍ 'ବି', 'ସି' ଓ 'ଡି' ସଂକ୍ରମଣ, ମଧୁମେହ, ପିତ୍ତକୋଷ ରୋଗ କିମ୍ବା ଅତ୍ୟଧିକ ଲୌହକଣା ଜମିଗଲେ ଲିଭରରେ ସୂତ୍ରତନ୍ତୁମୟତା ସୃଷ୍ଟି ହୁଏ ଓ ଯକୃତ ସଂକୁଚିତ ହୋଇ ଉପରିଭାଗରେ ଛୋଟ ଛୋଟ ଫୁଲା ବା ଗ୍ରନ୍ଥିକା ସୃଷ୍ଟି ହୋଇ ସିରୋସିସ୍ ରୋଗରେ ରୂପାନ୍ତରିତ ହୁଏ। ତନ୍ତୁମୟତା ଯେତେ ବେଶୀ ହୁଏ ଲିଭରର କର୍ମ କ୍ଷମତା ମଧ୍ୟ ସେତେ ପରିମାଣରେ ବ୍ୟାହତ ହୁଏ ଓ ଧୀରେ ଧୀରେ ଏହା ସିରୋସିସ୍ ରୋଗରେ ଆକ୍ରାନ୍ତ ହୁଏ। ଜନସାଧାରଣଙ୍କର ସଚେତନତା ବୃଦ୍ଧି ହେଲେ ସେମାନେ ମଦ୍ୟପାନ, ଚର୍ବିଜାତୀୟ ଖାଦ୍ୟରୁ ବିରତ ଓ ହେପାଟାଇଟିସ୍ ସଂକ୍ରମଣ ସମ୍ବନ୍ଧର ଚିକିତ୍ସା କରିବାକୁ ଆଗେଇ ଆସନ୍ତି। ସହଜ ପାଚ୍ୟ ନିରାମିଷ ଖାଦ୍ୟ ଓ କିଛି ସମୟ ବ୍ୟାୟାମ ମାଧ୍ୟମରେ ଲିଭରର ସ୍ୱାସ୍ଥ୍ୟ ମଧ୍ୟ ରକ୍ଷା କରିହେବ।

ଶରୀରର କୋଷଗୁଡ଼ିକ ଯକୃତ ବିରୋଧରେ କାମ କଲେ ଯକୃତ ଖରାପ ହୋଇଯାଏ। ଏହା ଖୁବ୍ କମ୍ ପରିମାଣରେ ଦେଖାଯାଏ। ଯକୃତ ଖରାପ ହେବାର ଲକ୍ଷଣ ଡେରିରେ ଜଣାପଡ଼େ। ୬୦-୮୦ ପ୍ରତିଶତ ଯକୃତର କୋଷ କ୍ଷତିଗ୍ରସ୍ତ ହେବା ପରେ ହିଁ ଲକ୍ଷଣ ପ୍ରକାଶ ପାଇଥାଏ। ତେଣୁ ଯକୃତ ପରୀକ୍ଷା କରାଇ ନେବା ଜରୁରୀ। ଏହା ଯକୃତର କ୍ଷମତା ଜଣାଇଥାଏ। ଫ୍ୟାଟି ଲିଭର ପାଇଁ ଅଲଟ୍ରାସାଉଣ୍ଡ ଓ ଫାଇବ୍ରୋସ୍କାନ ପରୀକ୍ଷା କରିପାରିବେ। ରକ୍ତ ପରୀକ୍ଷାରୁ ଯକୃତ ବାବଦରେ ଜଣାନପଡ଼ିଲେ ବିଶେଷଜ୍ଞ ବାୟୋପ୍‌ସିର ପରାମର୍ଶ ଦେଇଥାନ୍ତି। ଏଥିରେ ଯକୃତର କିଛି ଅଂଶ ଲାବୋରେଟୋରୀ ପଠାଯାଇ ପରୀକ୍ଷା କରାଯାଏ। ତେବେ ଯକୃତକୁ ସୁସ୍ଥ ରଖିବା ଲାଗି ସ୍ୱଚ୍ଛ ପାଣି ପିଅନ୍ତୁ, ଦୂଷିତ ଖାଦ୍ୟରୁ ଦୂରେଇ ରହନ୍ତୁ, ବ୍ୟାୟାମ କରନ୍ତୁ, ସୁରକ୍ଷିତ ଶାରୀରିକ ସମ୍ପର୍କ ରଖନ୍ତୁ, ୪୦ ବର୍ଷ ବୟସରେ ପରେ ଯକୃତ ପରୀକ୍ଷା କରାଇ ନିଅନ୍ତୁ ଏବଂ ସବୁଠାରୁ ବଡ଼ କଥା ମଦ୍ୟପାନ ଓ ଧୂମପାନରୁ ବିରତ ରୁହନ୍ତୁ। ହେପାଟାଇଟିସ୍ ବି ଟୀକା ନେଇ ହେପାଟାଇଟିସ୍ ବି, ଲିଭର ସିରୋସିସ୍ ଓ ଲିଭର୍ କ୍ୟାନସରରୁ ମୁକ୍ତି ପାଆନ୍ତୁ। ଶାଗ, ସବୁଜ ପନିପରିବା, ସେଓ, ଅଙ୍ଗୁର, ଗାଜର, ବିଟ୍, ରସୁଣ, ଅଲିଭ ଅଏଲ, ଲେମ୍ବୁ ସରବର, ଗ୍ରୀନ୍ ଟି', ଫୁଲକୋବି, ବନ୍ଧାକୋବି, ହଳଦୀ ଇତ୍ୟାଦି ଖାଦ୍ୟ ଲିଭରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ।

♥ ଅବସର ପ୍ରାପ୍ତ ପ୍ରଫେସର ଓ
ବିଭାଗୀୟ ମୁଖ୍ୟ, ହେପାଟୋଲୋଜି
ବିଭାଗ, ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ
କଲେଜ, କଟକ
ମୋ : ୯୪୩୭୦୫୧୯୫୭

# ଆତ୍ମକାହାଣୀ ଅନ୍ତେ ବୈଷ୍ଣବ ପାଣି



ଅଭୟ କୁମାର ଦାସ

ପ୍ରତ୍ୟେକ ମହାପୁରୁଷଙ୍କ ଆତ୍ମକାହାଣୀ ସତ୍ୟ ଓ ତଥ୍ୟକୁ ନେଇ ଆଧାରିତ। ଏସବୁ ଆତ୍ମ ଲିପି ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ। ଗୀତିନାଟ୍ୟ ଜଗତର ମଉଡମଣି ଗଣକବି ବୈଷ୍ଣବ ପାଣି ନିଜେ ଲେଖିଥିବା 'ପାଣି କବିଙ୍କର ଆତ୍ମକାହାଣୀ' ୧୯୫୫ ମସିହାରେ ତାଙ୍କ ନାତୁଣୀ ଜାମାତା ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ ସହାୟତାରେ କଟକର ପ୍ରକାଶକ ଶ୍ରୀ ଗୋବିନ୍ଦ ସାହୁଙ୍କ ଦ୍ୱାରା ପ୍ରକାଶ ପାଇଥିଲା। ତାଙ୍କ ଆତ୍ମକାହାଣୀରେ ସେ ସେତେବେଳେ ଧର୍ମାନ୍ଧ ଓ ପ୍ରତିକ୍ରିୟାଶୀଳ ମୌଳବାଦୀ ସମାଜକୁ ଭ୍ରୂକ୍ଷେପ ନକରି ସମସ୍ତ ଗୁପ୍ତ ଓ ଅଙ୍ଗେଲିଭା କାହାଣୀକୁ ପ୍ରକାଶ କରିଥିଲେ ଯାହାକି ତତ୍କାଳୀନ ସମ୍ଭ୍ରାନ୍ତ ସାହିତ୍ୟିକ ମାନଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ମାତ୍ର ୧୯୫୫ ମସିହା ଅର୍ଥାତ୍ ବୈଷ୍ଣବ ପାଣିଙ୍କ ଆତ୍ମଜୀବନୀ ପ୍ରକାଶ ହେବା ପରେ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଯାହାକି ୧୯୫୬ ମସିହା ବୈଶାଖ ଅମାବାସ୍ୟା ପର୍ଯ୍ୟନ୍ତ ସ୍ଥାନୀୟ ଲୋକଙ୍କ ମୁଖରୁ ଯାହା ଶୁଣିବାକୁ ମିଳେ ତାହା ଅତି କରୁଣ ଓ ହୃଦୟ ବିଦାରକ।

ବୈଷ୍ଣବ ପାଣି ବାପା-ମାଆଙ୍କ ଦ୍ୱାରା ଲୀଳା ପଣ୍ଡାଙ୍କୁ ବିବାହ କଲା ପରେ ବି ସେଇ ଗ୍ରାମର ଶ୍ରୀ ଦଧି ସେଠୀଙ୍କ କନ୍ୟା ହାରାମଣି ସହ ମିଳାମିଶାକୁ ବରଦାସ୍ତ ନକରି ଗ୍ରାମବାସୀମାନେ ଛତିଶିପାଟକ ସଭା ଡାକି ବୈଷ୍ଣବ ପାଣିଙ୍କ ଘରକୁ ବାଛନ୍ଦ କଲାପରେ ସେ ଜିଦିଖୋର ମନୋଭାବ ପୂର୍ବକ ହାରାମଣିକୁ ବରମାଳା ଦେଇ ବିବାହ କରି ବିରୂପା ନଈ କୂଳରେ ଘର କରି ରହିଲେ। ସେତେବେଳେ ବୈଷ୍ଣବ ପାଣି ନାଟ୍ୟ ଜଗତରେ ବେଶ ସୁନାମ ଅର୍ଜନ କରି ସାରିଥିଲେ ଓ ଅନେକ କଳାକାର, ବାଦ୍ୟକାର ତଥା ଯାତ୍ରା ପ୍ରେମୀଙ୍କର ତାଙ୍କ ଘରକୁ ଆତଯାତ ଥିଲା। ଏତଦବ୍ୟତୀତ ନିଜେ ହାରାମଣି ବୈଷ୍ଣବ ପାଣିଙ୍କୁ ବାଛନ୍ଦ ଜନିତ ବାଧାବିଘ୍ନକୁ ଅନୁଭବ କରାଇ ଦେଉ ନଥିଲେ। ମାତ୍ର ହାରାମଣିର ଦେହାନ୍ତ ପରେ 'ପାଣି-ହାରାମଣି' ସର୍ତ୍ତ ଅନୁସାରେ ବିରୂପା ନଦୀ କୂଳରେ ସମାଧିଟିଏ ଗଢ଼ି ବୈଷ୍ଣବ ନିଜ ପୈତୃକ ଗୃହକୁ ଚାଲି ଆସିଥିଲେ। ତା ପୂର୍ବରୁ ତାଙ୍କ ବାପା-ମାଆ ଓ ପ୍ରଥମ ସ୍ତ୍ରୀ ନୀଳାଦେବୀଙ୍କ ଦେହାନ୍ତ ହୋଇ ସାରିଥିଲା।

ସେତେବେଳକୁ ତାଙ୍କ ବୟସ ଅପରାହ୍ନରେ ପହଞ୍ଚି ସାରିଥିଲା। ଯାତ୍ରା ଦଳରେ କାମ କରିବାକୁ ସେ ସକ୍ଷମ ନଥିଲେ। ଏଣୁ ଅର୍ଥାଭାବ ଓ ବାଛନ୍ଦ ତାଙ୍କୁ ରସାତଳକୁ ଠେଲି ଦେଇଥିଲା। ସେତେବେଳେ ସେ କେବଳ ପ୍ରେୟସୀ ହାରାମଣିଙ୍କୁ ଝୁରି ଝୁରି ପାଗଳ ପ୍ରାୟ ହୋଇଯାଇଥିଲେ। ଗାଁର କୌଣସି ଲୋକ ତାଙ୍କୁ ଛୁଇଁବା ତ ଦୂରର କଥା ଆଡ଼ ଆଖିରେ ବି ଚାହୁଁ ନଥିଲେ। ତାଙ୍କର ଅତିପ୍ରିୟ ଶିଷ୍ୟ ଶ୍ରୀ ଯୋଗେନ୍ଦ୍ର ମିଶ୍ର ଜାତି



ଚାଲିଯିବା ଭୟରେ ପୂର୍ବଭଳି ତାଙ୍କ ଘରକୁ ଯିବା ଆସିବା ବନ୍ଦ କରିଦେଲେ। ଦିନ ଦିନ ଧରି ସେ ଖାଇବା ବିନା ଉପବାସ ରହୁଥିଲେ। ଦେହ ପାଇଁ ଔଷଧ କିଣିବାକୁ ପଇସାଟିଏ ପାଇଲେନି। ଇଚ୍ଛା ଥିଲେ ବି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ସାହାଯ୍ୟ ସହାନୁଭୂତି ପ୍ରଦାନ କରି ପାରିଲେନି। ଯେଉଁ ବୈଷ୍ଣବ ପାଣିଙ୍କୁ ଟିକେ ଦେଖିବା ପାଇଁ ଲୋକେ ଧାଡ଼ି ବାନ୍ଧୁଥିଲେ ବୈଷ୍ଣବ ପାଣି ଯାତ୍ରାକୁ ଦେଖିବା ପାଇଁ ରାତି ରାତି ଅନିଦ୍ରା ହୋଇ ରୁଣ୍ଡ ହେଉଥିଲେ। ସେ ହି ବୈଷ୍ଣବ ପାଣି କିନ୍ତୁ ସମାଜ ପାଇଁ ଅଲୋଡ଼ା ହୋଇଗଲେ। ସେ ଅଚଳ ଅବସ୍ଥାରେ ନିଜ ଖଣ୍ଡିଆ କୁଡ଼ିଆ ଘରେ ପଡ଼ିରହିଲେ।

ଯୁଗେ ଯୁଗେ ଗୁରୁଶିଷ୍ୟ ସମ୍ପର୍କର ପବିତ୍ରତା ରହିଆସିଛି ଓ ରହିବ ମଧ୍ୟ। ସେହି ମର୍ମରେ ତାଙ୍କ ପ୍ରିୟ ଶିଷ୍ୟ ଯୋଗୀ ମିଶ୍ର ତାଙ୍କ ଗୁରୁ ବୈଷ୍ଣବ ପାଣିଙ୍କୁ ଛାଡ଼ି ସମ୍ଭାଳି ରହିଥାନ୍ତେ କେମିତି ! ଗୁରୁଙ୍କର ଏ ଅବସ୍ଥା ସମ୍ବନ୍ଧୀୟ ଖବର ପାଇ ତତ୍କାଳୀନ କୋଠପଦା ମଠ ମହନ୍ତ ତପୋନିଧି ରାମନାଥ ପୁରୀ ଗୋସ୍ୱାମୀଙ୍କୁ ଧରି ବୈଷ୍ଣବଙ୍କ କୁଡ଼ିଆ ଘରେ ଆସି ପହଞ୍ଚିଛନ୍ତି ଓ ମଠ ପ୍ରସ୍ତୁତ ରଘୁନାଥଜୀଉଙ୍କ ପ୍ରସାଦ ସେବନ କରାଇ ମହନ୍ତ ଗୋସ୍ୱାମୀଙ୍କ ଦ୍ୱାରା ଅଛୁଆଁରୁ ମୁକ୍ତ ହୋ ଜାତିରେ ମିଶିଯିବାକୁ ପ୍ରସ୍ତାବ ଦେଇଛନ୍ତି। ଚାରିଦିନ ହେବ ଭୋକ ଉପବାସରେ ପଡ଼ି ରହିଥିବା ବୈଷ୍ଣବ ପ୍ରସାଦ ସେବନ କରି ପ୍ରିୟ ଶିଷ୍ୟ ଯୋଗେନ୍ଦ୍ର ମିଶ୍ରକୁ ଅର୍ଜସ ଆଶୀର୍ବାଦ ଢ଼ାଳି ଦେବା ସହ ମହନ୍ତ ଗୋସ୍ୱାମୀଙ୍କୁ ଧନ୍ୟବାଦ ପ୍ରଦାନ କଲେ ସତ; ମାତ୍ର ଜାତି ଆଉ ଅଛୁଆଁ ବାବଦରେ ଥର ଥର କଣ୍ଠରେ କହିଲେ 'ଜାତି କାହାକୁ କହୁଛନ୍ତି ଗୋସେଇଁ! ମୋ ମତରେ ତ ଜାତି ହେଉଛି ଦୁଇଟା, ଗୋଟାଏ ପୁରୁଷ ଜାତି ଅନ୍ୟଟି ନାରୀ ନାରୀ ଜାତି। ମୋ ବାପା ମା ଜନ୍ମ ଦିନରୁ ହିଁ ମୋତେ ପ୍ରଭୁ ଜଗନ୍ନାଥଙ୍କ ବଡ଼ ଛତା ତଳେ ବୈଷ୍ଣବ କରି ଦେଇଛନ୍ତି। କଥାରେ ପରା ଅଛି, ବାର ଜାତି ତେର ଗୋଲା ବୈଷ୍ଣବ ହେଲେ ସବୁ ଗଲା। ଏହାଛଡ଼ା ମଣିଷ, ଜୀବନରେ କେବଳ ଦୁଇଥର ଅଛୁଆଁ ହୋଇଥାଏ। ଥରେ ନିଜେ ଜନ୍ମ ହେଲା ବେଳେ ଆଉ ଥରେ ମରିଗଲା ବେଳେ। ମୁଁ ଲୋକମାନଙ୍କୁ ବହୁତ ଭଲ ପାଏ। ଏଇ ମାନଙ୍କ ପାଇଁ ମୁଁ କେତେ ଗୀତିନାଟ୍ୟ, ଭଜନ ଜଣାଣ, ଫାର୍ସ ଲେଖିଛି, ଗାଇଛି, ନାଚିଛି। ମୋର ଏ ଘରକୁ ପାଠାଗାର କରିବା ପାଇଁ ଶିକ୍ଷାମନ୍ତ୍ରୀ ଡ.ରାଧାନାଥ ରଥଙ୍କୁ ଚିଠି ଲେଖିଛି। ଆଜି ମୋର ଏ ଶେଷ ଅବସ୍ଥାରେ ମୋତେ କେହି ଆଡ଼ ଆଖିରେ ଚାହୁଁ ନାହାଁନ୍ତି। ସମସ୍ତେ ମୋତେ ଘୃଣା କରୁଛନ୍ତି। ମୁଁ ମଲା ପରେ ମୋତେ ବୋଧ ହୁଏ କେହ ମନେରଖିବେ ନାହିଁ। ମୋ ଗୀତିନାଟ୍ୟ, ଭଜନ, ଜଣାଣ କେହି ପଢ଼ିବେନି କି ଦେଖିବେନି!!!

ଲୋକଙ୍କୁ ହସଉଥିବା ମଜଉଥିବା ମନୋରଞ୍ଜନର ଖୋରାକ ଯୋଗାଉଥିବା ଏହି ମହାନ କବି କାନ୍ଦି କାନ୍ଦି ନିଜ କ୍ଷୋଭ ପ୍ରକାଶ କରି ଅଚେତ ହୋଇ ପଡ଼ିଲେ। ସେ ଦିନ ମଠ ମହନ୍ତ ଓ ଯୋଗୀ ମିଶ୍ରଙ୍କ ସହାୟତାରେ ଶଗଡ଼ ଯୋଗେ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଭେଷଜ ବିଭାଗରେ କିଛି ଦିନ ଚିକିତ୍ସିତ ହେଲାପରେ ୧୯୫୬ ମସିହା ମେ ମାସ ୧୦ ତାରିଖ ବୈଶାଖ ଅମାବାସ୍ୟା ଠିକ ଆଜିର ତିଥିରେ ଏହି ମହାନ ଗୀତିନାଟ୍ୟକାର, ବାଦ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ଆଶୁକବି ଗଣକବି ବୈଷ୍ଣବ ପାଣିଙ୍କ ଦେହାନ୍ତ ହୋଇଥିଲା। କବି ମୁରାରୀ ମୋହନ ଜେନା, କାଳନ୍ଦୀ ପାଣିଗ୍ରାହୀ, ଗୋରାଚାନ୍ଦ ମିଶ୍ର, ନିତ୍ୟାନନ୍ଦ ମହାପାତ୍ର ଓ ସତ୍ୟାନନ୍ଦ ଚମ୍ପତିରାୟଙ୍କ ସହାୟତାରେ କଟକର ଖାନନଗର ଶ୍ମଶାନ ଆପଣେଇ ନେଇଥିଲା ଏହି କାଳଜୟୀ ମହାପ ପୁରୁଷ କବି ବୈଷ୍ଣବ ପାଣିଙ୍କ ପାର୍ଥୀବ ଶରୀରକୁ।

♥ ଗୋତରା, ମାହାଙ୍ଗା, କଟକ,
ମୋ : ୯୪୩୭୧୪୨୭୧୭

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୯ ଏପ୍ରିଲ ୨୦୨୬
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com





# ମଧୁରୋକ୍ତି...(୨୬)

## ♥ ମଧୁମିତା ମିଶ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ) ସ୍ୱପ୍ନ ତା ରାସ୍ତାରେ ଚାଲିଥିଲା ଆଉ ବାସ୍ତବତା ତା ରାସ୍ତାରେ ଆଗଉଥିଲା। ରାଜସଭାରେ ଉପସ୍ଥିତ ପ୍ରତ୍ୟେକ ବ୍ୟକ୍ତିଙ୍କ ଉତ୍ସୁକତାର ଅନ୍ତ ଘଟେଇ ମାତା ସୀତା ପ୍ରବେଶ କରିଥିଲେ। ତୁମ ହୃଦସ୍ପନ୍ଦନ ବଢ଼ି ଚାଲିଥିଲା। ସେଦିନ ମିଥିଳା ରଜନବରରେ ଯେତେବେଳେ ମାତା ସୀତା ହାତରେ ବରଣମାଳ ଧରି ତୁମ ଗଳାରେ ଲମ୍ବେଇବାକୁ ଧୀର ଗତିରେ ଆଗେଇ ଆସୁଥିଲେ ସେତେବେଳେ ତୁମକୁ ଯେମିତି ପୁଲକିତ ଲାଗୁଥିଲା ଆଜି ମଧ୍ୟ ସେହିପରି ପୁଲକ ତୁମେ ଅନୁଭବ କରୁଥିଲ। କେଉଁ ଦୁର୍ଭାଗ୍ୟ ବଳରେ କେଜାଣି ଏତେ ବର୍ଷ ପରସ୍ପର ଠାରୁ ଦୂରେଇ ରହିବା ପରେ ପୁଣି ମାତାଙ୍କ ସାନିଧ୍ୟ ପାଇ ନିଜକୁ ପୂର୍ଣ୍ଣ କରିବାକୁ ତୁମ ମନ ଉଚ୍ଚାଟ ହେଉଥିଲା।

ମାତା ଠିଆ ହୋଇଥିଲେ ସାମ୍ନାରେ। ଆଉ ମାତ୍ର ଅଳ୍ପ ରାସ୍ତା ବାକି ଥିଲା ତୁମ ଦୁହିଁଙ୍କ ପୁନର୍ମିଳନ ପାଇଁ। କିନ୍ତୁ କିଛି ପୌରାଣିକ ତଥ୍ୟ ଅନୁଯାୟୀ ଚତୁର୍ପାର୍ଶ୍ୱରେ ଭରି ରହିଥିବା ଲୋକେ ଜୟ ଜୟକାର କରୁଥିବା ବେଳେ କିନ୍ତୁ କିଛି ଚପା ସ୍ୱର ମଧ୍ୟ ଶୁଣିବାକୁ ମିଳିଥିଲା। ଲବକୁଶଙ୍କ ପିତା ସ୍ୱୟଂ ଶ୍ରୀରାମ ବୋଲି ପ୍ରମାଣ ମିଳିଲେ ଭଲ ହୁଅନ୍ତା ବୋଲି କିଛି ଅସ୍ପଷ୍ଟ ସ୍ୱର ଆସୁଥିଲା। ଲଙ୍କାରେ ଯେପରି ଅଗ୍ନି ପରୀକ୍ଷା ହୋଇଥିଲା ସେହିପରି ଯଦି ଅଯୋଧ୍ୟାରେ ମଧ୍ୟ ହୁଅନ୍ତା ତେବେ ଭଲ ହୁଅନ୍ତା ବୋଲି ଚାପା ଗୁଞ୍ଜରଣ ଶୁଣି ମାତାଙ୍କ ପାଦ ଅଟକି ଯାଇଥିଲା। ଏତେ ସଂଘର୍ଷ ପରେ ମଧ୍ୟ ଅବିଶ୍ୱାସ ମଞ୍ଜିକୁ ସେ ନାଶ କରିବାକୁ ସକ୍ଷମ ହୋଇ ପାରିଲେନି ବୋଲି ଦୁଃଖୀ ହୋଇ ଉଠୁଥିଲେ। ତୁମେ ବିଚଳିତ ହୋଇ ଉଠୁଥିଲ। ବିକଳ ହୋଇ ଉଠୁଥିଲ। ଆଉ ହଠାତ୍...

ନିଜ ପାଦକୁ ଦୁଇପାଦ ପଛକୁ ନେଇ ମାତା ସୀତା ସଭା ମଧ୍ୟକୁ ଆସି ଠିଆ ହୋଇଗଲେ। ଅବିଚଳିତ କିନ୍ତୁ କୋହପୂର୍ଣ୍ଣ ସ୍ୱରରେ ସମସ୍ତଙ୍କୁ ସମ୍ବୋଧନ କରିଥିଲେ। ସମାଜରେ ନାରୀମାନଙ୍କ ଅଧିକାର ଏବଂ ସମ୍ମାନ ପାଇଁ ଲଢେଇ କରି ସେ ହାରି ଯାଇଛନ୍ତି ବୋଲି ମନ କଷ୍ଟ କରି କହିଥିଲେ। ସବୁଠୁ କଷ୍ଟ ହୋଇଥାଏ ସତ୍ୟକୁ ସତ୍ୟ ବୋଲି ପ୍ରମାଣ କରିବାକୁ। ଯେଉଁ ସତ୍ୟ ସ୍ୱୟଂ ସଂପୂର୍ଣ୍ଣ ସେହି ସତ୍ୟକୁ ଯେତେବେଳେ ପ୍ରମାଣ ଭିତରେ ନିଜ ଅସ୍ତିତ୍ୱ ଖୋଜିବାକୁ ହୋଇଥାଏ ସେତେବେଳେ ଧର୍ମର ପତନ ସୁନିଶ୍ଚିତ ହୋଇ ଯାଇଥାଏ। ସମାଜ ଯେତେବେଳେ ନାରୀ ପୁରୁଷ ଉଭୟଙ୍କର ସହଯୋଗ ଓ ସମର୍ଥନର ପ୍ରତୀକ ହୋଇଥାଏ ସେତେବେଳେ ଘଟଣ ଅଘଟଣ ପାଇଁ କେବଳ ନାରୀକୁ ଦଣ୍ଡବିଧାନ କରାଗଲେ ସମତା କିପରି ସମ୍ଭବ ହେବ ବୋଲି ତାଙ୍କ ପ୍ରଶ୍ନରେ ସମସ୍ତେ ଚୁପ୍ ହୋଇଯାଇଥିଲେ। ଯେଉଁ ସମତା ଯେଉଁ ସମ୍ମାନ ଯେଉଁ ପ୍ରତିଷ୍ଠା ଆଣିବାକୁ ସେ ଏତେ ବର୍ଷ ସମସ୍ତଙ୍କଠାରୁ ଦୂରେଇ ଯାଇ ଏକାକୀ ସଂଘର୍ଷ କରିଥିଲେ ସେହି ମୂଳଦୁଆ ଦୋହଲି ଯିବା ଦେଖି ସେ ଭାଙ୍ଗି ପଡ଼ିଥିଲେ। ପୁନଃ ରାଜ ସିଂହାସନ ଅଳଙ୍କୃତ କରିବା ସ୍ପୃହା ମରି ଯାଇଥିଲା ତାଙ୍କ ମନରୁ। ସନ୍ତାନ ଯଦି ପ୍ରଶ୍ନବାଣରେ ଆଘାତ କରେ ତେବେ ତାହା ମର୍ମନ୍ତୁଦ ଦୁଃଖ ଦେଇଥାଏ ପିତାମାତାଙ୍କୁ। ଠିକ୍ ସେହିପରି ସନ୍ତାନ ସମ ପ୍ରଜାଙ୍କ ପ୍ରଶ୍ନୀଳ ଆଖି କ୍ଷତାକ୍ତ କରି ପକାଉଥିଲା ମାତାଙ୍କ ପ୍ରାଣକୁ। ଆଉ ବିଦାରି ଦେଉଥିଲା ତୁମ କୋମଳ ହୃଦୟକୁ। ପାପୀ ସଂହାର କରିବା ସମୟରେ ଏତେ କଠୋର ହୋଇଥିବା ନିଶ୍ଚଳ ମହାରାଜ କିଛି କ୍ଷଣ ପାଇଁ ନିର୍ବାକ ହୋଇ ଯାଇଥିଲେ।

କିନ୍ତୁ ମାତା ଚୁପ୍ ରହି ନଥିଲେ।

ଲବକୁଶଙ୍କୁ ନିଜ ପିତାଙ୍କ ଛତ୍ରଛାୟା ତଳେ ସୁରକ୍ଷିତ କରି ଦେବା ପରେ ତାଙ୍କର କର୍ତ୍ତବ୍ୟ ସତେ ଯେପରି ସମାପ୍ତ ହୋଇ ଆସିଥିଲା। ଦୁନିଆରୁ ଆସୁରିକ ଶକ୍ତିର ବିଲୋପ ଘଟୁଥିଲା। ରାମରାଜ୍ୟ ସ୍ଥାପନା ହୋଇ ସାରିଥିଲା। ସମାଜ ସମତା ପାଇଁ ତାଙ୍କ ଲଢେଇ ସମାପ୍ତ ହୋଇ ଯାଇଥିଲା। କାରଣ ଯାହାର ସନ୍ଦେହ ମନ ଥିଲା ସେ ପ୍ରମାଣ ପାଇ ସନ୍ତୋଷ ହୋଇ ଯାଇଥିଲା। ଆଉ ଯାହାର ମନ କେବେ ଶାନ୍ତ ହୋଇ ପାରେନା ତାକୁ କିଛି ବି ପ୍ରମାଣ ଦେବା ନିରର୍ଥକ ଥିଲା।

କେହି କିଛି ଭାବିବା ପୂର୍ବରୁ ମାତା ଦୁଇ ହାତ ଯୋଡ଼ି ଧରଣୀ ମା'ଙ୍କୁ ଆବାହନ କରିଦେଲେ ଆଉ କେହି କିଛି ବୁଝିବା ପୂର୍ବରୁ ନିଜ ମାନବୀୟ ଲୀଳାର ସମାପ୍ତି ଘୋଷଣା କରି ତାଙ୍କ ଅଭୟ କୋଳରେ ସେହି ଅତଳ ଗଭୀର ଅପହଞ୍ଚ ଇଲାକାକୁ ଚାଲି ଯାଇଥିଲେ ଯେଉଁଠି କେହି କେବେ ତାଙ୍କୁ ଖୋଜି ପାଇ ପାରିବନି...!!

ଅଚାନକ ହୋଇଥିବା ଏପରି ଅନର୍ଥ ଦେଖି ତୁମେ ବିକଳରେ ଚିତ୍କାର କରି ଉଠିଲା ନିଜ କୋଦଣ୍ଡ ବାହାର କରି ଧରିତ୍ରୀ ବିଦାରଣ କରି ଦେବାକୁ ଉଦ୍ୟତ ହେଲା ବେଳେ ଦେବତା ମାନେ ପ୍ରକଟ ହୋଇ ତୁମକୁ କ୍ଷାନ୍ତ କରେଇଥିଲେ। ମାନବୀୟ ଲୀଳା ନିମନ୍ତେ ତୁମର ଅବତାର ତଥା ବାସ୍ତବିକ ଅଜର ଅମର ସ୍ୱରୁପର ସ୍ମରଣ କରେଇ ଶାନ୍ତ କରିବାକୁ ପ୍ରୟାସ କରିଥିଲେ। ଅବତାର ଗ୍ରହଣର ସତ୍ୟତା ମନେ ପକେଇ ଦେବା ପରେ ତୁମେ ସଙ୍ଗେ ସଙ୍ଗେ ନିଜର ସୌମ୍ୟ ଶାନ୍ତମୂର୍ତ୍ତି ଧାରଣ କରିଥିଲ। ହୃଦୟ ବେଦନାକୁ ପୁଣି ନିଜ ଭିତରେ ଚାପି ଧରି ଲବକୁଶଙ୍କୁ କୋଳେଇ ନେବା ସହିତ ଶାନ୍ତ୍ୱନା ଦେଇଥିଲ।

ମାତାଙ୍କର ଏତାଦୃଶ ପଦକ୍ଷେପ ପ୍ରତ୍ୟେକ ଖଳ ପ୍ରକୃତିର ଲୋକଙ୍କ ପାଟି ବନ୍ଦ କରି ଦେଇଥିଲା। ନିଜ ଆଖି ଆଗରେ ଏତେ ବଡ ଚମତ୍କାର ଦେଖି ସେମାନେ ବିଶ୍ୱାସ କରି ପାରିଲେ ନାହିଁ। ଯେଉଁ ବୈଦେହୀଙ୍କର ଆବାହନ ମାତ୍ରକେ ଧରଣୀ ଦୁଇ ଭାଗରେ ବିଭକ୍ତ ହୋଇପାରେ ତାଙ୍କୁ ଏକ ସାଧାରଣ ଦୁର୍ବଳା ପୀଡ଼ିତା ନାରୀ ଭାବି ତାଙ୍କ ଉପରେ ପ୍ରଶ୍ନ ଉଠେଇଥିବା କାରଣରୁ ସେହି ମୂର୍ଖ ଲୋକମାନେ ନିଜକୁ କ୍ଷମା ଦେଇ ପାରୁନଥିଲେ। କିନ୍ତୁ ଆଉ କିଛି ବାକି ନଥିଲା। ଜୀବନର ସବୁଠୁ ବଡ ବରଦାନକୁ ଏପରି ଅଭିଶାପରେ ପରିଣତ କରି ଦେଇଥିବା ଆତ୍ମଗ୍ଲାନି ଥିଲା ତାଙ୍କ ମନରେ। ଯେଉଁ ମାତା ଅନ୍ନପୂର୍ଣ୍ଣା ସୀତା ଅଯୋଧ୍ୟା ମାଟିକୁ ପବିତ୍ର କରିବା ପାଇଁ ଭୂମିସୂତା ହୋଇ ମଧ୍ୟ ବଧୂ ରୂପରେ ଆସି କରୁଣା ବର୍ଷା କରୁଥିଲେ ସେହି ମାତାଙ୍କ ଆଞ୍ଚଳ ଉପରେ ଦାଗ ଲଗେଇବା ପରି ଘୃଣ୍ୟ କାମ କରି ସେମାନେ ନିଜ ପାପିଷ୍ଠ ମନୋଭାବର ପରିଚୟ ଦେଇଥିଲେ। ଲୁହରେ ଭିଜି ଯାଇଥିଲା ସଂପୂର୍ଣ୍ଣ ପରିବେଶ। ଭୂମି ଫାଟି ଯାଇ ମିଶିଗଲା ପରେ ସେହି ଦାଗ ଲିଭିଗଲା ସତ ହେଲେ ଯାହା ସାଙ୍ଗରେ ନେଇ ଚାଲିଗଲା ତାହା ମନ ଭିତରୁ କେବେ ମଧ୍ୟ ଲିଭି ଯାଇ ପାରିଲାନି। ଅପୂରଣୀୟ କ୍ଷତି ଓ କ୍ଷତ ରହିଗଲା ମନ ପ୍ରାଣରେ।

ମହାରାଜ ଜନକ ସେଇଠି ଉପସ୍ଥିତ ଥିଲେ ଏକ ଆଦରଣୀୟ ବନ୍ଧୁ ହିସାବରେ। ତାଙ୍କ ବିନା ତୁମେ କିପରି ଅଶ୍ୱମେଧ ଯଜ୍ଞ ପରି ପବିତ୍ର ଆୟୋଜନ କରି ଥାଆନ୍ତ...!! ତା ଛଡା ସେଦିନ ତାଙ୍କ ଅଲିଅଳି ଝିଅ ଏତେ ବର୍ଷ ପରେ ଆସୁଥିଲେ ସଂପୂର୍ଣ୍ଣ ମର୍ଯ୍ୟାଦା ସହିତ ଅଯୋଧ୍ୟା ଏବଂ ମିଥିଳାର ମିଳିତ ଭବିଷ୍ୟତକୁ। କିନ୍ତୁ...ହଠାତ୍ ଏମିତି ଏକ ଅପ୍ରତ୍ୟାଶିତ ମର୍ମନ୍ତୁଦ ଦୁର୍ଘଟଣା ଘଟିଯିବାରୁ ସେ ଭାଙ୍ଗି ପଡୁଥିଲେ। କିନ୍ତୁ କିଛି କରିବା ତାଙ୍କ କ୍ଷମତା ପରିସରଭୁକ୍ତ ନଥିଲା। କଣ ବା ସେ କରନ୍ତେ...!! ଆଖି ଆଗରେ ତାଙ୍କ ନୟନ ପିତୁଳା ଭୂମି ଭିତରକୁ ପ୍ରବେଶ କରିଗଲେ। କ୍ଷଣିକ ମଧ୍ୟରେ ଜୀବନ ସାରାର ସ୍ୱପ୍ନ ଧ୍ୱଂସ ହୋଇଗଲା। ସେଦିନ ସେହି ଭୀଷଣ ଦୁର୍ଭିକ୍ଷର ସାମ୍ନା କରି ନିଜେ ଭୂମି ଖୋଦନ କରି ଯେତେବେଳେ ଏକ ବାକ୍ସ ମଧ୍ୟରେ ସେ କୁଆଁ କୁଆଁ କରି କାନ୍ଦୁଥିବା ଏକ ଶିଶୁକନ୍ୟା ପାଇଥିଲେ ଏବଂ ସେହି କନ୍ୟାର ପାଦ ସ୍ପର୍ଶ ହେବା ମାତ୍ରକେ ବୃଷ୍ଟି ହୋଇ ମିଥିଳାର ଭାଗ୍ୟ ଉଦୟ ହୋଇ ଯାଇଥିଲା ସେତେବେଳେ କଣ ସେ ଭାବିଥିଲେ କି ସେହି କନ୍ୟା ଏମିତି ପୁଣି ଭୂମି ଭିତରେ ଲୀନ ହୋଇଯିବେ...!! ବିବାହ ସମୟରେ ଯେତେବେଳେ କେହି ଜଣେ ଭବିଷ୍ୟବାଣୀ କରି କହିଥିଲେ ଯେ ବିବାହୋପରାନ୍ତ ବନଯାତ୍ରା ଯୋଗ ଦେଖାଯାଉଛି ସେତେବେଳେ ମାତା ସୀତା ଏହି କଥାକୁ ଅତି ହାଲକା ଭାବରେ ନେଇ ଯାଇଥିଲେ। କିନ୍ତୁ ଯେତେବେଳେ ଦୈବୀ



ବିଧାନ ଅନୁସାରେ ଅଚାନକ ରାତାରାତି ସବୁ ବଦଳି ଯାଇଥିଲା ଓ ରାଜ ନନ୍ଦିନୀ ହଠାତ୍ ବନବାସୀନୀ ହୋଇ ଯାଇଥିଲେ ସେତେବେଳେ ମଧ୍ୟ କେହି ବିଶ୍ୱାସ କରି ପାରି ନଥିଲେ। ଆଉ ତା ପରେ ଚଉଦବର୍ଷ ବଣରେ କାଟି ଆସିଲା ପରେ ପୁନଃ ବନ ଗମନ ମଧ୍ୟ ତା ଠାରୁ ଅଧିକ ଦୁଃଖ ଦେଇଥିଲା। କିନ୍ତୁ ଆଜି ଏସବୁ କଣ ହୋଇଗଲା...!! ସତରେ କଣ ତାଙ୍କ ପ୍ରାଣର ସମ୍ପଦ ସୀତା ଆଉ ନାହିଁ...!! ଏକଥା ବୁଝିବା ବୁଝେଇବା ହୁଏତ ସ୍ୱୟଂ ସମୟ ପାଖରେ ମଧ୍ୟ ଅସମ୍ଭବ ଥିଲା।(କ୍ରମଶଃ)

♥ ଭୁବନେଶ୍ୱର,
ମୋ: ୯୪୩୮୪୭୦୮୦୭

ଗୋଟେ କବିତା ବହିର ଆଲୋଚନା

# କବି ଶୈଳବାଳା ମହାପାତ୍ରଙ୍କ "ଛୋଟ ଛୋଟ କଥାରେ ଈଶ୍ୱର"

## ସୈରିନ୍ଧ୍ରୀ ସାହୁ



"ଛୋଟ ଛୋଟ କଥାରେ ହିଁ ତିଆରି ହୁଏ ବଡ଼ କାହାଣୀ, ହୁଏତ ମହାକାବ୍ୟ, ଯେମିତି ବିନ୍ଦୁ ବିନ୍ଦୁ ଜଳକଣାରୁ ତିଆରି ହୁଏ ସିନ୍ଧୁ । ଜୀବନଟିଏ ବି ସେମିତି ତିଆରି ହୁଏ, ତିଆରି ହୁଏ ସମ୍ପର୍କ- ଛୋଟ ଛୋଟ ରାଗ ଅନୁରାଗ, ସୁଖ ଦୁଃଖ, ହତାଶା ଆର୍ତ୍ତି ଆଉ ଆଗ୍ରହ ଗୁଡ଼ିକୁ ନେଇ । ମହାବିଶ୍ୱର ରୂପକାର ଈଶ୍ୱର ବି କେଉଁଠି ନା କେଉଁଠି, କେବେନା କେବେ ଛୋଟ ଛୋଟ କଥାରେ ଲୁଚେଇ ରଖିଥାନ୍ତି ତାଙ୍କ ବକ୍ତବ୍ୟ ଅବା ତାଙ୍କ ମୁହଁ । ସବୁକିଛି ସେହି ଅନୁଭବର କଥା, ସବୁକିଛି ସେହି ଦୃଷ୍ଟି ଓ ଦର୍ଶନର କଥା ।+++"

ପ୍ରକାଶକ ବନୋଜ ତ୍ରିପାଠୀଙ୍କ ଶେଷ ପୃଷ୍ଠାର ବକ୍ତବ୍ୟ ହିଁ ଶୈଳବାଳା ମହାପାତ୍ରଙ୍କ କବିତା ପୁସ୍ତକ 'ଛୋଟ ଛୋଟ କଥାରେ ଈଶ୍ୱର'ର ନିଷ୍କର୍ଷ; ଯାହା ପୁସ୍ତକଟିକୁ ଆରମ୍ଭରୁ ଶେଷ ଯାଏ ପଢେଇ ନେବାର ଆଗ୍ରହ ତିଆରି କରିବାରେ ଏକ ଅଂଶ ।

କବିତା ହେଉଛି କବି ହୃଦୟ ତଳର ମୁଗ୍ଧ ଅନୁଭବ, ଯାହା ପାଖୁଡ଼ା ପରେ ପାଖୁଡ଼ା ମେଲି ବୁଣି ଚାଲିଥାଏ ନିଜର ସୁଗନ୍ଧ । କବି ବିନ୍ଦୁରୁ ତିଆରେ ସିନ୍ଧୁ ଏବଂ ସିନ୍ଧୁକୁ କାନିରେ ଗଣ୍ଠି କରି ଓହଳେଇ ପାରେ କାନିରେ । ସେମିତି ଏକ କବିତା ପୁସ୍ତକ, 'ଛୋଟ ଛୋଟ କଥାରେ ଈଶ୍ୱର' ଯେଉଁଥିରେ କବି ଶୈଳବାଳା ମହାପାତ୍ର ନିଜର ଛୋଟଛୋଟ ଅନୁଭବକୁ ସଜେଇଛନ୍ତି ଧାଡ଼ି ଧାଡ଼ି କରି । କବିତାମାନଙ୍କରେ ଦୃଶ୍ୟମାନ ହୁଏ ସେଇମିତି ଛୋଟ ଛୋଟ କଥା, ଯୋଉଥିରେ ଈଶ୍ୱର ଆବିର୍ଭାବ ହୋଇ ଠିଆ ହୋଇଯାନ୍ତି ପାଠକଙ୍କ ବନ୍ଦ ଆଖିର ପତାତଳେ ।

କବି ଆରମ୍ଭିଛନ୍ତି ଏମିତି ଗୋଟେ ପ୍ରଶ୍ନରେ କବିତା-

ପାହାଡ଼ର ଜାତି କଣ
କୋଉ ଧର୍ମରେ ପାଳିତ ହୁଅନ୍ତି ପକ୍ଷୀମାନେ
ଗଛମାନେ ବଢ଼ନ୍ତି କୋଉ ସଂପ୍ରଦାୟରେ ।
(ପୃଷ୍ଠା-୧୩)

\+ + + +

ପବନର କି ଯାଏ
ନାଁ ସବୁ ଉଡ଼ି ଉଡ଼ି ସମୁଦ୍ରେ ପଡ଼ିଲେ
କିମ୍ୱା ବଦନାମ ବାୟାବସା ହେଇ
ଗଛ ଡାଳେ ଲଟ୍‌କି ରହିଲେ !
(ଶେଷ ଦୃଶ୍ୟ)

\+ + + +

ଏବେ ଗାଁ କଥା ଭାରି ମନେପଡ଼େ ।
ମନେ ପଡ଼ିଲେ ଇ ଦିଶିଯାଏ
ପୁରୁଣା ପଥର ପାହାଚ
ଗୋଟେ ଅଧା ଭଂଗା ପିଣ୍ଡା
ମାଟିକାନ୍ଥର ଗୋଟେ ଦରଆଉଜା ଘର ।
(ଗାଁ ଘର)

\+ + + +

ସେମାନେ ପାରିବେନି ବୁଝି
ପୁରୀ ଜେଜେ ଏବେ
ଦଳେଇ ତୋଟାର ସମାଧି ! (ଗାଁ କଥା)

\+ + + +

କୋଉ ଅନାଦି କାଳରୁ କବିମାନେ ତାଙ୍କ କବିତା ମାନଙ୍କରେ ଈଶ୍ୱରଙ୍କୁ ଭଣିତା କରିବା ପରମ୍ପରା ରହି ଆସିଥିବା ବେଳେ କବି ଶୈଳବାଳା ଈଶ୍ୱରଙ୍କୁ ଭେଟିଛନ୍ତି ଛୋଟଛୋଟ କଥାରେ, ବେଶ୍ କୂଟୀକମର ରୂପ ଦେଇ।

ଜୀବନ ଜିଇବାର ପ୍ରତି ପଦପାତରେ ସେ ଭେଟିଛନ୍ତି ଈଶ୍ୱରଙ୍କୁ । ଈଶ୍ୱର କେବେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧରି ଉଭା ହୋଇନଥାନ୍ତି କାହା ଆଗରେ ବରଂ କାହାରି ନିର୍ମଳ କଥାରେ, କାହାର ସମବେଦନାରେ, କାହାର ଆନ୍ତରିକତାରେ, କାହାର ସାହାଯ୍ୟ କରିବା ଭିତରେ ଲମ୍ବି ଆସେ ଯେଉଁ ହାତ ତାହା ଅଦେଖା ଈଶ୍ୱରଙ୍କର, ପବନ ପରି ଆଉଁସି ଦିଏ ଯେଉଁ ଶବ୍ଦ ତାହା ଈଶ୍ୱରଙ୍କର ବାଣୀ ହିଁ ।

ଏଇମିତି ତାଙ୍କ କବିତାର ଧାଡି -

'ଘର ଫେରୁଥିଲି
ନୂଆଁଣିଆ ଚାଳଟିଏ ଦେଖି ଅଟକିଲି
ପଚାରିଲି ପାଣି ମୁନ୍ଦେ....
କଥା ନ ସରୁଣୁ ସ୍ତ୍ରୀ ଲୋକଟିଏ
ଖୋଜ କାଢ଼ିଲା ବେଳକୁ କହିଲା-
ଏଡ଼େ ଖରାରେ ଯିବ କେମିତି
ବସି ପଡୁନ ଟିକେ !'
ଯମୁନା ବହୁଥିଲା /ସେଇଠି କୋଉଠି ।
(ଛୋଟ ଛୋଟ କଥରେ ଈଶ୍ୱର)

ହଁ ଈଶ୍ୱର ଥାଆନ୍ତି ଏମିତି ଅନୁଭବରେ, ଏମିତି ବିଶ୍ୱାସରେ ।

"ଖିଏ ସୂତାରେ ବଂଧା ପଡ଼ିଥାଏ ଭରସା
ଛପର ଉଡ଼ା ଚାଳର ଉଷ୍ମତା
ବର୍ଷା ଓଦା ମାଟିର ମହକ
ସୂକ୍ଷ୍ମ ଅନୁଭବର ନିରବ ଫାଲ୍‌ଗୁନ ।"
(ସେଇ ଭରସା ଟିକକ)

କବି ଶୈଳବାଳା ମହାପାତ୍ରଙ୍କ କଲମ ସବୁ କବିତାରେ ମାଖି ଦେଇଛି ଅନୁଭବର ଗାଢ଼ ରଂଗ। ଚିରକାଳ ସ୍ରଷ୍ଟାଟିଏ ତାର ବିଚାରଧାରାକୁ ସ୍ଥାନିତ କରିଥାଏ ତା' ଲେଖାରେ, ଯାହା ସୃଷ୍ଟିକୁ ଜୀବନ୍ମୟ କରେ ଏବଂ କବିକୁ କରେ କାଳଜୟୀ। ତେପନଟି ଭାବମୟ କବିତାର ସମାହାରରେ ପୁସ୍ତକଟି ବେଶ୍ ପରିପୂର୍ଣ୍ଣ । 'ପାହାଡ଼ର ଜାତି କ'ଣ ?' 'ଶେଷ ଦୃଶ୍ୟ', 'ଅତିବେଶି ଯା' ମନେ ପଡ଼େ', 'ଗାଁ ଘର', 'ରାତି ଆଉ ଅଳ୍ପ ବାକି', 'ଗାଁ କଥା', 'ବସନ୍ତ', 'କଣ ପଚାରିଦେଲି ଯେ' ଠାରୁ ଆରମ୍ଭ କରି 'ଯାଦୁକର', 'ମେଘରେ ମେଘରେ', 'ମୋହ', 'ଲୁହ', 'କାନ୍ଥ', 'ପରିଚୟ', 'ଅନ୍ୱୟ', 'ବିଶ୍ୱାସ', 'ସେଦିନୁ ବସିଚି ସମୁଦ୍ରକୁ ମୁହଁକରି' ଆଦି ଚମତ୍କାର ଶୀର୍ଷକ ନେଇ ବିନା କୌଣସି ଶବ୍ଦର ଭାରିପଣରେ କବିତା ଗୁଡ଼ିକ ଲାଗୁଛନ୍ତି ବେଶ୍ ମୁଲାୟମ।

ଓଡ଼ିଆ କବିତାକୁ ଏକ ମନୋଜ୍ଞ, ଭାବ ଓ




ଅର୍ଥପୂର୍ଣ୍ଣ ଦିଗ ଦେଖେଇ ଚାଲିଥିବା ଶୈଳବାଳା ମହାପାତ୍ର ଜଣେ ସଫଳ କବି । କବିତାମାନଙ୍କ ଭିତରେ କବିଙ୍କ ଛଳଛଳ ହୃଦୟ ହିଁ କଥା କହେ । ସେ ନିଜ ଚେତନାରେ ଭାବ ଓ ଶବ୍ଦକୁ ନେଇ ଚିତ୍ର ଆଙ୍କିଲା ବେଳେ ମନେହୁଏ ସେ ଜଣେ ସନ୍ଥ ଆତ୍ମା । ତାଙ୍କ ଅକପଟ ଉଚ୍ଚାରଣ ଓ ସରଳ ଶବ୍ଦ ବିନ୍ୟାସ ହିଁ ତାଙ୍କର ନିଆରା ପଣ । ତାଙ୍କ କବିତାର ଉତ୍ତୀର୍ଣ୍ଣ ଭାବବୋଧ ତାଙ୍କୁ ଦେଇଛି ସ୍ୱତନ୍ତ୍ର ପରିଚୟ । ଈଶ୍ୱରଙ୍କର ସର୍ବତ୍ର ଉପସ୍ଥିତି ହିଁ ତାଙ୍କର ଅନୁପମ ଉପଲବ୍ଧି । ଅନ୍ୱେଷାର ଆକାଶରେ ଭାସି ବୁଲୁଥିବା ଭରସାର ଭସାମେଘ ଯେବେ ବାରିବିନ୍ଦୁ ହୋଇ ମାଟିଛୁଏଁ, ସେତେବେଳେ ହିଁ ଅଗଣାରେ ଉଭା ହୋଇଯାନ୍ତି ଈଶ୍ୱର, କେବେ ଆଲୋକର ସୋରାଏ ଧାରା ଭିତରେ ତ କେବେ ଓଦା ମାଟିର ଗନ୍ଧ ଭିତରେ ।

'ବାପା, ବୋଉ ଓ ଗାଆଁକୁ... ଯାହା ପାଇଁ ମୁଁ କବି' ବୋଲି ଉତ୍ସର୍ଗ ପୃଷ୍ଠାରେ ସ୍ୱୀକାରୋକ୍ତି ରଖିଥିବା କବି ଶୈଳବାଳାଙ୍କ ପୁସ୍ତକରେ ମୁଦ୍ରଣ ଅତ୍ୟନ୍ତ ପରିଚ୍ଛନ୍ନ ଓ ନିର୍ଭୁଲ । ୧୦୮ ପୃଷ୍ଠାର ଏହି ପୁସ୍ତକଟି ନିଶ୍ଚୟ ପାଠକଙ୍କ ମନକୁ ଛୁଇଁବ, ଏହା ନିଃସନ୍ଦେହ ।

♥ ଜେଲରୋଡ, ବାଲେଶ୍ୱର-୧

# ନିଆଁ ପେଟରେ ଜଙ୍ଗଲ

## ବିଭୁତି ଭୂଷଣ ସାହୁ



ବନ ସୁରକ୍ଷା ଓ ସବୁଜ ବଳୟ ସୃଷ୍ଟିରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ। ଗତ ଦୁଇ ବର୍ଷରେ ରାଜ୍ୟରେ ୫୫୮ ବର୍ଗକି.ମି. ବନ ଓ ବୃକ୍ଷ ଅବରଣ ବଢ଼ିଛି କିନ୍ତୁ ଉଦବେଗ ଜନକ ଭାବେ ଓଡ଼ିଶାରେ ମନୁଷ୍ୟକୃତ ବନାଗ୍ନି ବଢୁଛି। ନିକଟକରେ ରାଜ୍ୟ ମୁଖ୍ୟମନ୍ତ୍ରୀ ଯିଏ ନିଆଁ ଲଗାଉଛି ତାଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉ କି ବର୍ତ୍ତମାନରାଜ୍ୟର ଭୂମିକ୍ଷେତ୍ରର ୭୩.୬୩ ପ୍ରତିଶତ, ଅର୍ଥାତ ୫୯୭ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣରେ ପରିପୂର୍ଣ୍ଣ। ଗତ ବର୍ଷ ଓଡ଼ିଶାରେ ୮କୋଟି ବୃକ୍ଷ ରୋପଣ ହୋଇଥିଲା। ଏହା ନିଃସନ୍ଦେହ ଜଙ୍ଗଲ ସମ୍ପଦକୁ ଉଚିତ ବିନିଯୋଗ କଲେ ରାଜ୍ୟର ଅର୍ଥନୀତି ସମୃଦ୍ଧ ହେବ। ଗତ ବର୍ଷ ପ୍ରାୟ ୨୯ ହଜାର ହେକ୍ଟର ଜମିରେ ନିଆଁ ଲାଗିଥିଲା। ଦିନୁକ ଦିନ ରାଜ୍ୟରେ ଉଦବେଗଜନକ ଭାବରେ ଜଙ୍ଗଲ ନିଆଁ ଅନେକ କ୍ଷତି କରୁଛି। ନିକଟରେ ଦକ୍ଷିଣ ଓଡ଼ିଶାର ରାୟଗଡ଼ା ଓ କୋରାପୁଟ ଜିଲ୍ଲାରେ ଭୟଙ୍କର ଭାବେ ଜଙ୍ଗଲ ସହିତ ଏକ ପ୍ରକାର ପାହାଡ଼ ମଧ୍ୟ ଜଳୁଛି।

ଗତବର୍ଷ ପୃଥିବୀର ଫୁସ୍‌ଫୁସ୍ କୁହାଯାଉଥିବା ଆମାଜାନ ଜଙ୍ଗଲରେ ଭୟାବହ ଅଗ୍ନିକାଣ୍ଡ ଘଟି ସମଗ୍ର ବିଶ୍ୱବାସୀଙ୍କୁ ବିଚଳିତ ଓ ଚକିତ କରିଦେଇଥିଲା। ଜଙ୍ଗଲକୁ ଆମେ ପ୍ରାକୃତିକ ସମ୍ପଦ ହିସାବରେ ଗ୍ରହଣ କରିଥିବା କାରଣରୁ ସେଠି ବିପଦ ରହିବା ସ୍ୱାଭାବିକ । କିନ୍ତୁ ସେହି ବିପଦ ଯେତେ ପ୍ରକୃତିଦତ୍ତ ନୁହେଁ ତା'ଠାରୁ ଅଧିକ ମନୁଷ୍ୟ ଦ୍ୱାରା ସୃଷ୍ଟି କରାଯାଉଛି । ମଣିଷ ବିଭିନ୍ନ ମାର୍ଗରେ ପାରିବେଶିକ ସନ୍ତୁଳନକୁ ପ୍ରଦୂଷଣ କରିଆରେ ନଷ୍ଟ କରି ଚାଲିଥିବାବେଳେ ବନାଗ୍ନିର କାରଣ ସାଜି ଜଙ୍ଗଲ ସମ୍ପଦକୁ ନଷ୍ଟକରି ଜଳବାୟୁର ସ୍ୱାଭାବିକତାରେ ବିଭ୍ରାଟ ସୃଷ୍ଟି କରିଚାଲିଛି, ଯାହାକି ଜୀବଜଗତ ପାଇଁ ଧ୍ୱଂସର ପରିସ୍ଥିତିକୁ ଆମନ୍ତ୍ରଣ କରୁଛି । ଆମ ଦେଶ ଭାରତ । ବିଶ୍ୱର ଅନ୍ୟତମ ଜୈବ ବିବିଧତାର ପରିପୂର୍ଣ୍ଣ ଏହି ରାଷ୍ଟ୍ରର ୬୩.୭ ନିୟୁତ ହେକ୍ଟର ଅଞ୍ଚଳ ଜଙ୍ଗଲ ପରିପୂର୍ଣ୍ଣ। ଅର୍ଥାତ୍ ଦେଶର ମୋଟ ଭୌଗୋଳିକ ଅଞ୍ଚଳ ମଧ୍ୟରୁ ୧୯.୩୯ ପ୍ରତିଶତ ଜଙ୍ଗଲ । ଏଥିରୁ ୧୧.୪୮ ପ୍ରତିଶତ ଘଞ୍ଚ ଜଙ୍ଗଲ । ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆର ତଥ୍ୟ ଅନୁଯାୟୀ ଦେଶରେ ରହିଥିବା ଏହି ଜଙ୍ଗଲ ଅଞ୍ଚଳର ୫୩ ପ୍ରତିଶତ ବନାଗ୍ନିପ୍ରବଣ । ତନ୍ମଧ୍ୟରୁ ପ୍ରାୟ ୯ ପ୍ରତିଶତ ଜଙ୍ଗଲରେ ନିୟମିତ ବ୍ୟବଧାନରେ ନିଆଁ ଲାଗିଥାଏ । ଅବଶିଷ୍ଟ ଜଙ୍ଗଲରେ କେବେ କେମିତି ନିଆଁ ଲାଗିବାର ଦେଖାଯାଏ । ହେକ୍ଟର ହିସାବ ଦେଖିଲେ ଦେଶରେ ୩.୭୩ ନିୟୁତ ହେକ୍ଟର ଜଙ୍ଗଲରେ ନିୟମିତ ନିଆଁ ଲାଗିଥାଏ । ଏହି ବନାଗ୍ନି ଫଳରେ ଦେଶରେ ପ୍ରତିବର୍ଷ ପ୍ରାୟ ୪୪୦ କୋଟି ଟଙ୍କାର କ୍ଷୟକ୍ଷତି ଘଟିଥାଏ ବୋଲି ଏକ ଆକଳନରୁ ଜଣାପଡ଼ିଛି । ବନାଗ୍ନି ଫଳରେ ଜଙ୍ଗଲରେ ଜଳିପୋଡ଼ି ନଷ୍ଟ ହୋଇଯାଉଥିବା ଗଛବୃକ୍ଷକୁ ନେଇ ଏହି କ୍ଷତିର ପରିମାଣ ହିସାବ କରାଯାଇଛି । ତେବେ ବନାଗ୍ନି ଫଳରେ ଯେଉଁ ଜୈବ ବିବିଧତା ନଷ୍ଟ ହେଉଛି ପରିଶେଷରେ ଅଙ୍ଗାରକାମ୍ଳ ଶୋଷଣର କ୍ଷମତା କମୁଛି, ମୃତ୍ତିକା କ୍ଷୟ ସାଙ୍ଗକୁ ମୃତ୍ତିକାର ଉର୍ବରତା ହ୍ରାସ ପାଉଛି, ତାହା ସବୁ ହିସାବକୁ ନେଲେ କ୍ଷତିର ପରିମାଣ ଯାହା ହେବ ତାହା ଅକଳ୍ପନୀୟ । କାରଣ ଏହାଦ୍ୱାରା ଜଳବାୟୁରେ ବିଭ୍ରାଟ ଦେଖାଦେବା ସାଙ୍ଗକୁ ପରିବେଶ ଅସୁରକ୍ଷିତ ହୋଇପଡୁଛି ଯାହାକୁ କୌଣସି ମୂଲ୍ୟରେ ତଉଲିବା ଅସମ୍ଭବ।

ପ୍ରଶ୍ନ ଉଠେ ଜଙ୍ଗଲରେ ନିଆଁ କାହିଁକି ଲାଗେ, କେମିତି ଲାଗେ ଓ କିଏ ଲଗାଏ ? ଏହି ପ୍ରଶ୍ନର ଦୁଇଟି ଉତ୍ତର । ପ୍ରଥମତଃ ପ୍ରାକୃତିକ କାରଣରୁ ଜଙ୍ଗଲରେ ନିଆଁ ଲାଗେ, ଦ୍ୱିତୀୟତଃ ମଣିଷ ନିଜର ସ୍ୱାର୍ଥ ପାଇଁ ପୁଣି ଉଦ୍ଦେଶ୍ୟହୀନ ଭାବେ ଜଙ୍ଗଲ ପୋଡ଼ିଥାଏ । ଜଙ୍ଗଲ ଉପରେ ଯେଉଁମାନେ ଗବେଷଣା କରୁଛନ୍ତି ସେମାନଙ୍କର ମତ ହେଉଛି ପ୍ରାକୃତିକ ବା ପରିବେଶଗତ କାରଣରୁ ଜଙ୍ଗଲରେ ନିଆଁ ଲାଗିବା ଘଟଣା ବହୁତ କମ୍ । ପବନର ବେଗ, ଜଳବାୟୁର ଆର୍ଦ୍ରତା ଉପରେ ନିର୍ଭର କରେ ପ୍ରାକୃତିକ ବନାଗ୍ନି । ଏପରିକି ଏଇନିନୋର ପ୍ରଭାବ ମଧ୍ୟ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟାଇପାରେ । ଜଳବାୟୁ ବିଶେଷଜ୍ଞ ଓ ପରିବେଶବିତ୍‌ମାନେ ମଧ୍ୟ ଏହି ମତ ରଖନ୍ତି । ବାୟୁମଣ୍ଡଳରେ ଉତ୍ତାପର ମାତ୍ରାବୃଦ୍ଧି ଯଦିଓ ଜଙ୍ଗଲରେ ନିଆଁ ଲାଗିବାର ପ୍ରତ୍ୟକ୍ଷ କାରଣ ନୁହେଁ, ମାତ୍ର ଏହାଦ୍ୱାରା ଶୁଖିଯାଉଥିବା ଗଛବୃକ୍ଷ, ବୃଦ୍ଧି ପାଉଥିବା ପବନର ବେଗ ସାମାନ୍ୟ ନିଆଁକୁ ଜଙ୍ଗଲବ୍ୟାପୀ କରାଇ ଦେଇଥାଏ । ପବନର ଦୀବ୍ର ଗତି ଯୋଗୁ ଡାଳ, ବାଉଁଶରେ ବାଉଁଶ ଘସି ହୋଇ ନିଆଁ ସୃଷ୍ଟି ହୋଇଥାଏ । ବେଳେବେଳେ ପାହାଡ଼, ପର୍ବତରୁ ତଳକୁ ଗଡ଼ିଆସୁଥିବା ପଥର ଖଣ୍ଡ ଅନ୍ୟ ପଥର ସହ ସଂଘର୍ଷରେ ଅଗ୍ନି ଉତ୍ପନ୍ନ କରାଯାଇଥାଏ ଓ ଏହି ନିଆଁ ଶୁଷ୍କ କାଠ ଓ ପତ୍ର ସଂସ୍ପର୍ଶରେ ଆସି ଜଙ୍ଗଲରେ ନିଆଁ ଲାଗିଯାଇଥାଏ । ଜଙ୍ଗଲରେ ନିଆଁ ଲାଗିବା ଫଳରେ କେବଳ ମୂଲ୍ୟବାନ ଗଛ ଜଳିପୋଡ଼ି ନଷ୍ଟ ହୁଏ ନାହିଁ, ଏହାଦ୍ୱାରା ପ୍ରଭୂତ କ୍ଷତିଘଟେ । ଜଳ ଅବବାହିକା କ୍ଷେତ୍ର ଉଜୁଡ଼ି ଯାଏ। ଜୈବ ବିବିଧତା ନଷ୍ଟ ହେବା ସହ ବନ୍ୟଜନ୍ତୁ ଓ ବୃକ୍ଷଲତାଗୁଡ଼ିକର ବିଲୋପ ଘଟେ, ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ଉଜୁଡ଼ିଯାଏ । ସେମାନଙ୍କ ବଂଶ ବୃଦ୍ଧି ସୀମିତ ହୋଇଯାଏ । ଅନେକ ଜୀବଜନ୍ତୁଙ୍କର ପ୍ରାଣହାନୀ କାରଣରୁ ସେମାନଙ୍କ ସଂଖ୍ୟା ହ୍ରାସ ପାଏ। ଗଛ ଧ୍ୱଂସ ପାଉଥିବା ଯୋଗୁଁ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶ୍ଲେଷଣରେ ବ୍ୟାଘାତ ଘଟେ । ଫଳରେ ପରିବେଶରେ ଅଙ୍ଗାରକାମ୍ଳର ମାତ୍ରା ବୃଦ୍ଧି ଘଟେ। ଜଙ୍ଗଲ ସମ୍ପଦ ହ୍ରାସଯୋଗୁଁ ବର୍ଷାର ପରିମାଣ ହ୍ରାସ ପାଏ । ଜଙ୍ଗଲ ଉପରେ ନିର୍ଭରଶୀଳ ବନବାସୀମାନଙ୍କର ଜୀବନଜୀବିକା ବିପନ୍ନ ହୁଏ। ଆବାସସ୍ଥଳୀ ଉଜୁଡ଼ିଯିବା କାରଣରୁ ଓ ଜଙ୍ଗଲରେ ମିଳୁଥିବା ଖାଦ୍ୟ ଦୁଷ୍ପ୍ରାପ୍ୟ ହେବାରୁ ବନ୍ୟଜନ୍ତୁମାନେ ଜନପଥକୁ ମାଡ଼ିଆସିବା ଫଳରେ ପଶୁ ମଣିଷ ବିବାଦ ବୃଦ୍ଧି ପାଏ । ଗତ କେତେବର୍ଷ ଧରି ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳିଲାଣି । ଜଙ୍ଗଲ ନିଆଁକୁ ରୋକିବା ପାଇଁ ସରକାର ଆଇନ ପ୍ରଣୟନ କରିଛନ୍ତି। ମାତ୍ର ଏହି ଆଇନକୁ କଡ଼ାକଡ଼ି ଭାବେ ପାଳନ କରାଯାଉନାହିଁ ।

ଜାତୀୟ ଜଙ୍ଗଲ ନୀତି ୧୯୮୮ରେ ଜଙ୍ଗଲ ନିଆଁ ସମ୍ପର୍କରେ ଉଲ୍ଲେଖ ରହିଛି । ଅତ୍ୟାଧୁନିକ ଜ୍ଞାନକୌଶଳ ଓ ପରିଚାଳନା ପଦ୍ଧତି ଅନୁସରଣ କରି ଜଙ୍ଗଲ ନିଆଁକୁ ରୋକିବା ସକାଶେ ଏଥିରେ କୁହାଯାଇଛି । ଭାରତୀୟ ଜଙ୍ଗଲ ଆଇନରେ ଜଙ୍ଗଲରେ ନିଆଁ ଲଗାଇବା ଏକ ଗର୍ହିତ ତଥା ଦଣ୍ଡନୀୟ ଅପରାଧ ବୋଲି କୁହାଯାଇଛି । ଭାରତ ସରକାର ମଧ୍ୟ ୨୦୦୦ ମସିହାରେ ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ କେତେକ ନୀତି ନିୟମ ପ୍ରଣୟନ କରିଛନ୍ତି । ଏଥିରେ ଜଙ୍ଗଲ ଉପରେ ନିର୍ଭରଶୀଳ ସ୍ଥାନୀୟ ଲୋକଙ୍କୁ ଜଙ୍ଗଲ ନିଆଁ ରୋକିବା ପାଇଁ ସାମିଲ କରିବାକୁ ବ୍ୟବସ୍ଥା ରହିଛି। ଜଙ୍ଗଲ ପୋଡ଼ି ରୋକିବାକୁ ଓଡ଼ିଶା ଜଙ୍ଗଲ ଅଧିନିୟମ ୧୯୭୯ ବିଶେଷ ଭାବେ ପ୍ରସ୍ତୁତ ହୋଇଛି । ଏଥିରେ ସଂରକ୍ଷିତ ଓ ଖୋଲା ଜଙ୍ଗଲରେ ନିଆଁ ଲଗାଇବାକୁ ସମ୍ପୂର୍ଣ୍ଣ ନିଷେଧ କରାଯିବା ସହ ଜଙ୍ଗଲ ପାଖରେ ନିଆଁର ବ୍ୟବହାର ଉପରେ ମଧ୍ୟ କଟକଣା ଜାରି କରାଯାଇଛି । ଓଡ଼ିଶା ଜଙ୍ଗଲ (ସଂଶୋଧନ) ଆଇନ ୨୦୦୧ର ୨୭ ଧାରାର ଉପଧାରା (କ)୧ରେ ଜଙ୍ଗଲରେ ନିଆଁ ଲଗାଇବା ଓ ଜଳନ୍ତା ନିଆଁକୁ ଛାଡ଼ି ଆସିବା ଭଳି କାର୍ଯ୍ୟ କଲେ ଜେଲ ଓ ଜରିମାନାର ବ୍ୟବସ୍ଥା ମଧ୍ୟ ରହିଛି । ଗ୍ରାମଗୋଷ୍ଠୀମାନଙ୍କୁ ନିଜସ୍ୱ ଜ୍ଞାନକୌଶଳରେ ନିଆଁ ଲିଭାଇବାକୁ ଉଦ୍ୟମ କରିବା, ଗ୍ରାମରେ ଆଇନ କରି ଜଙ୍ଗଲ ନିଆଁ ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରିବା, ଶିକାର, ଲଘୁବନଜାତ ଦ୍ରବ୍ୟ ସଂଗ୍ରହ, ଫସଲ ସୁରକ୍ଷା, ପୋଡୁଚାଷ ପାଇଁ ନିଆଁର ବ୍ୟବହାରକୁ ନିଷିଦ୍ଧ କରିବା ସକାଶେ କ୍ଷମତା ପ୍ରଦାନ କରାଯାଇଥିଲେ ମଧ୍ୟ କିଛି ହେଉନାହିଁ ।

ଜଙ୍ଗଲ ନିଆଁ, ଜଙ୍ଗଲ ସମ୍ପଦର ଅବକ୍ଷୟ



ଯେ ଏହାର କାରଣ ତାହା ସାଧାରଣ ମଣିଷ ହେଜି ପାରୁନାହିଁ । ଜଙ୍ଗଲ ସମ୍ପଦ ନଷ୍ଟ କାରଣରୁ ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ବର୍ଷକୁ ବର୍ଷ ବୃଦ୍ଧି ପାଉଥିବା ସମ୍ଭବତଃ ସାଧାରଣ ମଣିଷର ଜ୍ଞାନ ପରିସରକୁ ଆସୁନାହିଁ । କେବଳ ଭାରତରେ ନୁହେଁ, ଭୟାବହ ଜଙ୍ଗଲ ନିଆଁ ଆମେରିକା, କାନାଡ଼ା, ସୁଇଜରଲ୍ୟାଣ୍ଡ, ଜାପାନ ଭଳି ଉନ୍ନତ ରାଷ୍ଟ୍ରରେ ମଧ୍ୟ ଦେଖିବାକୁ ମିଳୁଛି । ଏସବୁ ରାଷ୍ଟ୍ରରେ ଲାଗୁଥିବା ଜଙ୍ଗଲ ନିଆଁ ଏକାଧିକ ଦିନ ପର୍ଯ୍ୟନ୍ତ ନିର୍ବାପିତ ହୋଇପାରୁନାହିଁ । ତେବେ ଏହାକୁ ନିର୍ବାପିତ କରିବା ପାଇଁ ସେ ସବୁ ଦେଶରେ ଯେଉଁଭଳି ଅତ୍ୟାଧୁନିକ ସାଧନର ବ୍ୟବସ୍ଥା ରହିଛି ଆମ ଦେଶରେ ସେଭଳି ପଦକ୍ଷେପ ଗ୍ରହଣ କରାଯାଇ ପାରିନାହିଁ । ଜଙ୍ଗଲରେ କେଉଁଠି ନିଆଁ ଲାଗୁଛି ତାହା ଉପରେ ନଜର ରଖିବା ପାଇଁ ବିଦେଶୀ ରାଷ୍ଟ୍ରଗୁଡ଼ିକରେ ଜଙ୍ଗଲ ଭିତରେ ନିରୀକ୍ଷଣ ମଞ୍ଚ ପ୍ରସ୍ତୁତ କରାଯାଇ ଦୂରବିକ୍ଷଣ ଯନ୍ତ୍ର ସାହାଯ୍ୟ ନେଇ ନିୟମିତ ପହରାର ବ୍ୟବସ୍ଥା ହୋଇଛି । ନିରୀକ୍ଷଣ ମଞ୍ଚରେ ଦିଗ ନିର୍ଣ୍ଣାୟକ ଯନ୍ତ୍ର ମଧ୍ୟ ଲଗାଯାଇଛି, ଯାହାଫଳରେ ଜଙ୍ଗଲ ଉପରେ ସଠିକ୍ ନଜର ରଖାଯାଇପାରୁଛି । ଅଗ୍ନି ନିର୍ବାପନ ପାଇଁ ହେଲିକେପ୍ଟର ବ୍ୟବସ୍ଥା ମଧ୍ୟ ରହିଛି । ନିଆଁ ଲାଗିଥିବା ଜଙ୍ଗଲ ଉପରେ ବାଲିବର୍ଷା, ଫୋମ ଓ ଅଗ୍ନି ନିର୍ବାପନ ଗ୍ୟାସର ପ୍ରୟୋଗ, କୃତ୍ରିମ ବର୍ଷା ଆଦି କରାଇବାର ବ୍ୟବସ୍ଥା କରାଯାଇଛି। ମାତ୍ର ସେହି ତୁଳନାରେ ଆମ ଦେଶର କୌଣସି ଅତ୍ୟାଧୁନିକ ସାଧନର ବ୍ୟବସ୍ଥା ନାହିଁ । କେବଳ ଫାୟାର ଲାଇନ ଓ ପରିଖା ପ୍ରଭୃତି ପାରମ୍ପରିକ ବ୍ୟବସ୍ଥାକୁ ନେଇ ଆମେ ବାନଗ୍ନିକୁ ଶାନ୍ତ କରିବା ପାଇଁ ଉଦ୍ୟମ କରୁଛୁ, ଯାହାଫଳରେ ବିଦେଶରେ ଭୟାବହ ବନାଗ୍ନି ଯେତିକି ଜଙ୍ଗଲ ନଷ୍ଟ ନକରୁଛି ଆମ ଦେଶରେ ଛୋଟ ଛୋଟ ଜଙ୍ଗଲ ନିଆଁ ଅଧିକ ଜଙ୍ଗଲ ଧ୍ୱଂସର କାରଣ ହେଉଛି ।

♥ ଗୋତରା, ମାହାଙ୍ଗା, କଟକ,
ମୋ : ୯୪୩୭୧୪୨୭୧୭

# ‘ଜାତୀୟ ମୁକ୍ତ ବିଦ୍ୟାଳୟର ଭୂମିକା’ ଆଲୋଚନାଚକ୍ର ଅନୁଷ୍ଠିତ

ଉଦଳା, ୧୮/୪ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ଶିକ୍ଷା ବିଭାଗ ତରଫରୁ ‘ଜାତୀୟ ମୁକ୍ତ ବିଦ୍ୟାଳୟର ଭୂମିକା’ ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ମଂଜୁଳା କଲିଆ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଲୋଚନାଚକ୍ରକୁ ଉଦ୍ ?ଘାଟନ କରି ଶିକ୍ଷା ବିଭାଗର ଏଭଳି ଏକ ବ୍ୟବସ୍ଥା ସମ୍ପର୍କରେ ସମସ୍ତେ ଅବଗତ ହେବା ଉଚିତ ବୋଲି ବ୍ୟକ୍ତ କରିଥିଲେ । ଖୁଂଟା ମହାବିଦ୍ୟାଳୟର ଅଧାପକ ରଂଜନ କୁମାର ମହାପାତ୍ର ଅତିଥି ଭାବରେ ଯୋଗ ଦେଇ ପ୍ରଚାର ପ୍ରସାର ଅଭାବରୁ ମୁକ୍ତ ବିଦ୍ୟାଳୟ ସମ୍ପର୍କରେ ଲୋକେ ଜାଣିପାରୁ ନାହାଁନ୍ତି ଓ ଏହାର ଫାଇଦା ଉଠାଇପାରୁ ନାହାଁନ୍ତି ବୋଲି କହିଥିଲେ । ଅଧାପିକା ମେରିନା ପଣ୍ଡା ଓ ଅଧାପକ ରାଜକିଶୋର ବେହେରା ପ୍ରତି ବ୍ଲକ ସ୍ତରରେ ସରକାର ଗୋଟିଏ ଗୋଟିଏ ମୁକ୍ତ ବିଦ୍ୟାଳୟ ଖୋଲିଛନ୍ତି, ଯଦି କୌଣସି ପିଲା ଚତୁର୍ଥ ଶ୍ରେଣୀ ପଢ଼ିବା ପରେ କୌଣସି କାରଣ




ବଶତଃ ଦିର୍ଘବର୍ଷ ଧରି ପାଠପଢ଼ା ଛାଡ଼ିଦେଇଥାନ୍ତି, ତେବେ ଏହି ବିଦ୍ୟାଳୟରେ ସେ ସିଧାସଳଖ ମାଟ୍ରିକ ପରୀକ୍ଷା ଦେଇପାରିବେ । ଏଠାରେ ମାଟ୍ରିକ ପରୀକ୍ଷା ଦେବାବେଳକୁ ଯଦି ତାଙ୍କର ବୟସ ୧୮ ବର୍ଷରୁ କମ୍ ହୋଇଥାଏ ତେବେ ତାଙ୍କର ସମସ୍ତ ଖର୍ଚ୍ଚ ସରକାର ବହନ କରିବେ । ୧୮ବର୍ଷ ବୟସରୁ ଅଧିକ ହୋଇଥିଲେ ଏଥିପାଇଁ ତାଙ୍କୁ ଅଳ୍ପକିଛି ପଇସା ଖର୍ଚ୍ଚ କରିବାକୁ ପଡ଼ିବ ବୋଲି ଜଣାଇଥିଲେ । ତେବେ ଆମର ଏଠାରେ କିଟରେ କପ୍ତିପଦା ବ୍ଲକ ପାଇଁ କପ୍ତିପଦା ଉଚ୍ଚ ବିଦ୍ୟାଳୟରେ ଓ ଉଦଳା ବ୍ଲକ ପାଇଁ ଉଦଳା ଉଚ୍ଚ ବିଦ୍ୟାଳୟରେ ଏହି ମୁକ୍ତ ବିଦ୍ୟାଳୟ ଚାଲିଛି ବୋଲି ସୂଚନା ପ୍ରଦାନ କରିଥିଲେ । ଲକ୍ଷ୍ମୀପ୍ରିୟା ସାମଲ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

# ଭ୍ରାମ୍ୟମାଣ ଅବକାରୀ ବିଭାଗର ବଡ଼ ଧରଣର ଚଢ଼ାଉ: ବ୍ୟାପକ ଦେଶୀ ଓ ବିଦେଶୀ ମଦ ସହ ତିନୋଟି ବାଇକ ଜବତ, ୬ ଗିରଫ

ନୀଳଗିରି, ୧୮/୪ (ନି.ପ୍ର): ନୀଳଗିରି ସମେତ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଜି ବାଲେଶ୍ୱର ଭ୍ରାମ୍ୟମାଣ ଅବକାରୀବିଭାଗର ବଡ଼ ଧରଣର ରେଡ଼ ହୋଇଛି ।ବ୍ୟାପକ ଦେଶୀ ଓ ବିଦେଶୀ ମଦ ସହ ତିନୋଟି ବାଇକ୍ ଜବତକରିବା ସହ ୬ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି ।ସୂଚନାଯୋଗ୍ୟ ନୀଳଗିରି ଅଞ୍ଚଳର ବିଭିନ୍ନ ସ୍ଥାନରେ ଏବେ ବେଆଇନ ମଦ କାରବାର ବୃଦ୍ଧି ହେବାରେ ଲାଗିଛି ।ବାରମ୍ବାର ଅଭିଯୋଗ ହୋଇଥିଲେ ହେଁ ନୀଳଗିରି ଅବକାରୀବିଭାଗ ତରଫରୁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନହେବାରୁ ଗାଁ ଠାରୁ ସହର ସବୁଠି ଖୋଲାମେଲାରେ ମଦବେପାର ଚାଲିଛି । ତେବେ ଆଜି ବାଲେଶ୍ୱର ଅବକାରୀ ସୁପରିଟେଣ୍ଡ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ



ଏକଟିମ ନୀଳଗିରି ଅଞ୍ଚଳରେ ଅଚାନକ ଚଢ଼ାଉ କରିଥିଲେ। ପଞ୍ଚଲିଙ୍ଗେଶ୍ୱର ଅଞ୍ଚଳରେ ଘାଟଘରସାହି ଅଞ୍ଚଳର ଜଗବନ୍ଧୁ ବେହେରା(୪୭) ଗୋଟିଏ ମୋଟର ସାଇକେଲରେ ୧୦୦ ଲିଟର ଦେଶୀମଦ ନେଉଥିବା ବେଳେ ଅବକାରୀଟିମ୍ ମଦ ଓ ଗାଡ଼ି ଜବତ କରିଥିଲେ। ସେହିପରି ଦାଶରଥିପୁର ଛକରେ ସିଆଡିମାଳ ଅଞ୍ଚଳର ଅଜୟ କୁମାର ସାଏବାବୁ(୫୦)ଙ୍କ ଠାରୁ ମୋଟରସାଇକେଲ ଜବତ ସହ ୧୦୦ ଲିଟର ଦେଶୀମଦ ଜବତ କରିଥିବା ବେଳେ ସେହି ଛକରେ ଘାଟଘରସାହି ଅଞ୍ଚଳର ଦୁର୍ଗାଶଙ୍କର ବେହେରା(୩୧)ଙ୍କ ଠାରୁ ଗୋଟିଏ ମୋଟର ସାଇକେଲ ଓ ୧୨୦ ଲିଟର ଦେଶୀମଦ ଜବତ ହୋଇଛି ।ସେହିପରି ଜାନୁଗଞ୍ଜ ଗୋଲେଇରେ ଚଢ଼ାଉ କରି ବଡାସ ଗ୍ରାମର ହେମନ୍ତ ପାତ୍ର(୪୩)ଙ୍କ ଠାରୁ ୧୬.୨୫୦ ଲିଟର ବିଅର ଜବତ କରାଯାଇଥିବା ବେଳେ ନୂଆଗାଁ ଗ୍ରାମର ଧନଞ୍ଜୟ ପ୍ରଧାନଙ୍କ ଠାରୁ ୩.୬୦ ଲିଟର ବିଦେଶୀ ମଦ ଜବତ ହୋଇଛି ।ସେହିପରି ପଦାବଡ଼ଗାଁ ଅଞ୍ଚଳର ସୁଶାନ୍ତ କୁମାର ନାୟକ(୪୩)ଙ୍କ ଠାରୁ ୬.୫୦୦ଲିଟର ବିଅର ଓ ୩.୬୦୦ଲିଟର ବିଦେଶୀମଦ ଜବତ ହୋଇଛି ।ଏନେଇ ବାଲେଶ୍ୱର ଭ୍ରାମ୍ୟମାଣ ଓ ସଦର ରେଞ୍ଜ ଅବକାରୀ ବିଭାଗରେ ପୃଥକ ୬ଟି ମାମଲା ରୁଜୁକରି ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିକୋର୍ଟଚାଲାଣ କରାଯାଇଛି । ଏହି ଚଢ଼ାଉରେ ଇନିସ୍ପେକ୍ଟର ସ୍ୱପ୍ନରାଣୀ ସାହୁ ଓ ହରିହର ସିଂ,ସବଇନିସ୍ପେକ୍ଟର ଭବେଶ ଦାସ, କନେଷ୍ଟବଲ ସୁନାରାମ ସରେନ, ସୁବିରକାନ୍ତ ବେହେରା, ତପନ କୁମାର ମଲ୍ଲିକ, ପଙ୍କଜ କୁମାର ମହାନ୍ତି,ଏସକେ କଲିମ ପ୍ରମୁଖ ସାମିଲ ଥିଲେ।

## ଗହ୍ମାରିଆରେ ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

କେନ୍ଦୁଝର, ୧୮/୪ (ନି.ପ୍ର): କେନ୍ଦୁଝରଗଡ଼ ୱାର୍ଡ ନଂ ୨୧ରେ ୧୫ ଠାରୁ ଆରମ୍ଭ ହୋଇଥିବା ଷୋହଳପ୍ରହର ନାମଯଜ୍ଞ ଆଜି ଉଦଯାପିତ ହୋଇଛି । ଦୀର୍ଘ ଚାରିଦିନ ଧରି ଚାଲିଥିବା ଏହି ନାମଯଜ୍ଞରେ କେନ୍ଦୁଝର ଜିଲ୍ଲାରୁ କାଳିମାଟି, କାଣ୍ଡଶର, ଛେମୁଣ୍ଡିବିଲ, ବଡକମଣ୍ଡରା ଦଳ ଭାଗ ନେଇଥିଲେ। ପୂଜକ ଶଶଧର ମିଶ୍ରଙ୍କ ସାଥିରେ ଅନୁଷ୍ଠାନର କର୍ମକର୍ତା ସର୍ବଶ୍ରୀ ଧାମା ମାଝୀ, ଉମାକାନ୍ତ ବେହେରା, ଗୋପାଳ ଚନ୍ଦ୍ର ପାତ୍ର, ଗୋପାଳ ଚନ୍ଦ୍ର ସେଠି, ବସନ୍ତ ପାତ୍ର, ଭାସ୍କର ପାତ୍ର, ତରଣୀସେନ ପାତ୍ର, କୈଳାଶ ଚନ୍ଦ୍ର ଦାସ, ଧନେଶ୍ୱର ମହାନ୍ତ, ତରୁଣ ପାତ୍ର, ବିଜୟ ମହାରଣା, କାଳିଚରଣ ସାହୁ.ରମେଶ ପାତ୍ର ଶରତ ଚନ୍ଦ୍ର ଭୋଇ ଓ ରମେଶ ଚନ୍ଦ୍ର ପାତ୍ର ଏହି କାର୍ଯ୍ୟରେ ସହଯୋଗ କରିଥିଲେ। ସର୍ବଶ୍ରୀ ଶିବପ୍ରସାଦ ମହାନ୍ତ, ତ୍ରିଲୋଚନ ସାହୁ, ସ୍ମୃତିସାଗର ଶୁଭପ୍ରକାଶ କର୍ତା ଭାବରେ ନିଷ୍ଠାର ସହିତ ତାଙ୍କ କାର୍ଯ୍ୟ କରିଥିଲେ।

# ମେ ୧ରେ ମନ୍ତ୍ରମୁଗ୍ଧ ହେବେ ସାରା ଓଡିଶା: ମୁକ୍ତିଲାଭ କଲା ଟ୍ରେଲର

ଭୁବନେଶ୍ୱର, ୧୮/୪ (ନି.ପ୍ର): ଯୁବ ପ୍ରଯୋଜକ ତଥା ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ମନ୍ତ୍ରମୁଗ୍ଧ ମେ ୧ ତାରିଖରେ ବଡ ପରଦାରେ ମୁକ୍ତିଲାଭ କରିବ । ତେଣୁ ସେଇ ଅବସରରେ ଅମୀୟ ପଟ୍ଟନାୟକ ପ୍ରଡ଼କସନ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ହୋଇଥିଲା ଏବଂ ମନ୍ତ୍ରମୁଗ୍ଧର ଟ୍ରେଲର ରିଲିଜ୍ ହୋଇଥିଲା । ସାମ୍ବାଦିକ ସମ୍ମିଳନୀରେ ପ୍ରଯୋଜିକା ବର୍ଷା



ପଟ୍ଟନାୟକ, ପ୍ରଯୋଜକ ତଥା ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ, କାହାଣୀ ଲେଖକ ରୋଶନ ବିଷୋୟୀ, ଅଭିନେତା ସାର୍ଥକ, ସନୋଜ, ମନ୍ମୟ, ଉମା ପ୍ରମୁଖ ଉପସ୍ଥିତ ରହି ମନ୍ତ୍ରମୁଗ୍ଧ ସମ୍ପର୍କରେ ଗଣମାଧ୍ୟମ ଆଗରେ ପ୍ରକାଶ କରିଥିଲେ । ମେ ୧ ରେ ହସିବେ, ଡରିବେ ଆଉ ସଙ୍ଗୀତରେ ଝୁମିବେ ଦର୍ଶକ ବୋଲି ପ୍ରଯୋଜନା ସଂସ୍ଥା ତରଫରୁ ପ୍ରକାଶ କରିଥିଲେ । ଅମୀୟ ପଟ୍ଟନାୟକ ପ୍ରଡ଼କସନ ଦ୍ୱାରା ନିର୍ମିତ ପ୍ରତ୍ୟେକ ସିନେମା ବଡ଼ ସଫଳତା ସାଉଣ୍ଟିଥାଏ । ମନ୍ତ୍ରମୁଗ୍ଧ ସବୁଠୁ ଅଧିକ ସଫଳତା ପାଇବ ଏବଂ ଓଡ଼ିଆ ଦର୍ଶକଙ୍କୁ ଏକ ନୂଆ ଅନୁଭୂତି ଆଣିଦେବ ବୋଲି ସମସ୍ତେ କହିଥିଲେ । ମନ୍ତ୍ରମୁଗ୍ଧ ମଲ୍ଟି ୟଙ୍ଗ ଟ୍ୟାଲେଣ୍ଟେଡ ଷ୍ଟାରକାଷ୍ଟ ନେଇ ଆସୁଛି । ସବୁବର୍ଗର ଦର୍ଶକ ଏକା ସାଙ୍ଗରେ ବସି ଦେଖି ପାରିବେ । ତେବେ ମୁକ୍ତିଲାଭ ଦିନ ପାଖେଇ ଆସୁଥିବାରୁ ଦର୍ଶକଙ୍କର ଆଗ୍ରହ ବର୍ଦ୍ଧି ବାରେ ଲାଗିଛି ଯାହା ସୋସିଆଲ ମିଡ଼ିଆରୁ ଜଣା ପଡୁଛି । ଏହି ଚଳଚ୍ଚିତ୍ରରେ ପ୍ରଚାର, ପ୍ରସାର ଓ ମାର୍କେଟିଂ ଦାୟିତ୍ୱରେ ପ୍ରଣୟ ଜେଠୀ ରହିଛନ୍ତି ।

**AFFIDAVIT**

ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଜଳେଶ୍ୱରଙ୍କ କୋର୍ଟରେ ଆମ୍ଭେ ମୈମୁଦ ଖାଁ, ପି- ଜୁଲିମତି ଖାଁ, ବୟସ: ୫୨, ସା/ପୋ- ରାଜପୁର, ଥାନା- ଜଳେଶ୍ୱର, ଜିଲ୍ଲା- ବାଲେଶ୍ୱର, ଓଡ଼ିଶା, ଆଧାର ନଂ: **336233543697** ଅଦ୍ୟ ଅତ୍ର କଚେରୀ ମୁକାମରେ ହାଜର ଥାଇ ଶପଥ ପାଠ ପୂର୍ବକ ଘୋଷଣା କରୁଅଛି କି ଆମ୍ଭେ ମୈମୁଦ ଖାଁ, ସା/ପୋ- ରାଜପୁର, ଥାନା- ଜଳେଶ୍ୱର, ଜିଲ୍ଲା- ବାଲେଶ୍ୱର ଓଡ଼ିଶା ଏହା ଆମ୍ଭର ସଠିକ୍ ନାମ ଓ ଠିକଣା ଅଟେ। ଉକ୍ତ ନାମରେ ଆମ୍ଭର ମୌଜା - ରାଜପୁର ଖାତା ନଂ : **916/566** ରହିଅଛି ଏବଂ ଆମ୍ଭର ଭୋଟ ପରିଚୟ ପତ୍ରରେ ମଧ୍ୟ ଆମ୍ଭ ଆଇଡିଣ୍ଟି କାର୍ଡ଼ **CPP3259892**ରେ ମଧ୍ୟ ଆମ ଠିକ୍ ନାମ ରହିଅଛି। ମାତ୍ର ଆମ୍ଭ ଆଧାର କାର୍ଡ଼ ନଂ: **336233543697** ଭୂଲବଶତଃ ଆମ୍ଭ ଡାକ ନାମ ମହେମୁଦ ଖାଁ, ପି- ଜୁଲମତ ଖାଁ ଦରଜ ହୋଇଅଛି। ଯେଉଁ ବ୍ୟକ୍ତି ମୈମୁଦ ଖାଁ, ପି- ଜୁଲମତ ଖାଁ ସେହି ବ୍ୟକ୍ତି ମହେମୁଦ ଖାଁ, ପି- ଜୁଲମତ ଖାଁ, ସା/ପୋ- ରାଜପୁର, ଥାନା- ଜଳେଶ୍ୱର, ଜିଲ୍ଲା- ବାଲେଶ୍ୱର ଏକ ଏବଂ ଅଭିନ୍ନ ବ୍ୟକ୍ତି ଅଟନ୍ତି।

ମୈମୁଦ ଖାଁ

# ତଳ ବାଲିଆପାଳ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଦୁଇ ଦିନିଆ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ ଉଦ୍‌ଯାପିତ

ବାଲିଆପାଳ, ୧୮/୪ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ତଳ ବାଲିଆପାଳ ଗ୍ରାମରେ ୪ ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ। ଦୁଇ ଦିନିଆ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ ଶନିବାର ଉଦଯାପିତ ହୋଇଯାଇଛି । ଉଦଯାପନ ଉତ୍ସବରେ ସଂକୀର୍ତ୍ତନ ମଣ୍ଡଳୀ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନାରାୟଣପୁର ଦୁର୍ଗାମାତା ସଂକୀର୍ତ୍ତନ ମଣ୍ଡଳୀ ପ୍ରଥମ ହୋଇଥିବା ବେଳେ ତାଡଦା ସଂକୀର୍ତ୍ତନ ମଣ୍ଡଳୀ ଦ୍ୱିତୀୟ ହୋଇ ପୁରସ୍କାର ଓ ଟ୍ରଫି ଗ୍ରହଣ କରିଥିଲେ। ସେହିପରି ସଂଗୀତ ନୃତ୍ୟ, ବାଦ୍ୟରେ କୃତି କଳାକାର



ମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ତଳବାଲିଆପାଳ ଗ୍ରାମ୍ୟ କମିଟିର ସଭାପତି ମୁରଲୀ ମୋହନ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବାଲିଆପାଳ କଳାକାର ସଂଘର ସଭାପତି ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସର ପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ଅଜୟ କୁମାର ସାହୁ,ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିବା ସହିତ କୃତି ସଂକୀର୍ତ୍ତନ ମଣ୍ଡଳୀ ଓ କୃତି ପ୍ରତିଯୋଗିଙ୍କୁ ପୁରସ୍କାର ବିତରଣ କରିଥିଲେ।ଅଷ୍ଟ ପ୍ରହରୀ ନାମ ସଂକୀର୍ତ୍ତନ ସହିତ ମା ଭଗବତୀଙ୍କ ପୂଜା ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମିଟି ସମ୍ପାଦକ ଅରୁଣ କୁମାର ରଣଜିତ,ଦିବାକର ଧଳ,କାର୍ତିକ ଧଳ,କାଳିଚରଣ ଜେନା,ମଣ୍ଟୁ ପ୍ରଧାନ,ଅବିନାଶ ପାତ୍ର,ବିକାଶ ପାତ୍ର,କମଳାକାନ୍ତ ପ୍ରାମାଣିକ,ସଦାଶିବ ଧଳ,ଅମୂଲ୍ୟ ନାୟକଙ୍କ ସହିତ ଗ୍ରାମର ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ଉତ୍ସବ ସମାପନ ହୋଇଥିଲା।

# ଏକଲବ୍ୟ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ

ନୀଳଗିରି, ୧୮/୪ (ନି.ପ୍ର): ନୀଳଗିରି ବ୍ଲକ ଶାଳଡହର ସ୍ଥିତ ଏକଲବ୍ୟ ମଡର୍ଣ୍ଣ ରେସିଡେନସିଆଲ ବିଦ୍ୟାଳୟର ଦ୍ୱିତୀୟବାର୍ଷିକ ଉତ୍ସବ ବେଶ ଧୂମଧାମର ସହିତ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ଏକ ବର୍ଣ୍ଣାଢ଼୍ୟ ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ନୀଳଗିରି ବିଡିଓ ବିକ୍ରମକିଶୋର ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବ୍ଲକ ଜନମଙ୍ଗଳଅଧିକାରୀ ଶୈଳେନ୍ଦ୍ର ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷା ଶିଶୁଜୀବନରେ କେତେ ମହତ୍ତ୍ୱ ରଖେ ଓ ଶିକ୍ଷା ଆଜିର ସମାଜରେ ଏକ ବ୍ରହ୍ମାସ୍ତ୍ର ବୋଲି ମତ ପ୍ରକାଶ କରିଥିଲେ ।ସ୍କୁଲର ଭାରାପ୍ରାପ୍ତ ପ୍ରଧାନଶିକ୍ଷକ ସୂର୍ଯ୍ୟପ୍ରତାପ ସାହୁଙ୍କ ସଭାପତିତ୍ୱରେ ଏହି ସଭାଟି ପରିଚାଳନା ହୋଇଥିଲା ।ସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ଆଦିକନ୍ଦ ସ୍ୱାଇଁ,ଆରବନ୍ଧ ସରପଞ୍ଚ କୁଳମଣୀ ନାୟକ,ଶ୍ରୀପତି ସେବାଶ୍ରମର ପ୍ରଧାନଶିକ୍ଷକ ବରଜୁପ୍ରସାଦ ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମଞ୍ଚାସୀନ ହୋଇଥିଲେ ।ଶିକ୍ଷକ ଗଗନଦୀପ ମୌର୍ଯ୍ୟ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷୟତ୍ରୀ ହାମିଦା ୟାସମିନ୍ ବାର୍ଷିକ ବିବରଣୀ ପଠନ କରିଥିଲେ। ଚଳିତବର୍ଷ ସିବିଏସଇ ଦଶମପରୀକ୍ଷାରେ ୫୭ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୫୬ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ଜଣାପଡିଛି। ବିଦ୍ୟାଳୟରେ ମୋଟ ୯୮.୨ଶତକଡା ପାସହାର ଥିବାରୁ ଅତିଥିମାନେ ବିଦ୍ୟାଳୟର ସଫଳତାକୁ ପ୍ରଶଂସା କରିଥିଲେ। ପରିଶେଷରେ ବାର୍ଷିକକ୍ରୀଡାରେ କୃତୀ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।ସ୍କୁଲର ଭାଇସ ପ୍ରିନ୍ସିପାଲ ମଧୁଛନ୍ଦା ସାହା ଧନ୍ୟବାଦ ଜଣାଇଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ହର୍ମୁଜ ପ୍ରଣାଳୀକୁ ...

ଜାହାଜ ଉପରେ ଇରାନ ପକ୍ଷରୁ ଗୁଳିଚାଳନା ହୋଇଛି। ବ୍ରିଟିଶ ସେନା ଶନିବାର କହିଛି ଯେ, ଇରାନର ରିଭୋଲ୍ୟୁସନାରୀ ଗାର୍ଡ଼ର ଦୁଇଟି ଗନ୍‌ବୋଟ୍ସ ହର୍ମୁଜ ଦେଇ ଯାଉଥିବା ଟ୍ୟାଙ୍କର ଉପରେ ଆକ୍ରମଣ କରିଛି। ତେବେ ଟ୍ୟାଙ୍କର ଓ ନାବିକ ଦଳ ସୁରକ୍ଷିତ ଅଛନ୍ତି। ୟୁକେ ମାରିଟାଇମ୍ ଟ୍ରେଡ ଅପରେସନ ସେଣ୍ଟର ଜାହାଜର ପରିଚୟ ଓ ତାହା କେଉଁଠିକୁ ଯାଉଥିଲା ସେ ସମ୍ପର୍କରେ ସୂଚନା ଦେଇନାହିଁ। ଅନ୍ୟପକ୍ଷରେ ପଶ୍ଚିମ ଏସିଆରେ ଯୁଦ୍ଧ ବନ୍ଦ କରିବାକୁ ପୁଣି ଥରେ କୂଟନୈତିକ ପ୍ରୟାସ ଜୋରଦାର ଚାଲିଛି। ଆସନ୍ତା ସୋମବାର ଇରାନ ଓ ଆମେରିକା ମଧ୍ୟରେ ଇସଲାମାବାଦଠାରେ ପୁଣି ଥରେ ଆଲୋଚନା ଆରମ୍ଭ ହେବ ବୋଲି ସିଏନ୍‌ଏନ୍‌କୁ ଇରାନର ଜଣେ ଅଧିକାରୀ ସୂଚନା ଦେଇଥିବାବେଳେ। ପ୍ରତିନିଧି ଦଳ ଏଥିପାଇଁ ରବିବାର ପାକିସ୍ତାନ ଗସ୍ତ କରିବ ବୋଲି ସିଏନ୍‌ଏନ୍ କହିଛି। ତେବେ ଆଇଆରଜିସି-ସମ୍ବନ୍ଧିତ ତାସନିମ୍ ନ୍ୟୁଜ୍‌ର ଏକ ରିପୋର୍ଟ ଅନୁଯାୟୀ, ଇରାନ ବର୍ତ୍ତମାନ ପାଇଁ ଆମେରିକା ସହିତ ନୂତନ ଆଲୋଚନା ପାଇଁ ରାଜି ହେବାକୁ ମନା କରିଦେଇଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ତେହେରାନ ପାକିସ୍ତାନର ଜଣେ ମଧ୍ୟସ୍ଥିଙ୍କ ମାଧ୍ୟମରେ ଆମେରିକୀୟ ଅଧିକାରୀମାନଙ୍କୁ ଏହାର ନିଷ୍ପତ୍ତି ଜଣାଇଛି। ଇରାନର ଉପ ବିଦେଶ ମନ୍ତ୍ରୀ ସଇଦ ଖାତିବଜାଦେହ ତୁର୍କୀରେ ଅନୁଷ୍ଠିତ ଆଣ୍ଟାଲିଆ କୂଟନୈତିକ ଫୋରମର ଅବସରରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରିଥିଲେ, ଯେଉଁଠାରେ ସେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମନ୍ତବ୍ୟକୁ ଖାରଜ କରିଥିଲେ। ବୁଧବାର ସୁଦ୍ଧା କୌଣସି ଚୁକ୍ତି ନହେଲେ ୱାସିଂଟନ ତେହେରାନ ଉପରେ ପୁଣି ବୋମା ପକାଇବା ଆରମ୍ଭ କରିପାରେ ବୋଲି ଟ୍ରମ୍ପଙ୍କ ମନ୍ତବ୍ୟର ଜବାବରେ ଖାତିବଜାଦେହ କହିଛନ୍ତି ଯେ, ଆମେରିକାର ରାଷ୍ଟ୍ରପତି ଅତ୍ୟଧିକ କଥା କୁହନ୍ତି। ଇରାନ ସମସ୍ତ ଉଲ୍ଲଂଘନର ଉଚିତ ଜବାବ ଦେବ। ଆଇଆରଜିସି ନୌସେନା ମଧ ସମାନ ଧମକ ଦେଇଛି।

### ଗ୍ୟାସ୍ ପରେ ତୈଳ...

କେଉଁ ପେଟ୍ରୋଲ ପମ୍ପ ଦିନ ଦିନ ଧରି ବନ୍ଦ ରହିଛି ତ ଆଉ ଯେଉଁଟା ଖୋଲାଅଛି ସେଠାରେ ପର୍ଯ୍ୟାପ୍ତ ପେଟ୍ରୋଲ ଓ ଡିଜେଲ୍ ମିଳୁନି। କେବଳ ଝାରସୁଗୁଡ଼ା କି ସମ୍ବଲପୁର ନୁହେଁ ପୂରା ପଶ୍ଚିମ ଓଡ଼ିଶାରେ ତୈଳ ସଙ୍କଟ। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ଏଭଳି ସ୍ଥିତି ଦେଖା ଦେଇଥିବା କଥା କୁହାଯାଉଛି । କିନ୍ତୁ ଏହାକୁ ଖଣ୍ଡନ କରିଛି ଉତ୍କଳ ପେଟ୍ରୋଲିୟମ୍ ଡିଲର ସଂଘ । ଡିଲର ଓ ଅନ୍ୟାନ୍ୟ ପରିଚାଳନାଗତ ତ୍ରୁଟି ଯୋଗୁଁ ମଝିରେ ମଝିରେ ସମସ୍ୟା ହେଉଛି କିନ୍ତୁ ଯୁଦ୍ଧ ସହିତ ତୈଳ ସଙ୍କଟର କୌଣସି ସମ୍ପର୍କ ନାହିଁ ବୋଲି ସଂଘ ସମ୍ପାଦକ କହିଛନ୍ତି। ଗୋଟେ ପଟେ ଗ୍ୟାସ୍ ଅନ୍ୟପଟେ ପେଟ୍ରୋଲ, ଡିଜେଲ୍ ଭଳି ଅତ୍ୟାବଶ୍ୟକ ଇନ୍ଧନର ଅଭାବ ଲୋକମାନଙ୍କ ମୁଣ୍ଡବିନ୍ଧା ବଢ଼ାଉଛି ।

### ୪୦ ଡିଗ୍ରୀ...

ନବରଙ୍ଗପୁରର ତାପମାତ୍ରା ଆସନ୍ତାକାଲି ୪୧ ଡିଗ୍ରୀ ଛୁଇଁପାରେ। ୨୦ ତାରିଖରେ ମଧ ଏହିଭଳି ସ୍ଥିତି ରହିବ। ଟିଟିଲାଗଡ଼ରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୬ ଡିଗ୍ରୀ ରହିପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଥିବା ବେଳେ ବଲାଙ୍ଗିର, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ରାଉରକେଲାରେ ୪୫ ଡିଗ୍ରୀ ରହିପାରେ। ସେହିପରି ଭବାନୀପାଟଣା ଓ ନୂଆପଡ଼ାରେ ୪୪ ଡିଗ୍ରୀ, ବରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ ଓ ଅନୁଗୋଳରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ରହିପାରେ। ନବରଙ୍ଗପୁରର ଦିନର ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ, ଢେଙ୍କାନାଳ ଓ କେନ୍ଦୁଝରଗଡ଼ରେ ୪୧ ଡିଗ୍ରୀ ଛୁଇଁପାରେ। ୨୧ ତାରିଖରେ ଟିଟିଲାଗଡ଼ରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୬ ଡିଗ୍ରୀ ରହିପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଥିବା ବେଳେ ବଲାଙ୍ଗିର, ସୋନପୁର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ରାଉରକେଲାରେ ୪୫ ଡିଗ୍ରୀ ରହିପାରେ। ନୂଆପଡ଼ା ଓ ବୌଦ୍ଧ ୪୪ ଡିଗ୍ରୀ ରହିପାରେ। ଭବାନୀପାଟଣାରେ ୪୩ ଡିଗ୍ରୀ, ନବରଙ୍ଗପୁର ଓ ଅନୁଗୋଳରେ ୪୨, କେନ୍ଦୁଝରଗଡ଼ ଓ ଢେଙ୍କାନାଳରେ ୪୧ ଡିଗ୍ରୀ ରହିପାରେ। ୨୨ ତାରିଖରେ ଗ୍ରୀଷ୍ମ ପ୍ରବାହ ସ୍ଥିତିରେ ଟିକେ ସୁଧାର ଆସିପାରେ। ଏହି ଦିନ ଟିଟିଲାଗଡ଼ର ଦିନର ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ରହିପାରେ।

### ବିରୋଧୀ ଦଳ...

ବୋଲି ବାର୍ତ୍ତା ଦେଶର ପ୍ରତ୍ୟେକ ଗାଁରେ ପହଞ୍ଚିବା ଉଚିତ। ତାଙ୍କ ମତରେ, ଏହି ପ୍ରସଙ୍ଗ କେବଳ ସଂସଦରେ ସୀମିତ ରହିବା ଉଚିତ ନୁହେଁ, ବରଂ ଏହାକୁ ଏକ ବ୍ୟାପକ ଜନ ଆନ୍ଦୋଳନରେ ପରିଣତ କରାଯିବା ଉଚିତ। ପ୍ରଧାନମନ୍ତ୍ରୀ ଏହା ମଧ କହିଛନ୍ତି, ବିରୋଧୀ ଦଳ ଏବେ ନିଜର ମତକୁ ଯଥାର୍ଥ କରିବା ପାଇଁ ବିଭିନ୍ନ ଯୁକ୍ତି ପ୍ରଦାନ କରୁଛନ୍ତି, କିନ୍ତୁ ଜନସାଧାରଣ ସବୁକିଛି ବୁଝୁଛନ୍ତି। ସେ ଅଭିଯୋଗ କରିଛନ୍ତି, ମହିଳା ସଶକ୍ତିକରଣ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିରୋଧୀଙ୍କ ମନୋଭାବ ସେମାନଙ୍କର ପ୍ରକୃତ ଚିନ୍ତାଧାରା ପ୍ରକାଶ କରିଛି। ଏହା କେବଳ ଏକ ରାଜନୈତିକ ପ୍ରସଙ୍ଗ ନୁହେଁ, ବରଂ ଦେଶର ଅଧା ଜନସଂଖ୍ୟାର ଅଧିକାର ସହିତ ଜଡିତ ଏକ ପ୍ରସଙ୍ଗ, ଏବଂ ଏହାକୁ ରାଜନୀତିକରଣ କରିବା ଦୁର୍ଭାଗ୍ୟଜନକ। ଅନ୍ୟପକ୍ଷରେ ବିରୋଧୀ ଦଳ କହିଛନ୍ତି ଯେ ସେମାନେ ମହିଳା ସଂରକ୍ଷଣର ବିରୋଧ କରୁନାହାଁନ୍ତି, କିନ୍ତୁ ସୀମା ନିର୍ଦ୍ଧାରଣ ଏବଂ ଜନଗଣନା ସହିତ ସେମାନଙ୍କୁ ଯୋଡ଼ା ହେବାକୁ ବିରୋଧ କରୁଛନ୍ତି। ବିରୋଧୀ ଦଳ ଅଭିଯୋଗ କରିଛନ୍ତି, ସରକାର ଏହି ବିଲ୍ ମାଧ୍ୟମରେ ନିର୍ବାଚନୀ ସମୀକରଣକୁ ବଦଳାଇବାକୁ ଚାହୁଁଥିଲେ ।

### ଅଧିକ ଖରା ହେଉଥିବା ...

ଯେ ଅଧିକ ଖରା ହେଉଥିବା ସ୍ଥାନରେ ହିଟ୍ ୱେଭ୍ ଆଶ୍ରୟ ସ୍ଥଳୀ ନିର୍ମାଣ ହେବ। ଜିଲ୍ଲାପାଳଙ୍କୁ ଅଧିକୃତ କରାଯାଇଛି ସରକାର ଦେଇଥିବା ଏସଓପି ବାହାରେ ଜିଲ୍ଲାପାଳ ନିଷ୍ପତି ନେଇପାରିବେ। ଦିନ ୧୧ରୁ ୩ଟା ପର୍ଯ୍ୟନ୍ତ ଯାତ୍ରୀ ଓ ମାଲ୍ ପରିବହନ ଉପରେ ତଦାରଖ କରାଯିବ। ରାସ୍ତାରେ ଡ୍ରାଇଭରଙ୍କ ପାଇଁ ଓଆରଏସ୍ ଓ ପିଇବା ପାଣିର ବ୍ୟବସ୍ଥା ରହିବ।ଆବଶ୍ୟକ ପଡ଼ିଲେ ୨୦ ମିନିଟ୍ ରେ ଆମ୍ବୁଲାନ୍ସ ପହଂଚିବାକୁ ସତର୍କ କରାଯାଇଛି। ଯେଉଁଠି ତାତି ବଢୁଛି ସେଠି ସ୍କୁଲ ଛୁଟି ପାଇଁ ଜିଲ୍ଲାପାଳଙ୍କୁ କ୍ଷମତା ଦିଆଯାଇଛି । ଅଂଶୁଘାତ ମୃତ୍ୟୁ ପାଇଁ ରିପୋର୍ଟ ପାଇବାର ୨୪ ଘଂଟା ମଧ୍ୟରେ କ୍ଷତିପୂରଣ ପ୍ରଦାନ କରାଯିବ। ସ୍କୁଲ ଛୁଟି ପାଇଁ ଗଣ ଶିକ୍ଷା ବିଭାଗ ସହ ରାଜସ୍ୱ ବିଭାଗ କଥା ସରିଛି। ଯେଉଁଠି ତାତି ବଢୁଛି ସେଠି ସ୍କୁଲ ଛୁଟି ପାଇଁ ଜିଲ୍ଲାପାଳଙ୍କୁ କ୍ଷମତା ଦିଆଯାଇଛି ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବାର୍ଷିକ ଉତ୍ସବ ‘ଉନ୍ମେଷ-୨୦୨୫-୨୬’ ଅନୁଷ୍ଠିତ

ବାଲେଶ୍ୱର , ୧୮/୪ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ପକ୍ଷରୁ ବାର୍ଷିକ ଉତ୍ସବ ‘ଉନ୍ମେଷ-୨୦୨୫-୨୬’ ଅତ୍ୟନ୍ତ ଉତ୍ସାହ ସହିତ ଆୟୋଜିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିଜ ଅଧକ୍ଷୀୟ ଭାଷଣରେ, ଛାତ୍ରଛାତ୍ରୀମାନଙ୍କର ସମଗ୍ର ବିକାଶ ପାଇଁ ଶିକ୍ଷା ସହ ସାହିତ୍ୟ, ସଂସ୍କୃତି ଓ କ୍ରୀଡା କାର୍ଯ୍ୟକଳାପ ର ସମନ୍ୱୟ ଅତ୍ୟାବଶ୍ୟକ ବୋଲି କହିଥିଲେ। ସେ ‘ଉନ୍ମେଷ’ ପରି ମଞ୍ଚ ଛାତ୍ରଛାତ୍ରୀଙ୍କୁ ନିଜ ପ୍ରତିଭା ପ୍ରକାଶ କରିବାର ଏକ ସୁନ୍ଦର ସୁଯୋଗ ଯୋଗାଇ ଦେଇଥାଏ ବୋଲି ଉଲ୍ଲେଖ କରି, ଏହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା, ନେତୃତ୍ୱ ଓ ଆତ୍ମବିଶ୍ୱାସ ବୃଦ୍ଧି କରିପାରିଛି ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦାର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ସମଗ୍ର ଉନ୍ନତିରେ ସାହିତ୍ୟ, ସଂସ୍କୃତି ଓ କ୍ରୀଡାର ଗୁରୁତ୍ୱ ଉଲ୍ଲେଖ କରିଥିଲେ। ସେ




ଫକୀରମୋହନ ବିଶ୍ୱବିଦ୍ୟାଳୟ ସହ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସୁସଂଗଠିତ ତଥା ଶୈକ୍ଷିକ ସହଭାଗିତାରେ ଉଭୟ ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଓ ପ୍ରଗତି ଅଣାଯାଇପାରିବା ନେଇ ଆଶାବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଓ କ୍ରୀଡା-ସଂସ୍କୃତି କମିଟିର ଅଧକ୍ଷ ପ୍ରଫେସର ଭାସ୍କର ବେହେରା ଉପସ୍ଥିତ ହୋଇ ଛାତ୍ରଛାତ୍ରୀଙ୍କ ସୃଜନଶୀଳ ପ୍ରତିଭାକୁ ଆଗେଇ ନେବା ପାଇଁ ଏପରି ଉତ୍ସବର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଅତିଥି ଭାବେ ବିତ୍ତ ନିୟନ୍ତ୍ରକ ଶ୍ରୀ କରଣ ସୋରେନ ମଧ ଉପସ୍ଥିତ ରହି ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟ ସାହିତ୍ୟ-ସଂସ୍କୃତି କମିଟିର ଉପାଧ୍ୟକ୍ଷ ଡ଼କ୍ଟର ଅସୀମ ଅମିତାଭ ପ୍ରଧାନ ବାର୍ଷିକ ସାହିତ୍ୟ-ସଂସ୍କୃତି କାର୍ଯ୍ୟକଳାପର ଅନୁସନ୍ଧାନ ରିପୋର୍ଟ ପ୍ରସ୍ତୁତ କରିଥିବା ବେଳେ କ୍ରୀଡା କମିଟିର ଉପାଧ୍ୟକ୍ଷ ଡ଼କ୍ଟର ସଚ୍ଚିଦାନନ୍ଦ ସା କ୍ରୀଡା କାର୍ଯ୍ୟକଳାପର ବାର୍ଷିକ ରିପୋର୍ଟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡା ଓ ସାହିତ୍ୟ- ସାଂସ୍କୃତିକ ପ୍ରତିଯୋଗିତାରେ ବିଜେତା ଓ ଚ୍ୟାମ୍ପିଅନ୍‌ମାନଙ୍କୁ ପଦକ, ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମଟି ଡ଼କ୍ଟର ବିବେକାନନ୍ଦ ନାୟକ ଓ ଶ୍ରୀ ଅରୁଣ କୁମାର ନାୟକଙ୍କ ଦ୍ୱାରା ସଂଯୋଜିତ କରାଯାଇଥିଲା। ଶେଷରେ ଡ଼କ୍ଟର ଜଗନ୍ନାଥ ବେହେରା ଧନ୍ୟବାଦ ଜ୍ଞାପନ କରି କାର୍ଯ୍ୟକ୍ରମର ସମାପନ କରିଥିଲେ।

# ଅଶୁରାଳିରେ ଫିଟ୍ ଇଣ୍ଡିଆ ରନ୍ ଫର୍ ୱୁମେନ୍‌ରେ ୨୦୦୦ରୁ ଅଧିକ ମହିଳାଙ୍କ ଯୋଗଦାନ

ଭଦ୍ରକ , ୧୮/୪ (ନି.ପ୍ର): ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ, ଫିଟ୍ ଇଣ୍ଡିଆ ଏବଂ ଭଦ୍ରକ ଜିଲ୍ଲା ପ୍ରଶାସନର ସମ୍ମିଳିତ ପ୍ରୟାସରେ ଧାମନଗର ବ୍ଲକର ଅଶୁରାଳିଠାରେ "ସଶକ୍ତି ନାରୀ, ସଶକ୍ତ ଭାରତ" ଶୀର୍ଷକରେ Fit India Run for Women କାର୍ଯ୍ୟକ୍ରମ ଭବ୍ୟ ଭାବେ ଅନୁଷ୍ଠିତ ହୋଇଯାଇଛି। ଏହି ମାରାଥନ ଦୌଡ଼, ପଦଯାତ୍ରା ଓ ମହିଳା ସମାବେଶରେ ୨୦୦୦ରୁ ଅଧିକ ମହିଳା ଯୋଗଦେଇ ନାରୀ ସଶକ୍ତିକରଣର ଏକ ପ୍ରେରଣାଦାୟକ ବାର୍ତ୍ତା ପ୍ରଦାନ କରିଥିଲେ।ଏହି ଅବସରରେ ଭଦ୍ରକ ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାୟ, ରାଜ୍ୟ ଶିଶୁ ସୁରକ୍ଷା ସଦସ୍ୟା ଶ୍ରୀମତୀ ମନସ୍ମିତା ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ଦତ୍ତ, ଶ୍ରୀ ରବି ନାରାୟଣ ସାହୁ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ଶ୍ରୀ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର ତଥା ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଦେବବ୍ରତ ମହାପାତ୍ର, ମାନ୍ୟବର ମନ୍ତ୍ରୀ କ୍ରୀଡା ବିଭାଗଙ୍କ ପ୍ରତିନିଧି ଶ୍ରୀ ଅଶୋକ କୁମାର ପୁହାଣ, ନାରୀନେତ୍ରୀ ରଞ୍ଜିତା ସ୍ୱାଇଁ, କଳ୍ପନା ଜେନା, ଉମାମଣି ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ମଧୁସ୍ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶ୍ରୀମତୀ ମନସ୍ମିତା ଖୁଣ୍ଟିଆ କହିଥିଲେ ଯେ, "ନାରୀ କେବଳ ପରିବାରର ଆଧାର ନୁହେଁ, ସେ ସମାଜ ଓ ରାଷ୍ଟ୍ରର ଉନ୍ନତିର ମୂଳ ଶକ୍ତି। ନାରୀଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଓ ସ୍ୱାବଲମ୍ବନ ନିଶ୍ଚିତ ହେଲେ ଦେଶ ଆହୁରି ସଶକ୍ତ ହେବ।"ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାଏ ମହିଳା ସଶକ୍ତିକରଣ ଉପରେ ମତ ପ୍ରକାଶ କରି କହିଥିଲେ ଯେ, "ନାରୀମାନେ ଆଜି ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ନୂଆ ଇତିହାସ ରଚନା କରୁଛନ୍ତି। ସେମାନଙ୍କୁ ସୁଯୋଗ ଓ ସମ୍ମାନ ଦେବା ହେଉଛି ସମାଜର ପ୍ରାଥମିକ କର୍ତ୍ତବ୍ୟ।"

## ୧୨ ତମ ଜନ୍ମଦିନର ଶୁଭେଚ୍ଛା






**ଆରୋହୀ ମହାନ୍ତି (ଶ୍ରୀୟା)**

ମହାପ୍ରଭୁ ଶ୍ରୀଜଗନ୍ନାଥ କୃପାରୁ ଶ୍ରୀୟାର ଭବିଷ୍ୟତ ଚଲାପଥ କୁସୁମିତ ହେଉ, ଏହାହିଁ କାମନା।

ଶୁଭେଚ୍ଛା ସହ: ପିତା- ପ୍ରଦୀପ୍ତ ମହାନ୍ତି, ମାତା- ରଶ୍ମିପ୍ରଭା ପୁହାଣ, ଅଜା- ପ୍ରାଣବନ୍ଧୁ ପୁହାଣ, ଆଈ- ଆଦରମଣି ପୁରାଣ, ମାମୁଁ- ରାମକୃଷ୍ଣ ପୁହାଣ, ମାଇଁ - ପ୍ରଜ୍ଞା ପାରମିତା ବିଶ୍ୱାଳ, ବାବୁ ଓ ବନ୍ଧୁବାନ୍ଧବ ତଥା ପରିବାରବର୍ଗ।

ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ (ଓଡ଼ିଶା)

# ଗ୍ୟାସପାଇପ ଫାଟି ଅଗ୍ନିକାଣ୍ଡ: ଜଣେ ଗୁରୁତର

ନୀଳଗିରି, ୧୮/୪ (ନି.ପ୍ର): ଗ୍ୟାସପାଇପ ଫାଟି ଅଗ୍ନିକାଣ୍ଡ ଘଟି ନିଆଁଲାଗି ଆହତ ହୋଇଛନ୍ତି ଜୈନିକ ଯୁବକ।ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବରହମପୁର ଥାନା ଅଧୀନ ବରହମପୁର ବଜାରରେ।ଆଜି ମଧ୍ୟାହ୍ନସମୟରେ ବରହମପୁର ବଜାର ନିକଟରେ ବୀର ପାତ୍ରଙ୍କର ଘରେ ରୋଷେଇ ଚାଲିଥିବା ସମୟରେ ହଠାତ ଗ୍ୟାସପାଇପ ଫାଟି ନିଆଁ ଲାଗିଯାଇଥିଲା।ବୀର ନିଆଁ ଲିଭାଇବାକୁ ଯାଇ ଗୁରୁତର ହୋଇଥିବା ବେଳେ ସମସ୍ତେ ଘରଛାଡି ବାହାରକୁ ଦୌଡିଥିଲେ। ସ୍ଥାନୀୟ ଲୋକମାନେ ନୀଳଗିରି ଅଗ୍ନିଶମବାହିନୀକୁ ଅବଗତ କରିବାପରେ ନୀଳଗିରି ଅଗ୍ନିଶମ



ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବୀରଙ୍କୁ ପ୍ରଥମେ ବରହମପୁର ମେଡିକାଲରେ ଚିକିତ୍ସା କରାଯାଇଥିବା ବେଳେ ସ୍ୱାସ୍ଥ୍ୟବସ୍ଥା ଶଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ବଡସାହିରେ ମୟୂରଭଞ୍ଜ ବନ୍ଦ ସଫଳ

ବଡସାହି, ୧୮/୪ (ନି.ପ୍ର): ରାସଗୋବିନ୍ଦପୁର ବ୍ଲକ କାକବନ୍ଧ ଆଶ୍ରମରେ ବିଷାକ୍ତ ଖାଦ୍ୟ ଖାଇ ଜଣେ ଛାତ୍ରୀ ମୃତ୍ୟୁ ଓ ୧୫୦ରୁ ଉର୍ଦ୍ଧ୍ୱ ଅସୁସ୍ଥ ଘଟଣାରେ ଶନିବାର ବିଜେଡି ପକ୍ଷରୁ ଆହୂତ ୧୨ଘଣ୍ଟିଆ ମୟୂରଭଞ୍ଜ ହରତାଳ ବନ୍ଦ ଡାକରା ବଡସାହି ବ୍ଲକରେ ସଫଳ ହୋଇଛି। ରାସ୍ତାରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଥିବା ବେଳେ ଦୋକାନ ବଜାର, ସ୍କୁଲ୍, କଲେଜ, ବ୍ଲକ, ତହସିଲ, ବ୍ୟାଙ୍କ, ପେଟ୍ରୋଲ ପମ୍ପ ଓ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଛି। ବିଭିନ୍ନ ସ୍ଥାନରେ କର୍ମୀମାନେ ବୁଲି ବୁଲି ପିକେଟିଂ କରୁଛନ୍ତି। କଂଗ୍ରେସ ଦଳ ମଧ୍ୟ ଏହାକୁ ସମର୍ଥନ ଜଣାଇଛି। ବିଜେଡି ସଭାପତି ତପନ କୁମାର



ପତି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ଯୁବ ସଭାପତି ନିହାର ରଞ୍ଜନ ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ କାଞ୍ଚନ ପ୍ରଧାନ, ସମ୍ପାଦକ ରାକେଶ ମହାପାତ୍ର ଓ ବିଶ୍ୱଜିତ ଦାସ ପ୍ରମୁଖ ନେତୃତ୍ୱ ନେଇଥିବାବେଳେ ସମସ୍ତ ପଞ୍ଚାୟତର ସଭାପତି, ଯୁବ ସଭାପତି, ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ। ବିଭିନ୍ନ ସ୍ଥାନରେ ହରତାଳ ଜାରି ରହିଛି। ତେବେ ଅତ୍ୟାବଶ୍ୟକୀୟ ସେବାକୁ ହରତାଳରୁ ବାଦ ଦିଆଯାଇଛି। ସେହିପରି ବ୍ଲକ କଂଗ୍ରେସ ସଭାପତି ଶଶାଙ୍କ ଶେଖର କରଙ୍କ ନେତୃତ୍ୱରେ କର୍ମୀମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରିବା ସହିତ ହରତାଳରେ ସାମିଲ ହୋଇଥିବାର ଦେଖାଯାଇଛି।

# ଜେଏମଏଫସି କୋର୍ଟ ବିଚାରପତିଙ୍କୁ ବିଦାୟ ସମ୍ବର୍ଦ୍ଧନା

ବାଲେଶ୍ୱର, ୧୮/୪ ବସ୍ତା ଜେଏମଏଫସି କୋର୍ଟ ବିଚାରପତି ସିଲଭାଷା ବଡ଼ଜେନାଙ୍କୁ ବସ୍ତା ଓକିଲ ସଙ୍ଘ ଓ ସରକାରୀ ଓକିଲଙ୍କ ତରଫରୁ ଶୁକ୍ରବାର ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବରିଷ୍ଠ ଆଇନଜୀବୀ ଜିତେନ୍ଦ୍ର ଉପାଧ୍ୟାୟଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଚାରପତି ବଡ଼ଜେନାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ



ବରିଷ୍ଠ ଆଇନଜୀବୀ ଗୌରହରି ବେହେରା, କେଡର ଏପିପି ଅସିତ ରଞ୍ଜନ ନାୟକ, ଏପିପି ପରେଶ କୁମାର ବେହେରା, ତାପସ କୁମାର ପ୍ରଧାନ ଓ ରାଧାଗୋବିନ୍ଦ ବେହେରା, ଆଇନଜୀବୀ ପ୍ରଣବ ମିଶ୍ର, ଅର୍ଜୁନ ଚରଣ ଜେନା, ସୁଦର୍ଶନ ସାହୁ, ଅରୂପାନନ୍ଦ ସାହୁ, ନିହାର ରଞ୍ଜନ ସେନାପତି, ସତ୍ୟପ୍ରକାଶ ଦାସ, ଆଶିଷ ଦାସ ମହାପାତ୍ର, ସଙ୍ଘ ସଭାପତି ଗୌତମ ମହାନ୍ତି, ସମ୍ପାଦକ ପ୍ରସନ୍ନ ଜେନା, ଦିପେଶ ପାଳଙ୍କ ସମେତ କୋର୍ଟର କର୍ମଚାରୀ ଉପସ୍ଥିତ ଥିଲେ।

# ସାକ୍ଷୀଗୋପାଳ ବରାଳ ବାଲୁଙ୍କେଶ୍ୱର ମନ୍ଦିରକୁ ବୋମା ଧମକ

ଭୁବନେଶ୍ୱର, ୧୮/୪ (ନି.ପ୍ର): ସାକ୍ଷୀଗୋପାଳ ବରାଳ ବାଲୁଙ୍କେଶ୍ୱର ମନ୍ଦିରକୁ ବୋମା ଧମକ ମିଳିଛି। ମନ୍ଦିର ସେବାୟତଙ୍କୁ ଅଜଣା ନମ୍ବରରୁ ଧମକପୂର୍ଣ୍ଣ ମେସେଜ ଆସିବା ପରେ ଆତଙ୍କ ସୃଷ୍ଟି ହୋଇଛି। ୫୦ ଲକ୍ଷ ଟଙ୍କା ଫୋନ୍ ପେ'ରେ ନ ପଠାଇଲେ ବୋମାରେ ଉଡ଼ାଇ ଦେବାକୁ ଧମକ ମିଳିଛି।

# ବିଜେଡିର ଇଣ୍ଡି ମେଣ୍ଟ ସହ ଅଘୋଷିତ ବୁଝାମଣା ହୋଇଛି: ସମବାୟ ମନ୍ତ୍ରୀ

ଭୁବନେଶ୍ୱର, ୧୮/୪ (ନି.ପ୍ର): ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବା ପ୍ରସଙ୍ଗରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ବିଜେଡିର ଇଣ୍ଡି ମେଣ୍ଟ ସହ ଅଘୋଷିତ ବୁଝାମଣା ହୋଇଛି। ଆଗରୁ ବିଜେପିକୁ ସମର୍ଥନ କରୁଥିଲେ; ଏବେ ଇଣ୍ଡି ମେଣ୍ଟକୁ ସମର୍ଥନ କରୁଛନ୍ତି। ଏହା ଦ୍ୱାରା ବିଜେପିର କିଛି ଅସୁବିଧା ହେବନି ପ୍ରଦୀପ ବଳସାମନ୍ତ କହିଛନ୍ତି। ସେମାନେ ଭାବୁଛନ୍ତି ତାଙ୍କର ବିଜୟ ହେଲା ହେଲେ କ୍ଷତି ତାଙ୍କର ହେଲା। ନିର୍ବାଚନ ଆସିଲେ ମହିଳାମାନେ ସେମାନଙ୍କୁ ପଚାରିବେ।

# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସମନ୍ୱୟ ବୈଠକ ଅନୁଷ୍ଠିତ

ଖୋର୍ଦ୍ଧା , ୧୮/୪ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଅତିରିକ୍ତ ଜିଲ୍ଲାପାଳ,ସାଧାରଣ,ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଙ୍କ ଅଧ୍ୟକ୍ଷତାରେ ଆସନ୍ତା ତା ୨୧.୦୪.୨୦୨୬ରିଖରେ ଖୋର୍ଦ୍ଧା ଜିଲ୍ଲାର ମା 'ବରୁଣେଇ ପୀଠରେ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟ ମନ୍ତ୍ରୀ କନ୍ୟା ବିବାହ ଯୋଜନା ଆୟୋଜନକୁ ସଫଳ କରିବା ନିମିତ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ରୁ ଦିଆଯାଇଥିବା ତାଲିକା ଅନୁଯାୟୀ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ଦ୍ୱାରା ଚୟନ କରାଯାଇଥିବା ଯୋଗ୍ୟ ହିତାଧିକାରୀ ମାନଙ୍କ ବିବାହ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ଆର୍ଥିକ ଦୁର୍ବଳ ପରିବାର ମାନଙ୍କୁକନ୍ୟା ବିବାହ ପାଇଁ ସହାୟତା ପ୍ରଦାନ, ସମାଜରେ ଶିଶୁ ବିବାହକୁ ରୋକିବା ଓ ବିଧି ସମ୍ମତ ବୟସ ବିବାହକୁ ପ୍ରୋତ୍ସାହନ ଦେବା, ନାରୀ ମାନଙ୍କ ସମ୍ମାନ ଓ ସୁରକ୍ଷାକୁ ବଢ଼ାଇବା, କନ୍ୟା ସନ୍ତାନ ମାନଙ୍କ ପ୍ରତି ସାକାରତ୍ମକ ମନୋଭାବ ଗଢି ଉଠିବା, ସମାଜର ଲିଙ୍ଗଗତ ସମାନତାକୁ ଶକ୍ତିଶାଳୀ କରାଇବା ଏବଂ ସମାଜରେ ଯୌତୁକ ପ୍ରଥା ବିରୋଧରେ ସଚେତନତା ସୃଷ୍ଟି କରିବା ଭଳି ଯୋଜନାର ମହତ ଉଦ୍ଦେଶ୍ୟ ରହିଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ପରିଚାଳନାରେ ସ୍ୱେଚ୍ଛାସେବୀ ସଂଗଠନ ପିପୁଲ୍ସ ଫୋରମ୍,ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ବିଭାଗ ଯଥା ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ, ପୋଲିସ ପ୍ରଶାସନ, ୱାଟକୋ , ଟି ପି ସି ଓ ଡି ଏଲ, ପୌର ପରିଷଦ, ଖୋର୍ଦ୍ଧା, ସଫାସୂତରା ଆଦି ବିଭିନ୍ନ କାର୍ଯ୍ୟ ଓ ଅତ୍ୟାବଶ୍ୟକ କାର୍ଯ୍ୟ ସମ୍ପାଦନ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଉପ ଜିଲ୍ଲାପାଳ, ଖୋର୍ଦ୍ଧା ସଂକଳ୍ପ ସ୍ୱସ୍ତିକ ସାହୁ, ଉପଜିଲ୍ଲାପାଳ, ଭୁବନେଶ୍ୱର ଡ଼ଃ ମନୋରଞ୍ଜନ ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ,ଖୋର୍ଦ୍ଧା,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଖୋର୍ଦ୍ଧା, ଲକ୍ଷ୍ମଣ କୁମାର ବେହେରା,ଡେପୁଟୀ କଲେକ୍ଟର, ସାରା ମଲ୍ଲିକ, ସ୍ୱିଟୀ ସୋରେନ, ଆସିଷ୍ଟାଣ୍ଟ କଲେକ୍ଟର ରଷବ୍ ତ୍ରିପାଠୀ, ଇସ୍ମିତା ସାହୁ, ଅତିରିକ୍ତ ଅଗ୍ନିଶମ ସେବା ଅଧିକାରୀ ମୀନକେତନ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ, ଚୌଧୁରୀ ଅରବିନ୍ଦ ଦାସ,ବ୍ଲକ୍ ଉନ୍ନୟନ ଅଧିକାରୀ, ଖୋର୍ଦ୍ଧା ସିଦ୍ଧାର୍ଥ ପଟ୍ଟନାୟକ ଙ୍କ ସମେତ ବରିଷ୍ଠ ଅଧିକାରୀ ମାନେ ଯୋଗ ଦେଇଥିଲେ। ବୈଠକକୁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ ପରିଚାଳନା କରିଥିବା ବେଳେ ପି ଓ ସୌଦାମିନୀ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।

# ସିଜେରିଆନ୍ ଡେଲିଭେରି ନିୟନ୍ତ୍ରଣ ସମ୍ପର୍କିତ ବେସରକାରୀ ହସ୍ପିଟାଲ ସହିତ ବୈଠକ

ବାଲେଶ୍ୱର, ୧୮/୪ (ନି.ପ୍ର): ଜିଲ୍ଲାପାଳ ଓ ଜିଲ୍ଲା ମ୍ୟାଜିଷ୍ଟ୍ରେଟ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଦିବା ୧୨.୦୦ ଘଟିକା ସମୟରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାର ସମସ୍ତ ବେସରକାରୀ ହସ୍ପିଟାଲର ପ୍ରତିନିଧିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସିଜେରିଆନ୍ ଡେଲିଭେରିର ପ୍ରବଣତା ଉପରେ ଚିନ୍ତା ବ୍ୟକ୍ତ କରାଯାଇଥିଲା। ବୈଠକରେ ଉଲ୍ଲେଖ ହୋଇଥିଲା ଯେ କିଛି ହସ୍ପିଟାଲରେ ଅସାମାନ୍ୟ ଭାବେ ଅଧିକ ହାରରେ—କେତେକ ମାମଲାରେ ୧୦୦% ପର୍ଯ୍ୟନ୍ତ—ସମସ୍ତ ଡେଲିଭେରି ସିଜେରିଆନ୍ ମାଧ୍ୟମରେ କରାଯାଉଛି। ଏପରି ପ୍ରଚଳନ ଅନେକ ସମୟରେ ଅଚିକିତ୍ସାମୂଳକ କାରଣରୁ ପ୍ରେରିତ ହୋଇଥାଇପାରେ, ଯାହା ମାତୃ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହେବା ସହ ରୋଗୀ ପରିବାରଙ୍କ ଉପରେ ଅତିରିକ୍ତ ଆର୍ଥିକ ଭାର ସୃଷ୍ଟି କରେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ସିଜେରିଆନ୍ ଡେଲିଭେରି କେବଳ ଯଥାର୍ଥ ଚିକିତ୍ସାଜନିତ ଆବଶ୍ୟକତା ଅନୁଯାୟୀ କରାଯିବା ଉଚିତ, ଏହାକୁ ରୁଟିନ୍ ପ୍ରକ୍ରିୟା ଭାବେ ଗ୍ରହଣ କରାଯିବ ନାହିଁ। ମାତୃ ସ୍ୱାସ୍ଥ୍ୟର ସୁରକ୍ଷା ଓ ନିୟମିତ ପାଳନ ସୁନିଶ୍ଚିତ କରିବା ପାଇଁ: ଜିଲ୍ଲା ସ୍ତରରେ ମନିଟରିଂ ଟିମ୍ ଗଠନ କରାଯିବ। ଏହି ଟିମ୍ ନିୟମିତ ଓ ଆକସ୍ମିକ ଭାବେ ବେସରକାରୀ ହସ୍ପିଟାଲ ପରିଦର୍ଶନ କରିବେ। ଯେକୌଣସି ହସ୍ପିଟାଲ ଯଦି ଅନୁଚିତ ବା ଅନୈତିକ ଭାବରେ ସିଜେରିଆନ୍ ଡେଲିଭେରି କରୁଥିବାର ଧରାପଡ଼େ, ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସହିତ ଲାଇସେନ୍ସ ବାତିଲ କରାଯିବ। ସମସ୍ତ ବେସରକାରୀ ହସ୍ପିଟାଲକୁ ନିର୍ଦ୍ଦେଶ ଦିଆଯାଇଛି ଯେ, ସେମାନେ ଚିକିତ୍ସା ରେକର୍ଡରେ ପାରଦର୍ଶିତା ରଖିବେ ଏବଂ ପ୍ରଚଳିତ ଚିକିତ୍ସା ନିୟମ ଓ ନୈତିକ ମାନଦଣ୍ଡକୁ କଡ଼ା ଭାବରେ ପାଳନ କରିବେ।

# ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର: ଖାଲିପଡ଼ିଛି ବିଶେଷଜ୍ଞ ପଦବୀ

ବାଲିଆପାଳ, ୧୮/୪ (ନି.ପ୍ର): ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଇଡକୋ ଛକ ନିକ ଛକ ନିକଟସ୍ଥ ବାଲି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିଭିନ୍ନ ସମସ୍ୟା ମଧ୍ୟରେ ଛନ୍ଦି ହୋଇପଡିଛି। ଦୀର୍ଘଦିନ ଏଠାରେ ବିଶେଷଜ୍ଞ ଡାକ୍ତର ପଦବୀଗୁଡ଼ିକ ଖାଲି ପଡିଥିବାରୁ ଲୋକେ ଉପଯୁକ୍ତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି ଓ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ କିଛି ସୁଫଳ ମିଳୁନାହିଁ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବାଲିଆପାଳ ବ୍ଲକ ସମେତ ବସ୍ତା, ଜଳେଶ୍ୱର, ଭୋଗରାଇ ବ୍ଲକର ୫ଲକ୍ଷରୁ ଊର୍ଦ୍ଧ୍ୱ ଲୋକେ ନିର୍ଭର କରିଥାନ୍ତି। ଭିରିଭୂମି ଅନୁଯାୟୀ ୧୬ଟି ଶଯ୍ୟା ରହିଛି। ହସ୍ପିଟାଲର ପଞ୍ଜୀକରଣ ଅନୁସାରେ ପ୍ରାୟ ପ୍ରତ୍ୟେକ ଦିନ ୪୦୦ ରୁ ୫୦୦ ଶହ ରୋଗୀ ଏଠାକୁ ଆସିଥାନ୍ତି। ମାତ୍ର ବିଶେଷଜ୍ଞଙ୍କ ଅଭାବରୁ କେବଳ ପ୍ରାଥମିକ ସେବା ଯୋଗାଇ ଦେବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଉଛି।ପୂର୍ବତନ ବିଧାୟକ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ପ୍ରଚେଷ୍ଟାରେ ୧୯୯୫ ମସିହାରେ




ଗଢି ଉଠିଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାର ୧୫ଟି ଏଲଟିଆରଏମ, ୪ଟି ବିଶେଷଜ୍ଞ, ଗୋଟିଏ ସୁପରିଣ୍ଟେଣ୍ଡେଣ୍ଟ, ଗୋଟିଏ ବିପିଏଚଓ ପଦବୀ ମଞ୍ଜୁର ହୋଇଥିଲା। ବର୍ତ୍ତମାନ ସ୍ଥାୟୀ ପଦବୀରେ ଜଣେ ଡେଣ୍ଟିଷ୍ଟ, ୪ଜଣ ଏଲଟିଆରଏମ ବିଶେଷଜ୍ଞ ପଦବୀ ମଧ୍ୟରୁ ୩ଟି ଫାଙ୍କା ରହିଥିବା ବେଳେ ଶିଶୁ ବିଭାଗର ଜଣେ ଡାକ୍ତର ରହିଛନ୍ତି। ଗୋଟିଏପଦରେ ନିକଟସ୍ଥ ସୁପରିଣ୍ଟେଣ୍ଡେଣ୍ଟ ପ୍ରତାପପୁର ହସ୍ପିଟାଲ୍‌ରେ କାର୍ଯ୍ୟରତ ଶିଶୁ ବିଶେଷଜ୍ଞ ଡ. ପ୍ରୀତମ କୁମାର ସାହୁ ,୧ ହସ୍ପିଟାଲରେ ରୋଗୀ ଦେଖୁବା ସହିତ ଭାରପ୍ରାପ୍ତ ଅଧିକାରୀ ଭାବେ କାର?ୟ ତୁଲାଇଆସୁଛନ୍ତି।କିନ୍ତୁ ଦୁଃଖ ର କଥା ଇନଚାର୍ଜ ଶ୍ରୀ ସାହୁ ସିମୁଳିଆ ବଜାର ରେ ପ୍ରଇଭେଟ ଚ୍ୟମ୍ବର ଖୋଲି ସକାଳ ସାତ ଟାରୁ ଦିନ ଦଶ ଟା ଅପରାହ୍ନ ଦିନ ୪ ଟାରୁ ରାତ୍ରି ୧୦ ପ୍ରଯ୍ୟନ୍ତ ଛୋଟ ଛୋଟ ପିଲାଙ୍କୁ ଚିକିତ୍ସା କରୁଛନ୍ତି ଏ ବାବଦରେ ପ୍ରତେକ ପିଲା ମାନଂକୁ ଅବିଭାବକ ପାଖରୁ ଭିଜିଟ ଆକାରରେ ୫୦୦ ଟଙ୍କା ଓଷଧ ବାବଦରେ ୧ହଜାର ରୁ ୧୫ସହ ଟଙ୍କା ଟେଷ୍ଟ ବାବଦରୁ ୮ସହ ରୁ ୧ହଜାର ନେଉଛନ୍ତି ଚ୍ୟମ୍ବର ଲାଗି ତାଙ୍କ ବାପା ଙ୍କ ମଡ଼ିସିନ ଦୋକାନ ରହିଥିବା ବେଳେ ବାପ ପୁଅ ମିଶି ରୋଗୀ ର ପରିବାର ଙ୍କୁ ଶୋଷଣ କରୁଛନ୍ତି ପୁଣି ବାଲିଆପାଳ କାଳିପଦା ମୁଖ୍ୟ ରାସ୍ତା କଡ଼ରେ ମଡ଼ିସିନ ଦୋକାନ ଓ ଶ୍ରୀ ସାହୁ ଙ୍କ ଚ୍ୟମ୍ବର ଥିବାରୁ ରାସ୍ତା ଜାମ କରୁଛନ୍ତି ପ୍ରଶାସନ ଜାଣି ଶୁଣି ନିରବ ଦଷ୍ଟା ସାଜିଛି ସେହିପରି ବାଲିଆପାଳ ପ୍ରତାପପୁର ସ୍ୱାସ୍ଥ୍ୟ କେନ୍ଦ୍ର ଦେବାଳିଆ ପରିସ୍ଥିତି ସୃଷ୍ଟି ହୋଇଛି ଏହାବ୍ୟତୀତ ବ୍ଲକ ପ୍ରୋଗ୍ରାମ ହେଲ୍?ଥ ଅଫିସର ଭାବେ କେହି ନ ଥିଲା ବେଳେ ସାହୁ ମଧ ସେ ଦାୟିତ୍ୱ ତୁଲାଉଛନ୍ତି। ଗର୍ଭବତୀମାନଙ୍କର ସୁବିଧା ପାଇଁ ଅନ୍ୟ ବ୍ଲକରୁ ଟେପୁଟେଶନରେ ସପ୍ତାହକୁ ଥରେ ସ୍ତ୍ରୀ ପ୍ରସୁତି ବିଭାଗରୁ ଡାକ୍ତର ଆଣି ରୋଗୀମାନଙ୍କୁ ସେବା ଯୋଗାଇ ଦିଆଯାଉଛି। ରୋଗ ଚିହ୍ନଟରେ ପ୍ରାଥମିକ ସ୍ତରରେ ପରୀକ୍ଷା କରିବା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ସହିତ ଅଲଟ୍ରାସାଉଣ୍ଡ ମେଶିନ ରହିଛି, ମାତ୍ର ଟେକ୍ନିସିଆନ ଅଭାବରୁ ସବୁ ଅଚଳ ହୋଇପଡିଛି। କେବଳ ସପ୍ତାହରେ ୨ ଦିନ ଜଣେ ଟେକ୍ନିସିଆନ ଆସୁଥିବାରୁ ଗର୍ଭବତୀମାନଙ୍କର ଅଲଟ୍ରାସାଉଣ୍ଡ କରାଯାଇଥାଏ। ଏଠାରେ ପ୍ରଶ୍ନ ଉଠୁଛି ସରକାର ସ୍ୱାସ୍ଥ୍ୟ ବିଭାଗକୁ ନେଇ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଜିଲା ପ୍ରଶାସନର ଏଭଳି ବୈମାତୃକ ମନୋଭାବ ପୋଷଣକୁ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯାଇଛି। ଆବଶ୍ୟକ ଅନୁଯାୟୀ ଡାକ୍ତର ଓ ଟେକ୍ନିସିଆନ ପଦବୀ ପୂରଣ କରାଯାଉ ବୋଲି ଦାବି ହେଉଛି। ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ସାହୁ କହିଛନ୍ତି ବାଲେଶ୍ୱର ସିଡିଏମଓକୁ ଏ ବିଷୟରେ ଅବଗତ କରାଇଛନ୍ତି।

# ଓଡିଶା ତେଜସ୍ୱିନୀ ମହିଳା ସଂଗଠନ, ଭଦ୍ରକ ଆନୁକୂଲ୍ୟରେ ତିହିଡିରେ ନାରୀଶକ୍ତି ବନ୍ଦନ କାର୍ଯ୍ୟକ୍ରମ

ଭଦ୍ରକ /ତିହିଡ଼ି , ୧୮/୪ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡି ବ୍ଲକରେ ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମ ଦୟାଲ ଭବନରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ତେଜସ୍ୱିନି ମହିଳା ସଂଗଠନ ଆନୁକୂଲ୍ୟରେ ନାରୀ ଶକ୍ତି ବନ୍ଦନ ଅନିୟମ କାର୍ଯ୍ୟକାରୀ କରିବା ଲକ୍ଷରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ମହିଳା ସଂଗଠବର ସଭାନେତ୍ରୀ କଳ୍ପନା ଜେନାଙ୍କ ପୌରହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା ଏଥିରେ ମୁଖ୍ୟଅତିଥି ଭାବେ ତିହିଡ଼ି ଥାନା ଆଇଆଇସି ଲୋପାମୁଦ୍ରା ନାୟକ ଯୋଗଦେଇ ନାରୀସଶକ୍ତ ହେଲେ ସମାଜ ସୁଦୃଢ଼ ହୋଇପାରିବ। ନାରୀମାନେ ସ୍ୱାଧୀନତାକୁ ସୀମା ଭିତରେ ରହି ଉପଭୋଗକଲେ ସେହି ସ୍ୱାଧୀନତା ହିଁ ଶ୍ରେଷ୍ଠ ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡ଼. ରାଧାରାଣୀ ମହାପାତ୍ର ଯୋଗଦେଇ ନାରୀ ଶକ୍ତି ଜାଗ୍ରତହେଲେ ସମାଜ ପରିବର୍ତ୍ତନ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ




ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରଞ୍ଜିତା ସ୍ୱାଇଁ, ମଙ୍ଗଳପୁର ସରପ ପୁଷ୍ପାଞ୍ଜଳୀ ଲେଙ୍କା, ଲଙ୍କେଶ୍ୱରୀ ମଣ୍ଡଳ ସଭାନେତ୍ରୀ ଅନିତା ରାଉତ ପ୍ରମୁଖ ଯୋଗଦେଇ ନାରୀଶକ୍ତି ବନ୍ଦନ ଅଧିନିୟମ ଅଭିଯାନ କାର୍ଯ୍ୟକ୍ରମ ମୋଦି ସରକାରଙ୍କର ଏକ ବଳିଷ୍ଠ ପଦକ୍ଷେପ ବୋଲି କହିଥିଲେ। ସଂଗଠନର ଉପ ସଭାନେତ୍ରୀ ଚୈତାଳି ଖୁଲାର ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ବତନ ସରପଂ ଝରଣା ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦିକା ଅଞ୍ଜନା ମିଶ୍ର ଧନ୍ୟବାଦ ଦେଇଥିଲେ। ପ୍ରଥମେ ଭାଟପଡ଼ା ପଂୟତ କାର୍ଯ୍ୟାଳୟ ଠାରୁ ଶତାଧିକ ମହିଳା ପଦଯାତ୍ରାରେ ବାହାରି ତିହିଡ଼ି ବଜାର ପରିକ୍ରମା କରିବା ପରେ ସ୍ଥାନୀୟ ଦୀନଦୟାଲ ଭବନ ନିକଟରେ ପହଂ ଥିଲେ, ସରପଞ୍ଚ ଶୁଭ୍ର ନାରାୟଣ ସେଠୀ, ସଂଗଠନର ମାର୍ଗଦର୍ଶକ ବରିଷ୍ଠ ସାମ୍ବାଦିକ ରବି ନାରାୟଣ ଖୁଲାର, ଭାଜପା ମଣ୍ଡଳ ସଭାପତି ସରୋଜ କୁମାର ନାୟକ, କେଶବ ବେହେରା, ସାଇଶରଣ ବେହେରା, ବରିଷ୍ଠ ନେତା ସୁବାସ ସେଠୀ, ଭରତ ସାହୁ, ରାଜକିଶୋର ନାୟକ, ରଘୁନାଥ ମଲିକ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସଭା ପ୍ରାରମ୍ଭରେ ବନ୍ଦେ ମାତରମ ସଙ୍ଗୀତ ବାରିବେଷିତ ହୋଇଥୁଲା। ନାରୀ ନେତ୍ରୀ ଜାନକୀ ପାଢ଼ୀ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ଜିଲା ଉପସଭାପତି ରଘୁନାଥ ପାତ୍ର, ଭାଜପା ନେତା ମୁକ୍ତିକାନ୍ତ ନାୟକ, ମିଡ଼ି ଆସେଲ ସଂଯୋଜକ ଅଶୋକ ରାଉତ,ଆଲୋକଜ୍ୟୋତି ମହିଳା ଫେଡେରେସନ ସମ୍ପାଦିକା କଲ୍ୟାଣୀ ଦାସ, ନାରୀ ନେତ୍ରୀ ଗାୟତ୍ରୀ କର ଓ ଶୁଚିସ୍ମିତା ସାହୁ, ତାପସ ବେହେରା,ଧନେଶ୍ୱର ପାଢ଼ୀ, ପ୍ରଦୀପ ନାୟକ, ହରିଶ୍ଚନ୍ଦ୍ର ନାୟକ, ଜୟପ୍ରକାଶ ବେହେରା ଗଣେଷ କର ପ୍ରମୁଖଙ୍କ ଯୋଗ ଦେଇଥିଲେ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida